RNI No.ODIODI/2010/33031
୧୬ ବର୍ଷ Volume- 16
ISSUE -248 ସଂଖ୍ୟା-୨୪୮
ଭୁବନେଶ୍ୱର, ବୁଧବାର ୧୭ ଡିସେମ୍ବର ୨୦୨୫
Bhubaneswar, Wednesday 17 December, 2025
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN

ମନ୍ଥନ

www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



# କଡ଼ାକଡ଼ି ହେବ ଟ୍ରାଫିକ ନିୟମ

**ଭୁବନେଶ୍ୱର,୧୬।୧୨ (ନି.ପ୍ର):** ଏଣିକି ରାଜ୍ୟରେ ଟ୍ରାଫିକ୍ ଉଲ୍ଲଂଘନକାରୀଙ୍କ ଉପରେ ହେବ କଡା କାର୍ଯ୍ୟାନୁଷ୍ଠାନ। ଡ୍ରାଇଭିଂ ଲାଇସେନ୍ସ, ଫିଟନେସ୍ ସାର୍ଟିଫିକେଟ୍ ଓ ଗାଡ଼ିର



ରେଜିଷ୍ଟ୍ରେସନ୍ ହେବ ବାତିଲ। ରାଜ୍ୟ ସଡକ ପ୍ରାଧିକରଣ ଏନେଇ ଜାରି କରିଛି ନିର୍ଦ୍ଦେଶନାମା। ମଦ ପିଇ ଗାଡ଼ି ଚଳାଇବା, ବେଗ ଅତିକ୍ରମ କରିବା, ଦୁର୍ଘଟଣାରେ ମୃତ୍ୟୁ କିମ୍ବା ଆହତ ଘଟଣାରେ ଡ୍ରାଇଭିଂ ଲାଇସେନ୍ସ ବାତିଲ ହୋଇଯିବ ବୋଲି ନିୟମ ରହିଛି। ବାରମ୍ବାର ନିୟମ ଉଲ୍ଲଂଘନ କଲେ ଆରସି ବାତିଲ କରିଦିଆଯିବ ବୋଲି ପରିବହନ ବିଭାଗ କହିଛି। ସମସ୍ତ କାର୍ଯ୍ୟାନୁଷ୍ଠାନକୁ ବାହନ ଓ ସାରଥି ପୋର୍ଟାଲରେ ତୁରନ୍ତ ରେକର୍ଡ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅବହେଳା କଲେ କର୍ମଚାରୀଙ୍କ ବିରୋଧରେ ମଧ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସର୍କୁଲାରରେ କୁହାଯାଇଛି।

ଦୁଇଟି ସର୍କୁଲାର ଭିତରୁ ଗୋଟିଏ ୨୫.୮.୨୦୧୫ରେ ଜାରି କରିଥିଲା ରାଜ୍ୟ ସଡକ ପ୍ରାଧିକରଣ। ଆଉ ଅନ୍ୟ ସର୍କୁଲାର ୧୫.୬.୨୦୨୫ରେ ଜାରି ହୋଇଛି। ୧୦ ବର୍ଷ ତଳେ ଜାରି ହୋଇଥିବା ସର୍କୁଲାରରେ ବି ସମାନ କଥା ଲେଖାଯାଇଛି। ଟ୍ରାଫିକ ନିୟମ ଉଲ୍ଲଂଘନ କଲେ ଡ୍ରାଇଭିଂ ଲାଇସେନ୍ସ ବାତିଲ ହେବ ବୋଲି ଲେଖାଯାଇଛି।

# ଲୋକସଭାରେ 'ଭିବି-ଜି ରାମ୍ ଜି' ବିଲ୍ ଆଗତ, କଂଗ୍ରେସର ବିରୋଧ

**ନୂଆଦିଲ୍ଲୀ,୧୬।୧୨(ନି.ପ୍ର):** ଲୋକସଭାରେ ମନରେଗା ନାମ ପରିବର୍ତ୍ତନ ବିଲ୍ ଆଗତ ହୋଇଛି। କୃଷିମନ୍ତ୍ରୀ ଶିବରାଜ ସିଂ ଚୌହ୍ୱାନ 'ବିକଶିତ ଭାରତ-ଗ୍ୟାରେଣ୍ଟି ଫର୍ ଆଣ୍ଡ୍ ଆଜୀବିକା ମିଶନ-ଗ୍ରାମୀଣ'କୁ ଉପସ୍ଥାପନ କରିଛନ୍ତି । ଏହି ବିଲକୁ କଂଗ୍ରେସ ଏବଂ ଟିଏମସି ଜୋରଦାର ବିରୋଧ କରିଛି।

କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଆଜି ଲୋକସଭାରେ ବିକଶିତ ଭାରତ - ରୋଜଗାର ଏବଂ ଜୀବିକା ମିଶନ (ଗ୍ରାମୀଣ) ପାଇଁ ଗ୍ୟାରେଂଟି: ଭିବି - ଜି ରାମ ଜି (ବିକଶିତ ଭାରତ - ଜି ରାମ ଜି) ବିଲ୍, ୨୦୨୫ ଉପସ୍ଥାପନ କରିଛନ୍ତି । ଏହି ବିଲର ଉଦ୍ଦେଶ୍ୟ ହେଉଛି, ୨୦୪୭ ସୁଦ୍ଧା ବିକଶିତ ଭାରତର ଜାତୀୟ ସଂକଳ୍ପ ଅନୁରୂପ ଏକ ଗ୍ରାମୀଣ ବିକାଶ ଢାଂଚା ପ୍ରତିଷ୍ଠା କରିବା। ଏହା ଅଧୀନରେ ପ୍ରତ୍ୟେକ ଗ୍ରାମୀଣ ପରିବାର ଯାହାର ବୟସ୍କ ସଦସ୍ୟ ଅଣକୁଶଳୀ ଶ୍ରମ କରିବାକୁ ଇଚ୍ଛୁକ, ସେମାନଙ୍କୁ ପ୍ରତ୍ୟେକ ଆର୍ଥିକ ବର୍ଷରେ ୧୨୫ ଦିନର ମଜୁରି ଆଧାରିତ ନିଯୁକ୍ତିର ଏକ ବୈଧାନିକ ଗ୍ୟାରେଂଟି ପ୍ରଦାନ କରାଯିବ। ଏହାସହିତ ଏକ ସମୃଦ୍ଧ ଏବଂ ସଶକ୍ତ ଗ୍ରାମୀଣ ଭାରତ ପାଇଁ ସଶକ୍ତିକରଣ, ବିକାଶ, ସମନ୍ୱୟ ଏବଂ ସମ୍ପୂର୍ଣ୍ଣତାକୁ ପ୍ରୋତ୍ସାହିତ କରାଯିବ।ଏହି ଐତିହାସିକ ବିଲ୍ ଭବିଷ୍ୟତ ପାଇଁ





ପ୍ରସ୍ତୁତ, ସମନ୍ୱିତ ଏବଂ ସମ୍ପୂର୍ଣ୍ଣତା ଆଧାରିତ ଗ୍ରାମୀଣ ବିକାଶ ଢାଂଚା ସ୍ଥାପନ କରିବାର ଲକ୍ଷ୍ୟ ରଖିଛି। ଏହା ୨୦୪୭ ମସିହାରେ ଏକ ବିକଶିତ ଭାରତର

ଦୃଷ୍ଟିକୋଣ ଅନୁରୂପ ଗ୍ରାମୀଣ ବିକାଶକୁ ସମର୍ଥନ କରିବ। ଫଳରେ ନିଯୁକ୍ତି ସୁଯୋଗ ସୃଷ୍ଟି ମାଧ୍ୟମରେ ଗ୍ରାମୀଣ ପରିବାରକୁ ସଶକ୍ତ କରାଯିବ। ଏହି ବିଲ୍ ବିକଶିତ ଗ୍ରାମ ପଂଚାୟତ ଯୋଜନା ଉପରେ ଆଧାରିତ ଏକ ସମନ୍ୱିତ ଯୋଜନା ପ୍ରକ୍ରିୟା ମାଧ୍ୟମରେ ସମସ୍ତ ପ୍ରାସଙ୍ଗିକ ଯୋଜନାକୁ ସମନ୍ୱିତ କରିବା ସହିତ ସେଗୁଡ଼ିକୁ ସଂସ୍ଥାଗତ ରୂପ ଦେବ। ଏହାକୁ ବିକଶିତ ଭାରତ ଜାତୀୟ ଗ୍ରାମୀଣ ଭିତ୍ତିଭୂମି ଷ୍ଟାକରେ ସଂଯୁକ୍ତ କରାଯିବ। ଏହା ବ୍ୟତୀତ, ଏକ ପ୍ରଯୁକ୍ତିବିଦ୍ୟା-ସକ୍ଷମ ଢାଂଚା ଏବଂ ଆଇନଗତ ଓ ପ୍ରଶାସନିକ ବ୍ୟବସ୍ଥା ମାଧ୍ୟମରେ ଅଧିକ ସ୍ୱଚ୍ଛ ଏବଂ ଉତ୍ତରଦାୟୀ ବ୍ୟବସ୍ଥା ସୁନିଶ୍ଚିତ କରାଯାଇଛି।ବିକଶିତ ଭାରତ - ରୋଜଗାର ଏବଂ ଜୀବିକା ମିଶନ (ଗ୍ରାମୀଣ) ପାଇଁ ଗ୍ୟାରେଂଟି: ଭିବି - ଜି ରାମ ଜି (ବିକଶିତ ଭାରତ - ଜି ରାମ ଜି) ବିଲ୍, ୨୦୨୫ ଅଧୀନରେ ଗ୍ରାମୀଣ ପରିବାରର ଅକୁଶଳୀ ଶାରୀରିକ ଶ୍ରମ କରିବାକୁ ଇଚ୍ଛୁକ ବୟସ୍କ ସଦସ୍ୟଙ୍କ ପାଇଁ ପ୍ରତି ଆର୍ଥିକ ବର୍ଷରେ ବୈଧାନିକ ମଜୁରୀ ନିଯୁକ୍ତି ଗ୍ୟାରେଂଟି ୧୨୫ ଦିନ ପର୍ଯ୍ୟନ୍ତ ବୃଦ୍ଧି କରାଯିବ।

କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀ ସଂସଦ ବାହାରେ ଏକ ପ୍ରତିବାଦ ଶୋଭାଯାତ୍ରାର ବାହାରିଛନ୍ତି। ସେ କହିଛନ୍ତି, ସତ କଥା ହେଉଛି ଯୋଜନାର ନାମ ପରିବର୍ତ୍ତନ କରିବା ଆଳରେ ସେମାନେ ଏହାକୁ ବାତିଲ କରିବାକୁ ଚାହୁଁଛନ୍ତି। ମନରେଗା ଆଇନକୁ ବଦଳାଇବା ଯେଉଁ ନୂତନ ବିଲ୍ ଆସିଛି , ତାହା ଗ୍ରାମୀଣ ଶ୍ରମିକଙ୍କ କାମ କରିବାର ଅଧିକାରକୁ ଦୁର୍ବଳ କରିବ। ଏହି ବିଲ୍ ସମ୍ବିଧାନର ବିରୁଦ୍ଧରେ । ଗ୍ରାମାଞ୍ଚଳର ଲୋକାମାନଙ୍କୁ ସରକାରଙ୍କ ତରଫରୁ ବାର୍ଷିକ ୧୦୦ ଦିନର କାମ ଯୋଗାଇବାକୁ ୟୁପିଏ ସରକାର ମହାତ୍ମା ଗାନ୍ଧୀ ନିଶ୍ଚିନ୍ତ କର୍ମ ନିଯୁକ୍ତି ଯୋଜନା ବା ମନରେଗା ଲାଗୁ କରିଥିଲେ।। ଏବେ ଏନଡିଏ ସରକାର ଏହି ଯୋଜନାର ନାମ ସହ କିଛି ନିୟମ ମଧ ପରିବର୍ତ୍ତନ କରିବାକୁ ଯୋଜନା କରିଛନ୍ତି ସରକାର ।

# ଓଡ଼ିଶାର ଫାର୍ମା କ୍ଷେତ୍ରରେ ନୂତନ ଶିଖର ଛୁଇଁବ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,**୧୬।୧୨(ନି.ପ୍ର.)::** ଗୁଣାତ୍ମକ ଔଷଧ ଉତ୍ପାଦନ ଏବଂ ଚିକିତ୍ସା ପାଇଁ ଉନ୍ନତ ମାନର ଡ଼ିଭାଇସ ପ୍ରସ୍ତୁତ କରି ଓଡ଼ିଶା ପୂର୍ବ ଭାରତର ଏକ ପ୍ରମୁଖ ଫାର୍ମା କେନ୍ଦ୍ର ଭାବରେ ଉଭା ହେବା ପାଇଁ ପ୍ରସ୍ତୁତ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଭୁବନେଶ୍ୱର ସ୍ଥିତ ହୋଟେଲ ତାଜ ଭିଭାନ୍ତା ଠାରେ ଆୟୋଜିତ ଓଡ଼ିଶା ଫାର୍ମା ସମ୍ମିଳନୀ ୨୦୨୫କୁ ସମ୍ବୋଧନ କରି କହିଛନ୍ତି।

ସୂଚନା ଯୋଗ୍ୟଯେ ଉକ୍ତ କାର୍ଯ୍ୟକ୍ରମ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ସମୁଦାୟ ୬,୨୬୩ କୋଟି ଟଙ୍କାର ୪୫ଟି ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି, ଯାହା ରାଜ୍ୟରେ ସମୁଦାୟ ୩୮,୪୦୬ ନିଯୁକ୍ତି ସୃଷ୍ଟି କରିବ। ସେଥି ମଧ୍ୟରୁ ଫର୍ମାସ୍ୟୁଟିକାଲସ ପାଇଁ ୩୨ଟି ବୁଝାମଣାପତ୍ର, ମେଡିକାଲ ଉପକରଣ ପାଇଁ ୧୨ଟି ବୁଝାମଣାପତ୍ର ଏବଂ ଏକ ଲ୍ୟାଣ୍ଡମାର୍କ ଶିଳ୍ପ ପାର୍କ ପ୍ରସ୍ତାବ ପାଇଁ ଆଉ ଗୋଟିଏ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ, ଓଡ଼ିଶା ଫର୍ମାସ୍ୟୁଟିକାଲ ଏବଂ ମେଡିକାଲ ଡ଼ିଭାଇସ ନୀତି ୨୦୨୫ ର ଶୁଭାରମ୍ଭ କରିବା ସହିତ ଖୋର୍ଦ୍ଧା ଠାରେ ଗୋଟିଏ ଉତ୍ସର୍ଗୀକୃତ ଫାର୍ମା ପାର୍କ ତଥା ଏକ ମେଡିକାଲ ଡ଼ିଭାଇସେସ୍ ପାର୍କ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି।

ନିଜ ଅଭିଭାଷଣରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଓଡିଶାକୁ ନିବେଶକ ମାନଙ୍କର ପ୍ରଥମ ପସନ୍ଦର ରାଜ୍ୟ କରିବାକୁ ସରକାର ସମସ୍ତ ପ୍ରକାର ଆବଶ୍ୟକତାକୁ ପୂରଣ କରୁଛନ୍ତି। ଏଥିସହିତ ରାଜ୍ୟରେ ଅଣ ପାରମ୍ପରିକ ଉଦ୍ୟୋଗକୁ ମଧ ବିକାଶ କରିବା ପାଇଁ ସେ ପ୍ରତିଶ୍ରୁତିବଦ୍ଧ। ଓଡ଼ିଶା ବର୍ତ୍ତମାନ ପୁଞ୍ଜି ନିବେଶ ପାଇଁ ଦେଶର ସବୁଠାରୁ ଉତ୍କୃଷ୍ଟ ରାଜ୍ୟ ମଧ୍ୟରୁ ଗୋଟିଏ। ଆମର ଶିଳ୍ପ ଇକୋସିଷ୍ଟମ ଦେଶର ସର୍ବୋତ୍ତମ ପରିବେଶ ମଧ୍ୟରେ ଅନ୍ୟତମ। ଅନ୍ୟାନ୍ୟ ଶିଳ୍ପ




ସହିତ ଔଷଧ ଉତ୍ପାଦନରେ ମଧ ଓଡିଶାକୁ ଏକ ପ୍ରମୁଖ କେନ୍ଦ୍ର କରିବା ଆମର ଲକ୍ଷ୍ୟ।ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଧାତୁ, ଖଣିଜ ଏବଂ ରାସାୟନିକ କ୍ଷେତ୍ର ଗୁଡିକ ହେଉଛି ଆମ ଓଡିଶାରେ ଶିଳ୍ପର ବ୍ୟାକବୋନ୍। କିନ୍ତୁ ରାଜ୍ୟର ସମ୍ବଳକୁ ଲୋକାଭିମୁଖୀ କରିବା ପାଇଁ, ଆମକୁ ଆହୁରି ଆଗକୁ ଯିବାକୁ ପଡିବ। ତେଣୁ ଆମେ ଭିତ୍ତିଭୂମି, ନବସୃଜନ ଶକ୍ତି ଓ ଜ୍ଞାନଭିତ୍ତିକ ଅର୍ଥନୀତି ଉପରେ ଅଧିକ ଗୁରୁତ୍ୱ ଦେଇଛୁ। ଗତ ଦେଢ ବର୍ଷ ଭିତରେ ରାଜ୍ୟରେ ଶିଳ୍ପର ବ୍ୟାପକ ବିବିଧକରଣ ହୋଇଛି। ଓଡିଶାରେ କେମିକାଲ୍ସ, ପେଟ୍ରୋକେମିକାଲ୍ସ, ଗ୍ରୀନ ଏନର୍ଜି, ଫିନଟେକ୍, ଇଲେକ୍ଟ୍ରୋନିକ୍ସ, ସେମିକଣ୍ଡକ୍ଟର, ବୟନଶିଳ୍ପ, ପର୍ଯ୍ୟଟନ ଆଦି କ୍ଷେତ୍ରରେ ନିବେଶ ଆସିଛି। ଆଜି ଠାରୁ ଫାର୍ମା କ୍ଷେତ୍ରରେ ମଧ ଏକ ନୂତନ ଅଧ୍ୟାୟ ଆରମ୍ଭ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆମର ଶିଳ୍ପ, ସମଗ୍ର ବିଶ୍ୱର ଶିଳ୍ପ ସହିତ ଯୋଡି ହେଉ, ଏବଂ ସମଗ୍ର ବିଶ୍ୱର ଶିଳ୍ପ କ୍ଷେତ୍ରରେ ଓଡ଼ିଶା ନିଜର ପରିଚୟ ସୃଷ୍ଟି କରିବା ଆମର ଲକ୍ଷ୍ୟ ।ଫାର୍ମା କ୍ଷେତ୍ର ଉପରେ ଆଲୋକପାତ କରି ସେ କହିଲେ ଯେ ଗତ ଦେଢ଼ ବର୍ଷ ମଧ୍ୟରେ, ଆମେ ରାଜ୍ୟର ଶିଳ୍ପ ନୀତି ଏବଂ ଫାର୍ମା ନୀତିରେ ଆବଶ୍ୟକୀୟ ପରିବର୍ତ୍ତନ ଆଣିଛୁ। ଆମର ଫାର୍ମା ନୀତି ଦେଶର ସର୍ବୋତ୍ତମ ନୀତି ମଧ୍ୟରୁ ଗୋଟିଏ। ନୂଆ ଫାର୍ମା ନୀତିରେ ଗବେଷଣା, ପୁଞ୍ଜି ନିବେଶ, ଭିତ୍ତିଭୂମି ନିର୍ମାଣ, ନିଯୁକ୍ତି ଇତ୍ୟାଦି ଫାର୍ମା କ୍ଷେତ୍ରର ପ୍ରତ୍ୟେକ ଅଂଶକୁ ପ୍ରୋତ୍ସାହନ ଦିଆଯାଇଛି ବୋଲି ସେ କହିଥିଲେ। ଆଗାମୀ କିଛି ବର୍ଷ ମଧ୍ୟରେ ଓଡ଼ିଶାର ଫାର୍ମା କ୍ଷେତ୍ର ନୂତନ ଶିଖର

ଛୁଇଁବ ବୋଲି ମୁଖ୍ୟମନ୍ତ୍ରୀ ଦୃଢୋକ୍ତି ପ୍ରକାଶ କରିବା ସହିତ ଗୁଣବତ୍ତା ଏବଂ ମୂଲ୍ୟ ଦୃଷ୍ଟିରୁ, ଓଡ଼ିଶାର ଫାର୍ମା ଉତ୍ପାଦ ବିଶ୍ୱରେ ସବୁଠାରୁ ଆକର୍ଷଣୀୟ ହେବ, ଏବଂ ମେଡ-ଟେକ୍ ଉତ୍ପାଦନରେ ମଧ ଏହା ଓଡ଼ିଶାର ସୁନାମ ହେବ ବୋଲି ସେ କହିଥିଲେ।ସେ ଆହୁରି କହିଥିଲେ ଯେ ଫାର୍ମା ଶିଳ୍ପ ଯାହା ଆବଶ୍ୟକ କରେ, ରାଜ୍ୟ ତାହା ସମସ୍ତ ଦେବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ। ଓଡ଼ିଶାର ପରିବେଶ ସମ୍ପୂର୍ଣ୍ଣ ଶିଳ୍ପ ଅନୁକୂଳ। ଯାହା ଶିଳ୍ପ ପାଇଁ ଆବଶ୍ୟକ, ସବୁକିଛି ଓଡ଼ିଶାରେ ଅଛି। ଓଡ଼ିଶାରେ ଦେଶର ସର୍ବାଧିକ ଖଣିଜ ପଦାର୍ଥ, ତିନୋଟି ପ୍ରମୁଖ ବନ୍ଦର, ଦୁଇଟି ବାଣିଜ୍ୟିକ ବିମାନବନ୍ଦର, ୫୭୫ କିଲୋମିଟର ପରିବ୍ୟାପ୍ତ ଉପକୂଳ, ଉନ୍ନତ ରେଳ ଏବଂ ସଡ଼କ ନେଟୱାର୍କ, ଅତିରିକ୍ତ ବିଦ୍ୟୁତ୍, ପର୍ଯ୍ୟାପ୍ତ ଜଳର ଉପଲବ୍ଧତା ସହ ତାଲିମପ୍ରାପ୍ତ ମାନବଶକ୍ତି ମଧ ଅଛି। ଏଣୁ ଓଡ଼ିଶା ପୂର୍ବ ଭାରତର ମାନ୍ୟୁଫାକ୍ଚରିଙ୍ଗ ହବ୍ ହେବାପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ।କାର୍ଯ୍ୟକ୍ରମରେ ଶିଳ୍ପ ଏବଂ ଦକ୍ଷତା ବିକାଶ ମନ୍ତ୍ରୀ ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ କହିଥିଲେ ଯେ ଓଡ଼ିଶା ଫାର୍ମା ସମ୍ମିଳନୀ ୨୦୨୫ ଆମ ରାଜ୍ୟର ବିକାଶ-କେନ୍ଦ୍ରିତ ଶିଳ୍ପାୟନ ରଣନୀତିକୁ ପ୍ରତିଫଳିତ କରୁଛି। ପ୍ରଗତିଶୀଳ ନୀତି, ସମର୍ପିତ ଶିଳ୍ପ ପାର୍କ, ଦକ୍ଷ ମାନବ ସମ୍ବଳ ସହିତ ଓଡ଼ିଶା ବର୍ତ୍ତମାନ ଔଷଧ ଏବଂ ଚିକିତ୍ସା ଉପକରଣ ନିର୍ମାତାଙ୍କ ପାଇଁ ଏକ ପ୍ରକୃଷ୍ଟ ପରିବେଶ ସୃଷ୍ଟି କରିବ।

ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ମହାକାଳପଡ଼ା ବିଧାୟକ ଶ୍ରୀ ଦୁର୍ଗା ପ୍ରସନ୍ନ ନାୟକ, ମୁଖ୍ୟ ଶାସନ ସଚିବ ଶ୍ରୀ ମନୋଜ ଆହୁଜା, ଉନ୍ନୟନ କମିଶନର ଶ୍ରୀମତୀ ଅନୁ ଗର୍ଗ, ପ୍ରମୁଖ ଉପସ୍ଥିତ ଥିଲେ। ଶିଳ୍ପ ତଥା ସୂଚନା ଓ ଲୋକସମ୍ପର୍କ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ହେମନ୍ତ ଶର୍ମା ସ୍ୱାଗତ ଭାଷଣ ଦେଇଥିବା ବେଳେ ସ୍ୱାସ୍ଥ୍ୟ ବିଭାଗ କମିଶନର ତଥା ସଚିବ ଶ୍ରୀମତୀ ଅଶ୍ୱତୀ ଏସ୍ ଧନ୍ୟବାଦ ଦେଇଥିଲେ।

## ଓମସାର ଚେତାବନୀ : ୨୬ରୁ ଘଣ୍ଟାଏ ଓପିଡି ବନ୍ଦ

ଭୁବନେଶ୍ୱର,୧୬।୧୨(ନି.ପ୍ର): ଦାବି ପୂରଣ ନ ହେଲେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛି ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏସନ(ଓମସା)। ଏ ନେଇ ଓମସା ପକ୍ଷରୁ ମଙ୍ଗଳବାର ଏକ ସାମ୍ବାଦିକ ସମ୍ମିଳନୀରେ ଚେତାବନୀ ଦିଆଯାଇଛି।ଓମସାର ସାଧାରଣ ସମ୍ପାଦକ ଡା. ସଞ୍ଜୀବ ପ୍ରଧାନ ସୂଚନା ଦେଇଛନ୍ତି ଯେ, ବିଭିନ୍ନ ଦାବି ନେଇ ଗତ ନଭେମ୍ବର ୨୦ରୁ ଡାକ୍ତରମାନେ କଳାବ୍ୟାଜ ପିନ୍ଧି କାର୍ଯ୍ୟ କରୁଛନ୍ତି। କେନ୍ଦ୍ରୀୟ ବେତନ ହାର, କ୍ୟାଡର ପୁନର୍ଗଠନ, ଦାନ୍ତ ଡାକ୍ତରଙ୍କୁ ସୁବିଧା ପ୍ରଦାନ, ବାର୍ଷିକ ପଦୋନ୍ନତି, ଡାକ୍ତରଙ୍କୁ ସରକାରୀ କ୍ୱାର୍ଟର୍ସ, ବୀମା ଆଦି ସୁବିଧା ଦେବା ଭଳି ୧୮ ଦଫା ଦାବି ରଖାଯାଇଛି। ଦାବି ପୂରଣ ନ ହେଲେ ଆସନ୍ତା ଡିସେମ୍ବର ୨୬ରୁ ଘଣ୍ଟାଏ ପାଇଁ ଓପିଡି ବନ୍ଦ ରଖାଯିବ। ଏହା ସତ୍ୱେ ଦାବି ପୂରଣ ନ ହେଲେ ଜାନୁୟାରୀ ମାସରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ।

# ନୂଆବର୍ଷରେ ଶ୍ରୀମନ୍ଦିରରେ ଶୃଙ୍ଖଳିତ ଦର୍ଶନ ନେଇ ଡିଜିଙ୍କ ସମୀକ୍ଷା

ଭୁବନେଶ୍ୱର,୧୬।୧୨(ନି.ପ୍ର): ଇଂରାଜୀ ନବ ବର୍ଷ ୨୦୨୬ ଉପଲକ୍ଷେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବାକୁ ଲକ୍ଷାଧିକ ଭକ୍ତଙ୍କ ପୁରୀକୁ ଆସିବାର ସମ୍ଭାବନା ରହିଛି। ଭକ୍ତଙ୍କ ସୁରକ୍ଷା, ମହାପ୍ରଭୁଙ୍କ ଶୃଙ୍ଖଳିତ ଦର୍ଶନ, ମନ୍ଦିର ସୁରକ୍ଷା, ଟ୍ରାଫିକ ବ୍ୟବସ୍ଥାର ସୁସମନ୍ୱୟ ଓ ସୁପରିଚାଳନା ଉପରେ ମଙ୍ଗଳବାର ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱର ସ୍ଥିତ ଡିଜିପିଙ୍କ କ୍ୟାମ୍ପ କାର୍ଯ୍ୟାଳୟଠାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି।

ପୁରୀକୁ ଲକ୍ଷାଧିକ ଭକ୍ତଙ୍କ ଆଗମନକୁ ଦୃଷ୍ଟିରେ ରଖି ସହର ମଧ୍ୟରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବାକୁ ଡିଜିପି ବୈଠକରେ ଗୁରୁତ୍ୱାରୋପ କରିଥିଲେ। ଶ୍ରୀ ମନ୍ଦିର



ପରିସର ମଧ୍ୟରେ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ, ଭିଡ଼ ସୁନିୟନ୍ତ୍ରଣ, ଟ୍ରାଫିକ ଓ ପାର୍କିଂ ବ୍ୟବସ୍ଥାର ସୁପରିଚାଳନା, ସମୁଦ୍ର କୂଳରେ ପାଟ୍ରୋଲିଂ, ଗୁରୁତ୍ୱପୂର୍ଣ୍ଣ ଛକମାନଙ୍କରେ ସିସିଟିଭି ସ୍ଥାପନ, ହୋଟେଲ ଓ ଲଜ୍ ଗୁଡିକରେ କଡା କଡ଼ି ଚେକିଂ ଭଳି ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ଡିଜିପି ବରିଷ୍ଠ ପୋଲିସ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ବରିଷ୍ଠ ଅଧିକାରୀଙ୍କ ସହ ଉପଯୁକ୍ତ ସମନ୍ୱୟ ରଖି କାର୍ଯ୍ୟ କରିବା, ଭକ୍ତମାନଙ୍କ ପ୍ରତି ଉତ୍ତମ ବ୍ୟବହାର ପ୍ରଦର୍ଶନ ଏବଂ ଯେକୌଣସି ଅପ୍ରତ୍ୟାଶିତ ପରିସ୍ଥିତିର ମୁକାବିଲା କରିବାକୁ ସର୍ବଦା ପ୍ରସ୍ତୁତ ରହିବାକୁ ଡିଜିପି ନିର୍ଦ୍ଦେଶ ଦେଇଥିଲେ। ନବବର୍ଷ ପାଳନ ଅବସରରେ ପୁରୀରେ ସୁରକ୍ଷିତ, ଶୃଙ୍ଖଳିତ ଓ ଶାନ୍ତିପୂର୍ଣ୍ଣ ପରିବେଶ ସୃଷ୍ଟି କରିବା ପାଇଁ ପୁଲିସ ପକ୍ଷରୁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ଡିଜିପି ପୁରୀ ଏସପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ରାଜଧାନୀ ଗଣଦୁଷ୍କର୍ମ ରେଡ୍ ଫ୍ଲାଗ ଘୋଷଣା

ଭୁବନେଶ୍ୱର,୧୬।୧୨(ନି.ପ୍ର): ରାଜଧାନୀରେ ଯୁବତୀଙ୍କୁ ଗଣଦୁଷ୍କର୍ମ ମାମଲାକୁ ରାଜ୍ୟ ସରକାର ରେଡ୍ ଫ୍ଲାଗ ଘୋଷଣା କରିଛନ୍ତି।ଏହି ମାମଲାକୁ ରେଡ୍ ଫ୍ଲାଗ ଅନ୍ତର୍ଭୁକ୍ତ କରାଯାଇଛି।ସେପଟେ ଆଜି କ୍ରାଇମ ସ୍ପଟ୍‌ରେ ପହଞ୍ଚିଛନ୍ତି ମହିଳା କମିଶନ ସଦସ୍ୟା ପ୍ରଥମେ ଧଉଳି ଥାନା ଯାଇ ଅନୁଧ୍ୟାନ କରିବା ପରେ କ୍ରାଇମ୍ ସ୍ପଟ୍ ରେ ପହଞ୍ଚିଥିଲେ ମହିଳା କମିସନର। ନିଜ ଆଡୁ ମାମଲା ରୁଜୁ କରିବା ସହିତ ଏହି ଘଟଣାକୁ ଗୁରୁତର ସହ ନିଆଯାଇଛି ଏବଂ ଏହିପାଇଁ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବୁ ବୋଲି କହିଛନ୍ତି।ସୂଚନାଯୋଗ୍ୟ, ସୂଚନା ଅନୁସାରେ, ଗତ ୧୧ ତାରିଖ ଦିନ ଭୁବନେଶ୍ୱର ଦୟାନଦୀ କୂଳକୁ ନାବାଳିକା ବୁଲିବାକୁ ଯାଇଥିଲେ ସେଠାରୁ ଫେରି ଦୟା ବ୍ରିଜ ନିକଟରେ ନଦୀବନ୍ଧ ରାସ୍ତାରେ ଯାଉଥିବା ସମୟରେ ୪/୫ ଦୁର୍ବୃତ୍ତ ତାଙ୍କୁ ଏବଂ ତାଙ୍କ ପୁରୁଷ ବନ୍ଧୁଙ୍କୁ ଲୁଟ କରିବାକୁ ଉଦ୍ୟମ କରିଥିଲେ। ସେମାନେ ବାଧା ଦେବାରୁ ଅଭିଯୁକ୍ତମାନେ ପୁରୁଷ ବନ୍ଧୁଙ୍କୁ ମାଡ଼ ମାରିଥିଲେ। ଏହା ପରେ ଦୁଇ ଅଭିଯୁକ୍ତ ନାବାଳିକାଙ୍କୁ ବଳପୂର୍ବକ ଦୁଷ୍କର୍ମ କରିଥିବା ଅଭିଯୋଗରେ ଦର୍ଶାଯାଇଛି। ଏ ନେଇ ପୀଡିତା ଜଣକ ଧଉଳି ଥାନାରେ ଏତଲା ଦେଲା ପରେ ପୀଡିତାଙ୍କ ବୟାନ ରେକର୍ଡ କରିଥିଲା। ପୁଲିସ ଏହି ଆଧାରରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା ।ଏହି ଘଟଣାରେ ପୁଲିସ ଗତ ରବିବାର ଜଣକୁ ଗିରଫ କରିବା ସହ ସୋମବାର ଆଉ ଜଣକୁ ଗରିଫ କରିଥିଲା।

# ବାଲି, ମୋରମ ଏବଂ ମାଙ୍କଡା ପଥର ମାଫିଆଙ୍କ ବିରୋଧରେ ୧୩୪ ମାମଲା ରୁଜୁ

ଭୁବନେଶ୍ୱର, ୧୬।୧୨(ନି.ପ୍ର): ରାଜ୍ୟରେ ଚୋରା ବାଲି, ମୋରମ, ମାଙ୍କଡା ପଥର ମାଫିଆ ତଥା ବେଆଇନ ଗୋ-ଚାଲାଣକାରୀଙ୍କ ବିରୋଧରେ ଓଡିଶା ପୋଲିସ ପକ୍ଷରୁ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ଏହି କ୍ରମରେ ଲଘୁ ଖଣିଜ ଦ୍ରବ୍ୟ ଚୋରା ଚାଲାଣ ଓ ଗୋ ଚାଲାଣ ଉପରେ ରୋକ ଲଗାଇବା ପାଇଁ କିଛି ଦିନ ଧରି ପୋଲିସ ତରଫରୁ 'ଅପରେସନ୍ ଧରପଗଡ' ଅଭିଯାନ କରାଯାଇଥିଲା । ରାଜ୍ୟ ତମାମ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ବାଲି ବୋଝେଇ ଟ୍ରାକ୍ଟର, ଟ୍ରକ, ଟିପର ଓ ହାଇୱାକୁ ଜବତ କରାଯାଇଛି।

ଅଦ୍ୟାବଧି ସାରା ରାଜ୍ୟରେ ବାଲି, ମୋରମ ଏବଂ ମାଙ୍କଡା ପଥର ମାଫିଆଙ୍କ ବିରୋଧରେ ୧୩୪ ଟି ମାମଲା ରୁଜୁ କରାଯାଇଥିବା ବେଳେ ୧୬୩ ଟି ବାଲି ବୋଝେଇ ଟ୍ରାକ୍ଟର, ଟ୍ରକ, ଟିପର ଓ ହାଇୱାକୁ ଜବତ କରାଯାଇଛି । ଏହା ସହ ୧୪ ଜଣ ବ୍ୟକ୍ତିଙ୍କୁ ଗିରଫ କରାଯାଇଥିବା ବେଳେ ୯୨ରୁ ଅଧିକ ଲୋକଙ୍କୁ ନୋଟିସ ଦିଆଯାଇଛି । ମୟୂରଭଞ୍ଜ ଜିଲ୍ଲା ପୋଲିସ ୩୯ ଟି ମାମଲା ରୁଜୁ କରି ୪୫ ଟି ଯାନ, ବାଲେଶ୍ୱର ୩୨ ଟି ମାମଲା କରି ୬୭ ଟି ଯାନ, ଭଦ୍ରକ ଜିଲ୍ଲା ୧୮ ଟି ମାମଲା ସହ ୧୮ ଟି ଯାନ ଏବଂ ଗଞ୍ଜାମ ଜିଲ୍ଲା ୩୩ ଟି ମାମଲା ରୁଜୁ କରି ୩୩ ଟି ଯାନ ଜବତ କରିଛି । ସେହିପରି ବେଆଇନ ଗୋ-ଚାଲାଣ ଅଭିଯୋଗରେ ପୋଲିସ ୨୩ ଟି ମାମଲା ରୁଜୁ କରିବା ସହ ୩୧ ଜଣଙ୍କୁ ଗିରଫ କରିଛି ।

ରାଜ୍ୟରେ ଦୁର୍ଦ୍ଧାନ୍ତ ଅପରାଧୀଙ୍କୁ ଚିହ୍ନଟ କରି ଗିରଫ କରିବା, ଅସାମାଜିକ ବ୍ୟକ୍ତିଙ୍କ ବିରୋଧରେ କଠୋର ପଦକ୍ଷେପ ଗ୍ରହଣ କରିବା, ବେଆଇନ ଲଘୁ ଖଣିଜ ଦ୍ରବ୍ୟ ଚୋରା ଚାଲାଣ, ଗୋ-ଚାଲାଣ ବିରୋଧରେ ପଦକ୍ଷେପ ନେବାକୁ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ନିର୍ଦ୍ଦେଶ ଦେଇଛନ୍ତି । ସେହି ଅନୁଯାୟୀ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ଶ୍ରୀ ସଞ୍ଜୟ କୁମାରଙ୍କ ତତ୍ତ୍ୱାବଧାନରେ ରାଜ୍ୟର ସମସ୍ତ ଜିଲ୍ଲାର ଏସପି 'ଅପରେସନ୍ ଧରପଗଡ' ଅଭିଯାନରେ ସାମିଲ ହୋଇଥିଲେ ।

# ଗୁଣିଗାରେଡ଼ି ପାଇଁ ଚାଲିଗଲା ଜୀବନ

**କେନ୍ଦ୍ରାପଡ଼ା,୧୬।୧୨(ନି.ପ୍ର.):** ଗୁଣିଗାରେଡ଼ି ପାଇଁ ଘର ମାଲିକଙ୍କ ଜୀବନ ଯିବା ଘଟଣା କେନ୍ଦ୍ରାପଡ଼ା ଜିଲ୍ଲାରେ ଚାଞ୍ଚଲ୍ୟ ଖେଳାଇଦେଇଛି। ଘରେ ଗୁଣିଗାରେଡ଼ି ଭୟରେ ପୂଜାପାଠ ଚାଲିଥିଲାବେଳେ ଏହି ମର୍ମନ୍ତୁଦ ଘଟଣା ଘଟିଛି। କେନ୍ଦ୍ରାପଡ଼ା ଜିଲା ନିକିରାଇ ଥାନା ପାଳକରା ଗାଁରେ ଏଭଳି ଅଭାବନୀୟ ଘଟଣା ଘଟିଛି। ମିଳିଥିବା ସୂଚନା ଅନୁସାରେ, ଗାଁର ଚନ୍ଦ୍ରଭାନୁ ମହାରଣାଙ୍କ ଘରେ ସବୁବେଳେ ଅଶାନ୍ତି ଲାଗି ରହିଥିଲା। ଏଥିରୁ ମୁକ୍ତି ପାଇବା ପାଇଁ ଘର ମାଲିକ ୩ ଗୁଣିଆଙ୍କୁ ଡାକି ସେଥିପାଇଁ ପୂଜାର୍ଚ୍ଚନା କରିଥିଲେ। ପୂଜାର୍ଚ୍ଚନା ପାଇଁ ଘରେ ୧୦ ଫୁଟର ଗଭୀରର ମାଟି ଖୋଳାଯାଇଥିଲା। ଘରର ମାଲିକ ମାଟି ଖୋଳୁଥିବାବେଳେ ଉପରେ ରହି ଦୁଇ ତାନ୍ତ୍ରିକ ପୂଜା ପାଠ କରୁଥିଲେ। ହଠାତ୍ ମାଟି ଅତଡ଼ା ତାଙ୍କ ଉପରେ ପଡ଼ିଯାଇଥିଲା ଏବଂ ସେ ସେଠାରେ ପୋତି ହୋଇଯାଇଥିଲେ। ଫଳରେ ଘର ମାଲିକ ମାଟି ତଳେ ଗୁରୁତର ହୋଇପଡ଼ିଥିଲେ। ଏ ସଂପର୍କରେ ଖବର ପାଇ ଉଦ୍ଧାରକାରୀ ଘଟଣାସ୍ଥଳରେ ପହଞ୍ଚି ସଂପୃକ୍ତ ଘର ମାଲିକଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ପରେ ସ୍ଥାନୀୟ ଲୋକମାନେ ଭିଡ଼ ଜମାଇବା ପରେ ଭୟରେ ଜଣେ ବ୍ୟକ୍ତି ସେଠାରୁ ଫେରାର ହୋଇଯାଇଥିବାବେଳେ ୨ ଗୁଣିଆଙ୍କୁ ଅଟକ ରଖାଯାଇଛି।ପୁଲିସ ପହଞ୍ଚି ଘଟଣାର ତଦନ୍ତ ଚଳାଇଛି।

# ବିକଶିତ ଭାରତ ଶିକ୍ଷା ଅଧିଷ୍ଠାନ ବିଲ୍ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକୁ ସ୍ୱାୟତତା ପ୍ରଦାନ କରିବା ସହ ସଶକ୍ତ କରିବ: ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ/ଭୁବନେଶ୍ୱର, **୧୬।୧୨(ନି.ପ୍ର.):** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗତକାଲି ଲୋକସଭାରେ 'ବିକଶିତ ଭାରତ ଶିକ୍ଷା ଅଧିଷ୍ଠାନ ବିଲ୍ - ୨୦୨୫' ଉପସ୍ଥାପନ କରିବା ପରେ ଆଜି ନୂଆଦିଲ୍ଲୀ ଠାରେ ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରିଛନ୍ତି ।

ସେ ଏହି ବିଲ୍ ଉପରେ କହିଛନ୍ତି, ଦେଶରେ ଶିକ୍ଷା କ୍ଷେତ୍ରରେ ଅନେକ ସଂସ୍କାର ଅଣାଯାଉଥିବା ବେଳେ 'ବିକଶିତ ଭାରତ ଶିକ୍ଷା ଅଧିଷ୍ଠାନ ବିଲ୍ - ୨୦୨୫' ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକୁ ସ୍ୱାୟତ୍ତତା ପ୍ରଦାନ କରିବା ସହ ସଶକ୍ତ କରିବ । ଏହି ବିଲ୍ ର ଉଦ୍ଦେଶ୍ୟ ହେଉଛି ପ୍ରଭାବଶାଳୀ ସମନ୍ୱୟ ଏବଂ ମାନଦଣ୍ଡର ନିର୍ଦ୍ଧାରଣ ମାଧ୍ୟମରେ ଭାରତର ଉଚ୍ଚ ଶିକ୍ଷା ଅନୁଷ୍ଠାନ ଗୁଡ଼ିକୁ ଉତ୍କର୍ଷତା ହାସଲ କରିବା ପାଇଁ ସଶକ୍ତ କରିବା । ଜାତୀୟ ଶିକ୍ଷା ନୀତି - ୨୦୨୦ ଆଧାରରେ ଏହି ବିଲ୍ ପ୍ରସ୍ତୁତ କରାଯାଇଛି । ଏହି ବିଧେୟକର ମୁଖ୍ୟ ଲକ୍ଷ୍ୟ ହେଉଛି ବିଶ୍ୱବିଦ୍ୟାଳୟ ଏବଂ ଅନ୍ୟାନ୍ୟ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକୁ ଶିକ୍ଷାଦାନ, ଶିକ୍ଷଣ, ଗବେଷଣା ତଥା ଉଦ୍ଭାବନ କ୍ଷେତ୍ରରେ ଉତ୍କର୍ଷତା ହାସଲ କରିବା ପାଇଁ ଶକ୍ତିଶାଳୀ କରିବା ଏବଂ ଏକ ସୁଦୃଢ଼ ଓ ସ୍ୱଚ୍ଛ ମାନ୍ୟତା ତଥା ସ୍ୱୟଂଶାସନ ବ୍ୟବସ୍ଥା ମାଧ୍ୟମରେ ଉତ୍କର୍ଷକୁ ପ୍ରୋତ୍ସାହିତ କରିବା । ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକରେ ମାନଦଣ୍ଡ ସ୍ଥିର କରିବା, ନିୟମାବଳୀରେ ସମନ୍ୱୟ ରକ୍ଷା କରିବା ଏବଂ ଉତ୍କର୍ଷତା, ସ୍ୱୟଂଶାସନ ଓ ସ୍ୱଚ୍ଛ ମାନ୍ୟତାକୁ ପ୍ରୋତ୍ସାହିତ କରିବା ପାଇଁ 'ବିକଶିତ ଭାରତ ଶିକ୍ଷା ଅଧିଷ୍ଠାନ' ପ୍ରତିଷ୍ଠା କରିବା । ସେ କହିଛନ୍ତି ଯେ ଏହି ଆଇନ 'ବିଶ୍ୱବିଦ୍ୟାଳୟ ଏବଂ ଅନ୍ୟାନ୍ୟ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକୁ ସ୍ୱାଧୀନ ସ୍ୱ-ପରିଚାଳିତ ଅନୁଷ୍ଠାନ ହେବା ପାଇଁ ସୁବିଧା ଯୋଗାଇବାକୁ' ଚେଷ୍ଟା କରିବ ।

ଡିସେମ୍ବର ୧୨ରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ୍ ସଂସଦରେ ଉପସ୍ଥାପନ ପାଇଁ ବିକଶିତ ଭାରତ ଶିକ୍ଷା ଅଧିଷ୍ଠାନ ବିଲ୍, ୨୦୨୫ କୁ ଅନୁମୋଦନ କରିଥିଲେ । ଏହି ବିଲ୍ ତିନୋଟି ପରିଷଦ ସହିତ ଏକ ଶୀର୍ଷ ସଂସ୍ଥା ଭାବରେ ବିକଶିତ ଭାରତ ଶିକ୍ଷା ଅଧିଷ୍ଠାନ ପ୍ରତିଷ୍ଠା ପାଇଁ ବ୍ୟବସ୍ଥା କରେ ଯଥା - ବିକଶିତ ଭାରତ ଶିକ୍ଷା ବିନିୟମନ ପରିଷଦ (ରେଗୁଲେଟରୀ କାଉନସିଲ), ବିକଶିତ ଭାରତ ଶିକ୍ଷା ଗୁଣବତ୍ତା ପରିଷଦ (ଆକ୍ରିଡେସନ କାଉନସିଲ), ଏବଂ ବିକଶିତ ଭାରତ ଶିକ୍ଷା ମାନକ ପରିଷଦ (ଷ୍ଟାଣ୍ଡାର୍ଡ କାଉନସିଲ) । ଏହି ବିଲ୍ ମ୍ୟୁଚୁଆଲ ରେକଗନାଇଜେସନ, ମଲଟି ଡିସିପ୍ଲିନାରୀ, ଇଣ୍ଟର ଡିସିପ୍ଲିନାରୀ, ସହ ଦକ୍ଷତା ଓ ଉଦ୍ୟମିତାକୁ ପ୍ରୋତ୍ସାହିତ କରିବ ।ଶିକ୍ଷା ମନ୍ତ୍ରଣାଳୟ, ୟୁଜିସି, ଏଆଇସିଟିଇ ଏବଂ ଏନସିଟିଇ ଅଧୀନରେ ଥିବା ସମସ୍ତ ଉଚ୍ଚ ଶିକ୍ଷା ଅନୁଷ୍ଠାନଗୁଡ଼ିକ ମାନଦଣ୍ଡ ନିର୍ଦ୍ଧାରଣ ପାଇଁ ବିକଶିତ ଭାରତ ଶିକ୍ଷା ଅଧିଷ୍ଠାନର ଅଧୀନରେ ରହିବେ । ଜାତୀୟ ଶିକ୍ଷା ନୀତି, ୨୦୨୦ ରେ ପରିକଳ୍ପିତ ହୋଇଥିବା କାଉନସିଲ୍ ଅଫ୍ ଆର୍କିଟେକ୍ଚର (ସିଓଏ) ଏକ ବୃତ୍ତିଗତ ମାନକ ସେଟିଂ ସଂସ୍ଥା (ପିଏସଏସବି) ଭାବରେ କାର୍ଯ୍ୟ କରିବ । ଏହି ବିଲ୍ ଜାତୀୟ ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନଗୁଡ଼ିକୁ ପ୍ରଦାନ କରାଯାଇଥିବା ସ୍ୱୟଂଶାସନର ବର୍ତ୍ତମାନର ସ୍ତରକୁ ବଜାୟ ରଖିବା ସୁନିଶ୍ଚିତ କରୁଛି ।



# ଜୁନିଅର ରେଡ଼କ୍ରସ ପକ୍ଷରୁ ଜିଲ୍ଲା ସ୍ତରୀୟ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ଉଦଘାଟିତ

ବୁଗୁଡ଼ା,**୧୬।୧୨:(ମନ୍ଥନ)**ବୁଗୁଡ଼ା ବ୍ଲକ ଅନ୍ତର୍ଗତ ବାଲିପଦର ହାଇସ୍କୁଲଠାରେ ଜୁନିଅର ରେଡ଼କ୍ରସ ପକ୍ଷରୁ ୫୩ତମ ଜିଲ୍ଲା ସ୍ତରୀୟ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ଉଦଘାଟିତ ହୋଇଯାଇଛି। ଜିଲ୍ଲା ଶିକ୍ଷାଧିକାରୀ ଅଜୟ କୁମାର ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ ତ୍ରିଦିବସୀୟ ଶିବିରରେ ମୁଖ୍ୟ ଅତିଥି ଭାବେ ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗ ଦେଇ ଏହାକୁ ଉଦଘାଟନ କରିଥିଲା ବେଳେ ଏଥିରେ ମୁଖ୍ୟ ବକ୍ତା ଭାବେ ଓଡିଶା ଜୁନିଅର ରେଡ଼କ୍ରସ ଅଫିସର ଲକ୍ଷ୍ମଣ ସ୍ୱାଇଁ ଏବଂ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଭାତୀ କୁମାରୀ ମହାପାତ୍ର ,ବୁଗୁଡ଼ା ବିଇଓ ଚିନ୍ମୟ ମହାପାତ୍ର ,ପିପୁଲ୍ଲ ହାଇସ୍କୁଲ ପ୍ରଧାନ ଶିକ୍ଷକ କାଳୀ ଚରଣ ବେହେରା , ଗଞ୍ଜାମ ଜିଲ୍ଲା ଜୁନିଅର ରେଡ଼କ୍ରସ ଅଫିସର ସ୍ନେହଲତା ପଣ୍ଡା,ବାଲିପଦର ହାଇସ୍କୁଲ ପ୍ରଧାନ ଶିକ୍ଷକ ଇ.ନୀଳାଞ୍ଚଳ ପାତ୍ର,ବ୍ଲକ ଅଧକ୍ଷା ପ୍ରତିନିଧି କେ.ନୀଳମାଧବ ଆଚାରୀ ପ୍ରମୁଖ ଯୋଗଦେଇ କ୍ୟାଡେଟମାନଙ୍କୁ ମାର୍ଗ ଦର୍ଶନ କରିଥିଲେ ।

# ବଗଡା ସ୍ପୋର୍ଟସ ଏକାଡେମୀର ସଫଳତା

କେନ୍ଦ୍ରାପଡ଼ା,**୧୬।୧୨:(ମନ୍ଥନ)**ଭୁବନେଶ୍ୱରସ୍ଥିତ କିଟ୍‌ରେ ଅନୁଷ୍ଠିତ ଜାତୀୟ ଭଲିବଲ ଚୟନ ଶିବିରରେ ବଗଡା ସ୍ପୋର୍ଟସ ଏକାଡେମୀର ମୋସୀ ଖେରା ଓ ଚନ୍ଦନ ରାଉତଙ୍କୁ ଚୟନ କରାଯାଇଛି। ଉଭୟ ଖେଳାଳୀ ଜାତୀୟ ଭଲିବଲ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଓଡିଶା ଭଲିବଲ ଟିମର ୧୮ବର୍ଷରୁ କମ ଖେଳାଳୀ ଭାବେ ଯୋଗ୍ୟତା ଅର୍ଜନ କରିଛନ୍ତି। ଉକ୍ତ ପ୍ରତିଯୋଗିତା ରାଜସ୍ଥାନର ଝୁନଝୁନ୍‌ରେ ଅନୁଷ୍ଠିତ ହେବ। ଏହି ସଫଳତା ପାଇଁ ବଗଡା ସ୍ପୋର୍ଟସ ଏକାଡେମୀର କର୍ମକର୍ତ୍ତାମାନେ ଉଭୟ ଖେଳାଳୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସଫଳତାର ପାହାଚ ପରେ ପାହଚ ଅତିକ୍ରମ କରିବାକୁ ପ୍ରେରଣା ଓ ଉତ୍ସାହ ପ୍ରଦାନ କରିଛନ୍ତି।

# ଉପମୁଖ୍ୟମନ୍ତ୍ରୀଙ୍କ ରାୟଗଡ଼ ଜିଲ୍ଲା ଗସ୍ତ ଓ ବିଭିନ୍ନ ବିଭାଗ ଉପରେ ସମୀକ୍ଷା

ରାୟଗଡ଼,**୧୬।୧୨:(ମନ୍ଥନ)**ମାନ୍ୟବର ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ଆଜି ଦିନିକିଆ। ରାୟଗଡ଼ ଜିଲ୍ଲାଗସ୍ତ ଆସି ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନାରେ ଯାଉଥିବା ରେଳ ଯାତ୍ରୀଙ୍କୁ ପତାକା ଦେଖାଇ ଶୁଭେଚ୍ଛା ଜଣାଇଥିଲେ । ଏହାପରେ ମା ମାଝୀ ଘାରିଆଣି ମନ୍ଦିରକୁ ଯାଇ ମାନଙ୍କୁ ଦର୍ଶନ କରିବା ସହିତ ମନ୍ଦିର ପରିଚାଳନା କମିଟି ଅସହିତ ଆଲୋଚନା କରିଥିଲେ । ଏହାସହିତ ସ୍ଥାନୀୟ ପ୍ରଦକ୍ଷିଣ ଗୃହରେ ମହିଳା ଶିଶୁ ବିକାଶ ବିଭାଗ, ମିଶନ ଶକ୍ତି, ପର୍ଯ୍ୟଟନ,ଗ୍ରାମ୍ୟ ନିର୍ମାଣ, ଶିକ୍ଷା,ଶିଶୁ ସୁରକ୍ଷା ଓ ସମ୍ମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ବିଭାଗ ଉପରେ ସମୀକ୍ଷା କରିଥିଲେ। ବିଶେଷ କରି ଅଙ୍ଗନବାଡି କେନ୍ଦ୍ର ଓ ଅଙ୍ଗନବାଡି ଗୁଡ,ଅପା ପୁଷ୍ଟି ଅଂଚଳରେ ଶିଶୁ ସ୍ୱାସ୍ଥ୍ୟ ଓ ପୁଷ୍ଟକର ଖାଦ୍ୟ ପ୍ରସ୍ତୁତି ଓ ବଣ୍ଟନ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀଙ୍କୁ ପଚାରିଥିଲେ ।



କାଶୀପୁର ଅଂଚଳରେ ଖଣିଜ ପାଣ୍ଠି ଜରିଆରେ ପୁଷ୍ଟିକର ଖାଦ୍ୟ ଦେବାପାଇଁ ପ୍ରୟାସ କରୁଥିବା ମାନ୍ୟବର ମନ୍ତ୍ରୀ ମହୋଦୟକ୍ଷଙ୍କୁ କହିଥିଲେ । ଜିଲ୍ଲାରେ ମିଶନ ବକ୍ଷସ୍ଥଲ୍ୟ ସମ୍ପର୍କରେ ପଚାରିଥିଲେ ଏଥି ପାଇଁ ଆହୁରି ପ୍ରଚାର ପ୍ରଶାର କରିବାକୁ କହିଥିଲେ । ଏହା ସହିତ ଲକ୍ଷ ପତି ଦିଦି ଓ ସୁଭଦ୍ରା ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ । ପର୍ଯ୍ୟଟନ ବିଭାଗ ଉପରେ ଆଲୋଚନା କରି ଜିଲ୍ଲାର ପର୍ଯ୍ୟଟନ କ୍ଷେତ୍ରରେ ବିକାଶ କରିବାକୁ ପଦ୍ଧ କ୍ଷେପ ନେବାକୁ କହିଥିଲେ । ଗ୍ରାମ୍ୟ ନିର୍ମାଣ ବିଭାଗ ଉପରେ ଆଲୋଚନା କରି ଜିଲ୍ଲାର ଗ୍ରାମ୍ୟ ଯୋଗାଯୋଗ ଉପରେ ଆଗ୍ରତି ସମ୍ପର୍କରେ ସମୀକ୍ଷା କରିଥିଲେ । ଏହା ସହିତ ପାନୀୟ ଜଳ, ଧାନ ସଂଗ୍ରହ ଉପରେ ମଧ୍ୟରେ ଜିଲ୍ଲାପାଳ ସହିତ ଆଲୋଚନା କରିଥିଲେ ।

# ଅବକାରୀ ବିଭାଗ ପଞ୍ଝାରେ ୨ ନିଶାବେପାରୀ

ଜଗତସିଂହପୁର,**୧୬।୧୨:(ମନ୍ଥନ)**୨୧ଗ୍ରାମର ହେରୋଇନ ସହ ୯୫୦ ଗ୍ରାମର ଗଞ୍ଜେଇ ଜବତୟ ସୋମବାର ଦୁଇଟି ଭିନ୍ନ ଭିନ୍ନ ସ୍ଥାନରେ ଚଢାଉ କରି ଦୁଇ ଜଣ ନିଶା ବେପାରୀଙ୍କୁ ଗିରଫ କରିଛି ଜଗତସିଂହପୁର ଅବକାରୀ ବିଭାଗ। ବାଲିକୁଦା ଥାନା ଅନ୍ତର୍ଗତ ଡେଙ୍ଗାପୋଲ ବଜାରରେ ଦୀର୍ଘ ଦିନ ହେବ ବ୍ରାଉନସୁଗାର କାରବାର ଲୁଚିଛପାରେ ଚାଲୁଥିବାବେଳେ ଏକ ବିଶେଷ ସୂତ୍ର କୁ ଆଧାର କରି ବାଲିକୁଦା ଅବକାରୀ ଥାନାର ସବ୍‌ଇନ୍ସପେକ୍ଟର ରବି ବେହେରା ନିଜ ଟିମ ସହ ଚଢାଉ କରିଥିଲେ। ଅଭିଯୁକ୍ତ ଜଣଙ୍କ ଘଟଣାସ୍ଥଳ ରୁ ଖସି ପଳାଇବାକୁ ଚେଷ୍ଟା କରୁଥିବାବେଳେ ତାକୁ କାବୁ କରିନେଇଥିଲେ । ଯାଞ୍ଚ ପରେ ତାଙ୍କ ନିକଟରୁ ୨୧ ଗ୍ରାମର ବେଆଇନ ହେରୋଇନ ଜବତ କରାଯାଇଥିଲା ଯାହାର ଆନୁମାନିକମୂଲ୍ୟ ଟ ୨,୧୦,୦୦୦ଙ୍କା । ଗିରଫ ଅଭିଯୁକ୍ତ ଜଣକ ହେଲେ ଦାଦପୁର ଗ୍ରାମର ପ୍ରଶାନ୍ତ ମହାରଣାଙ୍କ ପୁଅ ମୃତ୍ୟୁଞ୍ଜୟ ମହାରଣା(୨୮) । ସେହିପରି ଅନ୍ୟ ଏକ ଘଟଣାକ୍ରମ ଜଗତସିଂହପୁର ଅବକାରୀ



ଥାନାର ସବ୍‌ଇନ୍ସପେକ୍ଟର ନରେଶ କୁମାର ପଣ୍ଡାଙ୍କ ନେତୃତ୍ୱରେ ଏକ ଟିମ ଜଗତସିଂହପୁର ଥାନା ଅନ୍ତର୍ଗତ ଗୁମୁଟିପୁର ଗ୍ରାମରେ ଚଢାଉ କରି ୯୫୦ ଗ୍ରାମର ଗଞ୍ଜେଇ ଜବତ କରିବା ସହ ଗଞ୍ଜେଇ ବେପାରରେ ଜଡିତ ଥିବା ଗୁମୁଟିପୁର ଗ୍ରାମର ସ୍ୱର୍ଗତ ଗୋବିନ୍ଦ ଖଟୁଆଙ୍କ ପୁଅ ବିଷ୍ଣୁ ଚରଣ ଖଟୁଆ(୬୫) ଙ୍କୁ ଗିରଫ କରିଛି । ଜବତ ଗଞ୍ଜେଇ ର ଆନୁମାନିକ ମୂଲ୍ୟ ଟ ୯,୫୦୦ ଙ୍କା ହେବୟଆଜିର ଏହି ଚଢାଉ ରେ ବାଲିକୁଦା ଅବକାରୀ ଥାନାର କନଷ୍ଟେବଲ ଦୀନବନ୍ଧୁ ସେଠୀ, ପ୍ରତିମା ଜେନା, ଶୁଭଶ୍ରୀ ବିଶ୍ୱାଳ ଏବଂ ଜଗତସିଂହପୁର ଅବକାରୀ ଥାନାର ଏ ଏସ୍ ଆଇ ଶୁଭଦର୍ଶିନୀ ସାହୁ, କନଷ୍ଟେବଲ ବର୍ଷାରାଣୀ ଖୁଣ୍ଟିଆ, ଅନୁରାଗ ସୂର୍ଯ୍ୟବଂଶୀ ପ୍ରମୁଖ ସାମିଲ ଥିଲେ ।ଗିରଫ ଦୁଇ ଅଭିଯୁକ୍ତ ଙ୍କୁ ଦୁଇଟି ଅଲଗା ଅଲଗା ମାମଲାରେ କୋର୍ଟ ଚାଲାଣ କରାଯାଇଥିବାବେଳେ ଅଭିଯୁକ୍ତ ଦ୍ୱୟଙ୍କ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି।

# ଏସୟୁସିଆଇ କମ୍ୟୁନିଷ୍ଟ ପକ୍ଷରୁ ୧୦ଦଫା ଦାବି ନେଇ ବିକ୍ଷୋଭ

ଡେଲାଙ୍ଗ,**୧୬।୧୨:(ମନ୍ଥନ)**ଏସୟୁସିଆଇ(ସି) ଡେଲାଙ୍ଗ ଶାଖା କମିଟି ପକ୍ଷରୁ ତହସିଲ ଅଫିସ ସମ୍ମୁଖରେ ୧୦ଦଫା ଦାବୀ ପୁରଣ ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଏହି ବିକ୍ଷୋଭରେ କମ୍ରେଡ୍ ଦୀନବନ୍ଧୁ ପରିଡା ଙ୍କ ଅଧକ୍ଷତା ରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହେଇଥିଲା । ପୁରୀ ଜିଲ୍ଲା କମିଟି ର ସମ୍ପାଦକ କମ୍ରେଡ ସୁବାସ ଚନ୍ଦ୍ର ବରାଳ କେନ୍ଦ୍ର ଓ ରାଜ୍ୟ ସରକାର ଙ୍କ ଜନ ବିରୋଧୀ ନୀତି ଓ ଡେଲାଙ୍ଗ ଅଞ୍ଚଳ ର କେତେକ ଦାବି ପୂରଣ ନିମନ୍ତେ ଆଲୋଚନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ପଦ୍ମଚରଣ ଜେନା, ଚାଷୀ ନେତା ବଟକୃଷ୍ଣ ସ୍ୱାଇଁ ବକ୍ତବ୍ୟ ରଖିଥିଲେ ।୧୦ ଦଫା ଦାବି ସମ୍ବଳିତ ଦାବିପତ୍ର କମ୍ରେଡ୍ ତ୍ରିନାଥ ପ୍ରଧାନ, କମ୍ରେଡ୍ ଜଗବନ୍ଧୁ ସ୍ୱାଇଁ, କମ୍ରେଡ୍ ପ୍ରଶାନ୍ତ ବେହେରା ପ୍ରମୁଖ ତିନି ପ୍ରତିନିଧି ଡେଲାଙ୍ଗ ତହସିଲଦାର ଦେବୀପ୍ରସାଦ ଆଚାର୍ଯ୍ୟଙ୍କୁ ଦାବି ପତ୍ର ପ୍ରଦାନ କରିଥିଲେ। ଯେଉଁ ସମସ୍ତ ଦାବି ନେଇ ବିକ୍ଷୋଭ କରାଯାଇଥିଲା ସେଗୁଡିକ ହେଲା(୧) ବୁଲା ଗୋରୁ ଗାଈ, ଷଣ୍ଢ, ମାଙ୍କଡ ଉପଦ୍ରବ ରୁ ଫସଲ ସୁରକ୍ଷା କରାଯାଉ (୨) ଲୁଣା ନଦୀ ର ସେବତୀପୁର ପୂର୍ବ ପାରି ନିକଟସ୍ଥ ସାତଶଙ୍ଖ ଠାରେ ଆନିକଟ ନିର୍ମାଣ କରି ରବି ଋତୁ ରେ ଜଳସେଚନ ସୁବିଧା ଯୋଗାଇ ଦେବା(୩) ସ୍ମାର୍ଟ ମିଟର ବସାଇବା ବନ୍ଦ କରି ୨୦୨୩ ବିଦ୍ୟୁତ ବିଲ ବାତିଲ କରାଯାଉ, (୪) ଡେଲାଙ୍ଗ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକୀୟ ଡାକ୍ତର, ନର୍ସ ଓ ଔଷଧ ଯୋଗାଇ ଦେବା (୫) ସରକାରୀ ଉଦ୍ୟୋଗ ରେ ଶୀତଳ ଭଣ୍ଡାର ନିର୍ମାଣ କରିବା(୬) କୃଷିଜାତ ଦ୍ରବ୍ୟ ଉପରେ ଏମଏସପି କୁ ଆଇନ ସମ୍ମତ କରିବା (୭) ୬୦ ବର୍ଷ ରୁ ଉର୍ଦ୍ଧ୍ୱ ବ୍ୟକ୍ତିମାନଙ୍କୁ (ବାର୍ଦ୍ଧକ୍ୟ, ବିଧବା, ଭିନ୍ନକ୍ଷମ) ୫୦୦୦ ଟଙ୍କା ଭତ୍ତା ପ୍ରଦାନ କରାଯାଉ (୮) ମଦ ଦୋକାନ ବନ୍ଦ କରାଯାଉ ( ୯)ଧାନ ବିକ୍ରି ପାଇଁ ଚାଷୀ ଓ ଭାଗ ଚାଷୀ ମାନଙ୍କ ପାଇଁ ମଣ୍ଡି ତୁରନ୍ତ ଖୋଲିବା (୧୦) ମଦ ଓ ମାଦକ ଦ୍ରବ୍ୟ ବ୍ୟବହାର ସମ୍ପୂର୍ଣ୍ଣ ବନ୍ଦ କରିବା ଆଦି ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା ।

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର

ଜଗତସିଂହପୁର, **୧୬।୧୨:(ମନ୍ଥନ)**ଆଜି ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଅଛି । ଏହି ଅଭିଯୋଗ ଶିବିର ରେ ଜିଲ୍ଲାପାଳ ଶ୍ରୀ ଜେ ସୋନାଲ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ର ଶୁଣାଣି କରିଥିଲେ । ଆଜି ମୋଟ ୧୧୦ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୯୫ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ / ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୧୫ ଟି, ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ କାର୍ଡ ସମସ୍ୟା ସମ୍ପର୍କୀୟ ୪



ଟି, ଆବାସ ଯୋଜନା ସମ୍ପର୍କୀୟ ୧୨ ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୨୪ ଟି, ଭତ୍ତା ପାଇବା ପାଇଁ ୯ ଟି, ପୋଲିସ ସହାୟତା ପାଇବା ପାଇଁ ୮ ଟି, ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠି ସହାୟତା ପାଇଁ ୧ ଟି ଏବଂ ଅନ୍ୟାନ୍ୟ ୨୭ ଟି ଅଭିଯୋଗର ଶୁଣାଣି କରାଯାଇଥିଲା । ୧୦ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା । ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ରେ ଆରକ୍ଷୀ ଅଧିକ୍ଷକ ଶ୍ରୀ ଅଙ୍କିତ କୁମାର ବର୍ମା, ଅତିରିକ୍ତ ଜିଲ୍ଲାପାଳ, ଶ୍ରୀ ଜ୍ୟୋତି ଶଙ୍କର ରାୟ, ଡି ଏଫ୍ ଓ, ରାଜନଗର ,ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଶ୍ରୀ ରବିନାରାୟଣ ଜେଠୀ, ଉପ ଜିଲ୍ଲାପାଳ ଶ୍ରୀ ପ୍ରଶାନ୍ତ କୁମାର ତରାଇ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଶ୍ରୀ ଅଜୀଙ୍କ୍ୟା ମାଣେ, ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗ ଶୁଣାଣି କରିଥିଲେ ।

# ପାରାଦୀପଗଡରେ ଗୋଚର ଜମି ମାଫିଆଙ୍କ କବଳରେ

ପାରାଦୀପ,**୧୬।୧୨:(ମନ୍ଥନ)**ପାରାଦୀପ ଉପକଣ୍ଠ ପାରାଦୀପଗଡ ଗ୍ରାମ ପଂଚାୟତ ଅଧିନସ୍ଥ ନିମିଢି ଗ୍ରାମର ଗୋଚର ଜମିକୁ କିଛି ବ୍ୟକ୍ତି ସାଧାରଣ ଲୋକଙ୍କୁ ବିକ୍ରି କରି ଲକ୍ଷାଧିକ ଟଙ୍କା ରୋଜଗାର କରୁଥିବା ଜଣା ପଡିଛି । ଘଟଣାରୁ ପ୍ରକାଶଯେ, ପାରାଦୀପଗଡ ପଂଚାୟତ ନିମିଢି କନ୍ୟା ଆଶ୍ରମ ନିକଟରେ ପ୍ଲଟ୍ ନମ୍ବର-୧୨୨ ଓ ୧୧୯ ଗୋଚର କିସମ ଅନ୍ତର୍ଭୁକ୍ତ । ଗ୍ରାମର ଜଣେ ପ୍ରଭାବଶାଳୀ ନେତାଙ୍କ ଇଶାରାରେ ଏହି ଜମିକୁ କିଛି ସାଧାରଣ ଲୋକଙ୍କୁ ବିକ୍ରି କରାଯାଇଛି । ଡିସିମିଲ ପିଛା ୧ ଲକ୍ଷ ୩୦ ହଜାର ଟଙ୍କାରେ ବିକ୍ରି କରାଯାଇଛି । ଏହି ଗୋଚର ଜମିକୁ କୈଳାସ ଚନ୍ଦ୍ର ସ୍ୱାଇଁ ୨ଡିସିମିଲ କିଣି ୨ଲକ୍ଷ ୬୦ ହଜାର ଟଙ୍କା କିଣି ଥିବା କହିଛନ୍ତି । ସେହିଭଳି ରଘୁପତି ପରମାଣିକ ୪ଡିସିମିଲ କିଣି ୫ଲକ୍ଷ ୨୦ହଜାର ଟଙ୍କା, ସୁଶାନ୍ତ କୁମାର ବାରିକ ୨ଡିସିମିଲ କିଣି ୨ଲକ୍ଷ ୬୦ ହଜାର ଟଙ୍କା ଓ ବିଜୟ କୁମାର ନାଥଶର୍ମା ୨ଡିସିମିଲ ଯାଗା କିଣି ୨ଲକ୍ଷ ୭୦ ହଜାର ଟଙ୍କା ଦେଇଛନ୍ତି। ସବୁଠାରୁ ଉଦବେଗନଜକ କଥା ହେଲା ଏହି ଗୋଚର ଜମି ନିକଟରେ ପ୍ଲଟ୍ ନମ୍ବର-୧୧୮ ଓ ୧୦୭ ଜମି ରହିଛି। ଏହି ଜମିର ମାଲିକ ନିଜ ଜମିକୁ ଯିବା ରାସ୍ତାକୁ ଏହି ଜମି ମାଫିଆମାନେ ବିକ୍ରି କରି ଦେଇଛନ୍ତି । ଜମି ମାଲିକ ଶ୍ୟାମ ସୁନ୍ଦର ବେହେର.ପି-ମୁନି ବେହେରା ଓ ଗଗନ ବେହେରା ଏବଂ ପବନାନନ୍ଦ ବେହେରା, ପି-ରାମଚନ୍ଦ୍ର ବେହେରା ନିଜ ଜମିର ରାସ୍ତା ଜବରଦଖଲ ହେଉଥିବା ଦେଖି ଘର ନିର୍ମାଣ କରୁଥିବା ଲୋକଙ୍କୁ ପଚାରିବାରୁ ସେମାନେ ପ୍ରକାଶ ସ୍ୱାଇଁ ଓରଫ କାଲୁଆ ସ୍ୱାଇଁ, ବାବୁଲି ନାୟକ ଓ ବସନ୍ତ ମହାପାତ୍ରଙ୍କଠାରୁ ଟଙ୍କା ଦେଇ ଏହି ଜମି କିଣିଥିବା ନେଇ କହିଥିଲେ। ଏବଂ ତୁରନ୍ତ ସେ ଯାଗା ଛାଡି ନଗଲେ ମାରି ଦେବାକୁ ଧମକ ଦେଇଥିଲେ । ଏହା ଜାଣିବା ପରେ ଜମି ମାଲିକ ତୁରନ୍ତ ରାଜସ୍ୱ ନୀରିକ୍ଷକଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ମଙ୍ଗଳବାର ଦିନ ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳରେ ପହଂଚି ନିର୍ମାଣ ହୋଇଥିବା ୪ଗୋଟି ଘର ଅନାବାଦି ଯାଗାରେ ବୋଲି କହିଥିଲେ। ଏହା ଜାଣିବା ପରେ ଜମି ମାଲିକ ତିନି ଜଣ ମଙ୍ଗଳବାର ଦିନ ଘଟଣା ସମ୍ପର୍କରେ ପାରାଦୀପ ଲକ୍ ଥାନାରେ ଅଭିଯୋଗ କରିଛନ୍ତି। ପାରାଦୀପଗଡ ଏକ ପୁରାତନ ତଥା କୁଜଙ୍ଗ ରାଜାଙ୍କ ନିଜ ଗ୍ରାମ । ନିମିଢିସ୍ଥିତ ଏହି ପ୍ଲଟ୍ ନିକଟରେ କନ୍ୟା ଆଶ୍ରମ ରହିଛି ଏହି ସ୍ଥାନରେ ଏଭଳି ସରକାରୀ ଜମିକୁ ଲକ୍ଷାଧିକ ଟଙ୍କା ବିକ୍ରି କରି ଟଙ୍କା ହରିଲୁଟ୍ କରୁଥିବା ବ୍ୟକ୍ତି ଏବଂ ଏହାର ପୃଷ୍ଟପୋଷକ ପ୍ରଭାବଶାଳୀ ନେତାଙ୍କ ବିରୁଦ୍ଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବୀ ହୋଇଛି। ପାରାଦୀପରେ ଛୋଟବଡ କାମ କରି ପରିବାର ପ୍ରତିପୋଷଣ କରୁଥିବା ବ୍ୟକ୍ତିମାନେ ଏହି ମାଫିଆମାନଙ୍କ ଶୀକାର ହେଉଛନ୍ତି । ମାଫିଆଙ୍କଠାରୁ ଜମି କିଣିଥିବା ବ୍ୟକ୍ତିମାନେ ଅତ୍ୟନ୍ତ ଗରୀବ ଶ୍ରେଣୀର, ସେମାନେ ବିଭିନ୍ନ ସ୍ଥାନରୁ ଋଣ କରି ଯାଗା କିଣିବା ସହିତ ଘର କରିଥିବା କହିଛନ୍ତି। ଏହି ଭଳି ଅନେକ ଗରିବ ଶ୍ରେଣୀର ଲୋକ ଶୋଷଣର ଶୀକାର ହେଉଥିବା ଜଣାପଡିଛି । ଏଭଳି ମାଫିଆମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନେ ନହେଲେ ଆଗାମୀ ଦିନରେ ଅନେକ ସାଧାରଣ ଲୋକ ଠକୋଇର ଶୀକାର ହେବେ।

# ବଳଦେବ ହାଇସ୍କୁଲର ପୁରାତନ ଛାତ୍ରଙ୍କ ବନ୍ଧୁମିଳନ

କେନ୍ଦ୍ରାପଡ଼ା,**୧୬।୧୨:(ମନ୍ଥନ)**ଜଣେ ବାଲ୍ୟବନ୍ଧୁ ବା ସ୍କୁଲ ସହପାଠୀ ଜୀବନର ଗୋଟିଏ ନିହାତି ଆବଶ୍ୟକୀୟ ଅଂଶ।ଏହି ଧର୍ମକୁ ପ୍ରତିପାଦିତ କରିବାକୁ ଯାଇ କେନ୍ଦ୍ରାପଡ଼ାର ସର୍ବପୁରାତନ ବିଦ୍ୟାଳୟ ବଳଦେବ ହାଇସ୍କୁଲର ୧୯୮୮ ମସିହା ମାଟ୍ରିକ ବ୍ୟାଚର ଛାତ୍ରଛାତ୍ରୀ ମାନେ ପ୍ରତିବର୍ଷ ଭଳି ଚଳିତ ବର୍ଷ ଷଷ୍ଠ ବନ୍ଧୁମିଳନ ଉତ୍ସବ ପାଳନ କରିଛନ୍ତି। ଚାନ୍ଦୋଳ କଲେଜ ନିକଟସ୍ଥ ମାତୃ ବାଟିକା ମଣ୍ଡପରେ ଖୁବ୍ ଆକର୍ଷଣୀୟ



କାର୍ଯ୍ୟକ୍ରମର ଆୟୋଜନ ସହ ବନ୍ଧୁମାନେ ଛାତ୍ର ଜୀବନର ଅଭୁଲା ଅତୀତର ଅନୁଭୁତି ବର୍ଣ୍ଣନା କରିଥିଲେ। ସମାଜରେ ଆର୍ଥିକ ଅନଗ୍ରସର ବ୍ୟକ୍ତି ମାନଙ୍କୁ ସହଯୋଗର ହାତ ବଢାଇବା ପାଇଁ ଏହି ଅବସରରେ କିଛି ପ୍ରସ୍ତାବ ମଧ୍ୟ ଗ୍ରହଣ କରାଯାଇଥିଲା। ପୁରାତନ ଛାତ୍ର ଉମାଶଙ୍କର ଜେନା, ବିରଜା ପ୍ରସନ୍ନ ରାଉତ, ରମେଶ ଦାସ୍, ଶ୍ରୀଧର ସାହୁ, ନଳିନୀ ସ୍ୱାଇଁ, ଶୈଳବାଳା ମିଶ୍ର, ନିହାର ମଲ୍ଲିକ, ବୁନି ପଟ୍ଟନାୟକ, ହେମଲତା ସାହୁ, ଭାରତଭୂଷଣ ବେହେରା, ମୃଣୟ ରାଉତରାୟ, ଦୀପକ ମହାପାତ୍ର ପ୍ରମୁଖ ନିଜନିଜର ସୁନ୍ଦର ମତସହ ପୂର୍ଣ୍ଣ ସହଯୋଗ କରିଥିଲେ। ବନ୍ଧୁ ସୁଧାଂଶୁ ଜେନା ଓ ଶେଷଦେବ ମହାରଣାଙ୍କ ସଙ୍ଗୀତ ପରିବେଷଣ ପରିବେଶକୁ ମନ୍ତ୍ରମୁଗ୍ଧ କରିଦେଇଥିଲା। ଶେଷରେ ବନ୍ଧୁଙ୍କୁ ସହଯୋଗ ସହ ସମାଜସେବାର ଶପଥ ନେଇ ସମସ୍ତ ସାଙ୍ଗମାନେ ଗୃହ ପ୍ରତ୍ୟାବର୍ତ୍ତନ କରିଥିଲେ।

# ପାରାଦୀପ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ

ପାରାଦୀପ,**୧୬।୧୨:(ମନ୍ଥନ)**ପ୍ରତିବର୍ଷ ପରି ଚଳିତ ବର୍ଷ ଅଟଳ ମେମୋରିଆଲ ଟ୍ରଷ୍ଟ ଆନୁକୂଲ୍ୟରେ ସ୍ଥାନୀୟ ଜୟଦେବ ସଦନ ପରିସରରେ ପାରାଦୀପ ମହୋତ୍ସବ ଅନୁଷ୍ଠିତ ହେବାକୁ ଯାଉଛି । ସପ୍ତାହବ୍ୟାପୀ ଏହି କାର୍ଯ୍ୟକ୍ରମରେ ରଙ୍ଗା ରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ପାରାଦୀପ ର ବିଭିନ୍ନ ବିଦ୍ୟାଳୟ ର ଛାତ୍ରଛାତ୍ରୀ ମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପାୟୀ ଙ୍କ ଜନ୍ମଜୟନ୍ତୀ ଡିସେମ୍ବର ୨୫ ତାରିଖ ଠାରୁ ଡିସେମ୍ବର ୩୧ ତାରିଖ ସାତଦିନ ଧରି ପାରାଦୀପ ଜୟଦେବ ସଦନ ପ୍ରାଙ୍ଗଣରେ ଆୟୋଜିତ ହୋଇଆସୁଛି ପାରାଦୀପ ମହୋତ୍ସବ । କଳିଙ୍ଗ ବାଲିଯାତ୍ରା ମହୋତ୍ସବ ପରେ ପାରାଦୀପ ମହୋତ୍ସବ ପାରାଦୀପ ଦର୍ଶକଙ୍କ ମନକୁ ବେଶ ଆକୃଷ୍ଟ କରିପାରିଛି । ଚଳିତ ବର୍ଷ ବାଜପେୟୀ ଙ୍କ ୧୦୧ତମ ଜନ୍ମଜୟନ୍ତୀକୁ ସ୍ମରଣୀୟ କରିବା ପାଇଁ ଅଟଳ



ମେମୋରିଆଲ ଟ୍ରଷ୍ଟ ତରଫରୁ ସମସ୍ତ ପ୍ରକାର ପ୍ରଚେଷ୍ଟା ଜାରି ରହିଛି । ଏ ନେଇ ନୂଆବଜ଼ାର ସ୍ଥିତ କାର୍ଯ୍ୟାଳୟରେ ପାରାଦୀପ ବିଧାୟକ ତଥା ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ଆହ୍ୱାନକ୍ରମେ ରବିବାର ଦିନ ଆୟୋଜିତ ପ୍ରସ୍ତୁତି ବୈଠକରେ ପାରାଦୀପ ମୁନିସିପାଲିଟି ର ସମସ୍ତ ୱାର୍ଡରୁ ବହୁ ସଂଖ୍ୟାରେ ଅଟଳ ବିହାରୀଙ୍କ ଶୁଭେଚ୍ଛୁମାନେ ଯୋଗଦେଇ ଚଳିତବର୍ଷର ପାରାଦୀପ ମହୋତ୍ସବ କୁ କିପରି ସରସ ସୁନ୍ଦର କରାଯାଇପାରିବ ଏ ନେଇ ମତାମତ ରଖିଥିଲେ। ପାରିଷଦ ସୁବ୍ରତ କୁମାର ପ୍ରଧାନ ଓ ମନ୍ତ୍ରୀଙ୍କ ପାରାଦୀପ ପ୍ରତିନିଧି ସର୍ବେଶ୍ୱର ବଳିୟାରସିଂ ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ପ୍ରସ୍ତୁତି ବୈଠକ ସଫଳ ହୋଇଥିବା ବେଳେ ପାରାଦୀପ ମହୋତ୍ସବ କିପରି ସଫଳ ଓ ଦର୍ଶକ ଙ୍କ ଆକର୍ଷଣ ପାଲଟିବ ଏ ନେଇ ଆଲୋଚନା କରାଯାଇଥିଲା । ଏହି ପ୍ରସ୍ତୁତି ବୈଠକ ରେ ପାରାଦୀପ ବିଧାୟକ ତଥା ଶିଳ୍ପମନ୍ତ୍ରୀ ଙ୍କ ପ୍ରତିନିଧି ସର୍ବେଶ୍ୱର ବଳିୟାରସିଂ ଓ ପାରାଦୀପ ନଗର ମଣ୍ଡଳ ବିଜେପି ସଭାପତି ତଥା ପାରିଷଦ ସୁବ୍ରତ ପ୍ରଧାନ (ସୁବି ) ଙ୍କ ସମେତ ବଜରଙ୍ଗ ପ୍ରସାଦ ସ୍ୱାଇଁ, ଅର୍ଜିଲା ଶିବା, ସୁଲେମାନ ରାଜୁ, ପାରାଦୀପ ନଗର ବିଜେପି ଯୁବମୋର୍ଚ୍ଚା ସଭାପତି ଦିଲ୍ଲିପ ବଳିୟାରସିଂ ଓ ସମସ୍ତ ୱାର୍ଡର କର୍ମୀ ଓ ମହିଳା ମୋର୍ଚ୍ଚା ର କର୍ମୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ କୁ ସଫଳ କରିବାକୁ ନିଜ ନିଜର ମତାମତ ରଖିଥିଲେ ।

# ବାଦ ବିବାଦରେ ସରିଲା ନବରଙ୍ଗପୁର ମଣ୍ଡେଇ

ନବରଙ୍ଗପୁର,**୧୬।୧୨:(ମନ୍ଥନ)**ମଣ୍ଡେଇ ଆଗାମୀ ଦିନର ଦିଶା ନିର୍ଦ୍ଦେଶ କରିବ, ବିକଶିତ ଭାରତ ଗଠନ କ୍ଷେତ୍ର ରେ ଏକ ମାଧ୍ୟମ ହେବ ବୋଲି ପଞ୍ଚାୟତ ରାଜ ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାୟକ ମଣ୍ଡେଇ ର ଉଦଯାପନୀ ଉତ୍ସବ ଅବସରରେ ଯୋଗ ଦେଇ ପ୍ରକାଶ କରିଛନ୍ତି । ମଣ୍ଡେଇ ମହୋତ୍ସବ କେବଳ କଳା ସଂସ୍କୃତି ର ପ୍ରତୀକ ସହ ସ୍ୱଦେଶୀ ଆତ୍ମ ନିର୍ଭର ଭାରତ ଗଠନ ର ଏକ ପ୍ରତିରୂପ ହେଉ ବୋଲି ମନ୍ତ୍ରୀ ଶ୍ରୀ ନାୟକ ଆଶା ପୋଷଣ କରିଛନ୍ତି । ନବରଙ୍ଗପୁର ଜିଲ୍ଲାର ଲୋକ ମହୋତ୍ସବ ମଣ୍ଡେଇ ୨୦୨୫ ର ଉଦଯାପନୀ ଉତ୍ସବ ରେ ପଞ୍ଚାୟତ ରାଜ ଓ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାୟକ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିବା ବେଳେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ, ସାଂସଦ ବଳଭଦ୍ର ମାଝୀ, ବିଧାୟକ ଗୌରୀ ଶଙ୍କର ମାଝୀ, ମନୋହର ରନ୍ଧାରୀ, ନରସିଂହ ଭତରା, ରୁପୁ ଭତରା ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । ସାମାଜିକ ସୁରକ୍ଷା ଓ ସଶକ୍ତି କରଣ ବିଭାଗ ପକ୍ଷରୁ ମଣ୍ଡେଇ ଅବସରରେ ଜିଲ୍ଲାର ୮ ଜଣ ଦିବ୍ୟାଙ୍ଗ ଛାତ୍ର ଛାତ୍ରୀଙ୍କୁ ଲାପଟପ ବଣ୍ଟନ କରାଯାଇଥିଲା। ତୃତୀୟ ସନ୍ଧ୍ୟା ରେ ଶାନ୍ତି ମହୁରୀଆ। ଙ୍କ ଦଣ୍ଡରିଆ।, ଜିଲ୍ଲା ସଂସ୍କୃତି ପରିଷଦ ର ଓଡିଶୀ ନୃତ୍ୟ, ଝାଡ଼ଖଣ୍ଡ ର ବବିତା ହେମ୍ବ୍ରମ ଓ ଦଳ ଙ୍କ ସାନ୍ତାଳୀ ନୃତ୍ୟ, ନଟରାଜ କଳା କେନ୍ଦ୍ର ର ମୋହିନୀ ଅଟ୍ଟମ , କଥାକଲି ଫ୍ୟୁଜନ, ଆସାମ ର ବିହୁ ସହ ପ୍ରଜ୍ଞା ରଞ୍ଜନ ଖଟୁଆ। ଙ୍କ କମେଡି ଓ ଶାଶଙ୍କ ଶେଖର ଙ୍କ ଓଲିଉଡ଼ ନାଇଟ ଦର୍ଶକ ଙ୍କ ମନ ମୋହିଥିଲା ।ଉଦଯାପନୀ ଦିନ ପ୍ରାରମ୍ଭ ରେ ଶାସକ ଓ ବିରୋଧ ଦଳ ମୁହାଁ ମୁହିଁ ହୋଇଥିଲେ ମଧ୍ୟ ପରେ ଶାନ୍ତି ଶୃଙ୍ଖଳା ର ସହ ମଣ୍ଡେଇ ସମାପନ ହୋଇଛି, ଆସନ୍ତା ୧୬ ଡିସେମ୍ବର ପର୍ଯ୍ୟନ୍ତ ପଲ୍ଲିଶ୍ରୀ ମେଳା ଚାଲିବ ।

# କେନ୍ଦ୍ରାପଡା ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ ପରିସରରେ ୫ଶହ ମେଟ୍ରିକ ଟନ ଶୀତଳ ଭଣ୍ଡାର ଉଦଘାଟିତ

କେନ୍ଦ୍ରାପଡ଼ା,**୧୬।୧୨:(ମନ୍ଥନ)**କେନ୍ଦ୍ରାପଡ଼ା ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ ପରିସରରେ ୫୦୦ ମେଟ୍ରିକ ଟନ କ୍ଷମତା ସମ୍ପନ୍ନ ଏକ ଶୀତଳ ଭଣ୍ଡାରକୁ କେନ୍ଦ୍ରାପଡା ସାଂସଦ ବୈଜୟନ୍ତ ପଣ୍ଡା ଉଦଘାଟନ କରିଛନ୍ତି। ଉଦଘାଟନୀ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ଜିଲ୍ଲା ପରିଷଦ ସଭାପତି ଲିଲିତା ଦାସ, କେନ୍ଦ୍ରାପଡ଼ା ପୌରପାଳ ସରିତା ସାହୁ,ଜିଲ୍ଲାପାଳ ରଘୁରାମ ଆର. ଆୟର,ଚାଷୀ ନେତା ବିଚିତ୍ର କୁମାର ପ୍ରଧାନ, ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ବିଦ୍ୟାଧର ବେହେରାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ। ୧କୋଟି ୮୦ଲକ୍ଷ ଟଙ୍କାରେ ବ୍ୟୟରେ ନିର୍ମିତ ଏହି ଶୀତଳ ଭଣ୍ଡାରରେ ୫ଟି ଚାମ୍ବର ରହିଛି। ଯାହାଫଳରେ କି ଜିଲ୍ଲାର ଚାଷୀମାନେ ତାଙ୍କର ଉତ୍ପାଦିତ ବଳକା ପନିପରିବା ଏହି ଶୀତଳ ଭଣ୍ଡାରରେ ରଖି ଭବିଷ୍ୟତରେ ଲାଭବାନ ହୋଇପାରିବେ। ଏହାସହିତ ସାଂସଦ ନିୟନ୍ତ୍ରିତ ବଜାର କମିଟି ପ୍ରାଙ୍ଗଣରେ ମତ୍ସ୍ୟ ପ୍ରାଣୀ ସମ୍ପଦ ବିଭାଗର ପ୍ରାଣୀ ଆଶୁ ଚିକିତ୍ସା ଆମ୍ବୁଲାନ୍ସ ସେବାର ଶୁଭାରମ୍ଭ କରିଛନ୍ତି। ଏଥିସହିତ ଖରିଫ ଧାନ ୨୦୨୫-୨୬ ର କ୍ରୟ ନିମନ୍ତେ ପ୍ରଚାର ରଥ ଗାଡିର ମଧ୍ୟ ସାଂସଦ ଶୁଭାରମ୍ଭ କରିଛନ୍ତି।

# ନିର୍ବାଚନ ସଂସ୍କାର ଉପରେ ସଂସଦରେ ଗୃହମନ୍ତ୍ରୀଙ୍କ ଅଭିଭାଷଣ ଆଭାଷୀ ମାଧ୍ୟମରେ ଶୁଣିଲେ ଯୋଗାଣ ମନ୍ତ୍ରୀ ଓ ବିଧାୟକ

ଢେଙ୍କାନାଳ,**୧୬।୧୨:(ମନ୍ଥନ)** ଗତ ୧୨ ତାରିଖରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହା ସଂସଦରେ ନିର୍ବାଚନ ସଂସ୍କାର ଓ ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ (ଏସ୍.ଆଇ. ଆର୍.) ପ୍ରକ୍ରିୟା ଉପରେ ଦେଇଥିବା ତଥ୍ୟ ଭିତିକ ଐତିହାସିକ ଅଭିଭାଷଣ ଆଜି ପୂର୍ବାହ୍ନ ୧୦ ଘଟିକାରେ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ଜିଲ୍ଲା ସଭାପତି ରାସ ବିହାରୀ ବେହେରାଙ୍କ ତତ୍ୱାବଧାନରେ ଆୟୋଜିତ ଆଭାଷୀ ମାଧ୍ୟମରେ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ନଗରପାଳିକା ଜୟନ୍ତୀ ପାତ୍ର, ଦଳୀୟ ନେତୃବୃନ୍ଦ ଓ କାର୍ଯ୍ୟକର୍ତାଙ୍କ ଗହଣରେ ଶୁଣିଥିଲେ । ଉପରୋକ୍ତ ବିଷୟରେ ବିରୋଧି ଦଳର ପ୍ରତ୍ୟେକ ପ୍ରଶ୍ନର ଉତର ସଠିକ୍ ଭାବେ ଅଭିଭାଷଣରେ ପ୍ରତିପାଦନ କରି କଡା ଜବାବ ଦେଇଥିଲେ । ଏକକାଳୀନ ନିର୍ବାଚନ କିପରି ଦେଶକୁ ଗତିଶୀଳ କରିବ, ସରକାରୀ ବ୍ୟୟ ହ୍ରାସ କରିବ ଏବଂ ଶାସନ ବ୍ୟବସ୍ଥାର ସ୍ଥିରତା ଆଣିବ, ସେ ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ ଏବଂ ଏକ ମହତ୍ୱପୂର୍ଣ୍ଣ ନିର୍ବାଚନ ସଂସ୍କାର ଆଣିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାର ସଂକଳ୍ପବଦ୍ଧ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମିଡିଆ ସେଲ୍ ପ୍ରଭାରୀ ନବ କିଶୋର ଗୁରୁ, ବରିଷ୍ଠ ନେତା ହର୍ଷବର୍ଦ୍ଧନ ସିଂହଦେଓ, ସମରେନ୍ଦ୍ର ଶତପଥୀ, ଜିଲ୍ଲା କୋଷାଧକ୍ଷ ସଞ୍ଜୀବ ମହାପାତ୍ର, ମନ୍ତ୍ରୀଙ୍କ ପ୍ରତିନିଧି ଜ୍ଞାନ ରଞ୍ଜନ ନାୟକ, ନଗରମଣ୍ଡଳ ସଭାପତି ବିକାଶ କୁମାର ସାହୁ, ଭାପୁର ମଣ୍ଡଳ ସଭାପତି ଲକ୍ଷ୍ମୀଧର ରାଉତ, ଶଙ୍କରପୁର ମଣ୍ଡଳ ସଭାପତି ସୁଶିଲ୍ ରାଉତ, ଗୋବିନ୍ଦପୁର ମଣ୍ଡଳ ସଭାପତି ରଞ୍ଜିତ୍ ବିଶାଳ, ବାରୁଆଁ-କ ମଣ୍ଡଳ ସଭାପତି ରଶ୍ମିରଞ୍ଜନ ଦାସ, କାମାକ୍ଷାନଗର ମଣ୍ଡଳ ସଭାପତି ବ୍ରଜେଶ୍ୱରୀ ଦାସ, ବିରାଶାଳ ମଣ୍ଡଳ ସଭାପତି ସୂର୍ଯ୍ୟନାରାୟଣ ମିଶ୍ର, ଜିରାଳ ମଣ୍ଡଳ ସଭାପତି ଅଭୟ



ନାୟକ, ବରିଷ୍ଠ ନେତା ସତ୍ୟାନନ୍ଦ ପାତ୍ର, ବିଭୁତି ଷଣ୍ଢ, ଧ୍ରୁବ ଚରଣ ସ୍ୱାଇଁ, ସନାତନ ବେହେରା, ପ୍ରଦୀପ ମଲ୍ଲିକ, ଆରତ ବେହେରା, ଲକ୍ଷ୍ମୀଧର ଦଳେଇ, ପ୍ରଣତି ସାହୁ, ରବିନାରାୟଣ ମିଶ୍ର, ଦୁଷ୍ମନ୍ତ ବେହେରା, ଅଭୟ ଲେଙ୍କା, କାଉନ୍‌ସିଲର ସୂର୍ଯ୍ୟପ୍ରତାପ ରାଉତ, ପ୍ରମୁଖ ଅନ୍ୟ ନେତୃମଣ୍ଡଳୀ ଉପସ୍ଥିତ ଥିଲେ।

ବୁଧବାର ୧୭ ଡିସେମ୍ବର, ୨୦୨୫ ଭୁବନେଶ୍ୱର
WEDNESDAY 17 DECEMBER, 2025, BHUBANESWAR



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ମୁଁ ଆଁ କରିଅଛି, ମୁଆଁ ଖାଇବାକୁ ଆଜ୍ଞା ହେଉ ମହାରାଜ

**ବିକ୍ରମ କେଶରୀ ବିଶ୍ୱା**

ପୌଷ ମାସର ଶୀତ ଦିନରେ ଧନୁ ସଂକ୍ରାନ୍ତିର ଅବସରରେ ଧନୁ ମୁଆଁର ଆଦର ଓଡ଼ିଆଙ୍କ ଘରେ ଘରେ ରହିଥାଏ। କେବଳ ଗୁଡ଼ିଆ ଘର ପ୍ରସ୍ତୁତ ଖଇ ଓ ଗୁଡ଼ର ଧନୁ ମୁଆଁ ନୁହେଁ ଆଜିକାଲି ଗୁଡ଼ ବା ଚିନି ପ୍ରସ୍ତୁତ ଧନୁ ମୁଆଁ ସମସ୍ତଙ୍କର ପସନ୍ଦ। ଧନୁ ସଂକ୍ରାନ୍ତିର ପବିତ୍ର ଅବସରରେ ଓଡ଼ିଆ ଚଳଣୀର ଘରେ ଘରେ ବେଶ ଆଦର ଥିବା ମୁଆଁର ଶ୍ରଦ୍ଧା ବେଶ୍ ନିଆରା। କୃଷିଭିତ୍ତିକ ଉତ୍କଳୀୟ ସଭ୍ୟତାରେ ପର୍ବପର୍ବାଣୀର ସ୍ଥାନ ସ୍ୱତନ୍ତ୍ର । ମାର୍ଗଶୀର ମାସରେ ଲକ୍ଷ୍ମୀପୂଜା ବା ମାଣବସା ଅବସରପରେ ପୌଷମାସର ଆରମ୍ଭରେ ଚାଷୀମାନେ ପରମ ଆନନ୍ଦରେ ମା'ଲକ୍ଷ୍ମୀ ଠାକୁରାଣୀଙ୍କୁ ଖଳାବାଡ଼ିରୁ ଆଦରକରି ଗୃହ ପ୍ରାଙ୍ଗଣକୁ ନେଇଥାନ୍ତି । ସଂଯୋଗ ବଶତଃ ଏହି ସମୟରେ ଆଖୁ ଅମଳ ମଧ୍ୟ ସରିଥାଏ । ତେଣୁ ସର୍କରାଯୁକ୍ତ ମିଶ୍ରିତ ପ୍ରସାଦରେ ତିଆରି ହୋଇଥିବା ମୁଆଁ ବା ଉଖୁଡ଼ା ଗୃହର ଆରଧ୍ୟଦେବତା ଓ ଧନଲକ୍ଷ୍ମୀଙ୍କ ପାଖରେ ନୈବେଦ୍ୟ ଅର୍ପଣ କରାଯାଇଥାଏ । ଅମାବାସ୍ୟା ଓ ପୂର୍ଣ୍ଣିମାକୁ ଧରି ଚନ୍ଦ୍ରଙ୍କ କଳାର କ୍ଷୟ ବୃଦ୍ଧି ସହିତ ଚାନ୍ଦ୍ରମାନ ଓ ସଂକ୍ରାନ୍ତି କଳାରେ ଓ ସୌରମାନ ମାସ ଆମର ପଞ୍ଜିକାରେ ଅନ୍ତର୍ଭୁକ୍ତ । ''ଧନୁ ମାସ ହେଲା ହନୁ ନଚଳିଲା କହିବାକୁ ବଡ଼ ଲାଜ, ମୁଁ ଆଁ କରିଅଛି, ମୁଆଁ ଖାଇବାକୁ ଆଜ୍ଞା ହେଉ ମହାରାଜ ।'' ଉତ୍କଳଘଣ୍ଟ ହାସ୍ୟରସିକ କବି ଯଦୁମଣିଙ୍କର ରାଜନଙ୍କୁ ଏ ଉକ୍ତି ସୂଚୀତ କରେ, ଧନୁ ବା ପୌଷ ମାସରେ ଧନୁ ମୁଆଁ ଖାଇବା ସତେ ଯେପରି ଏକ ବୈଧାନିକ ବ୍ୟବସ୍ଥା, ଏବଂ ତହିଁରେ ବ୍ୟତିକ୍ରମ ହେତୁ କବିଙ୍କର ଏ ଖେଦ ! ପୁଷ ମାସରେ ଧାନ ଅମଳ ପରେ 'ଉଖୁଡ଼ା' ବା 'ମୁଆଁ'ର ପ୍ରସ୍ତୁତି ଓଡ଼ିଶୀ ଚଳଣିର ଏକ ବିଶେଷତ୍ୱ ଧନୁ ସଂକ୍ରାନ୍ତୀର ପ୍ରସିଦ୍ଧ ମୁଆଁ ଭୋଗ ପାଇଁ ।

ସୂର୍ଯ୍ୟ ଧନୁ ରାଶିକୁ ଚଳିଲେ ଧନୁସଂକ୍ରାନ୍ତି ପାଳନ ହୁଏ। ଓଡ଼ିଆ ସଂସ୍କୃତିରେ ସଂକ୍ରାନ୍ତିର ବିଶେଷ ମହତ୍ତ୍ୱ ରହିଛି। କେତେକ ସଂକ୍ରାନ୍ତିର ଭୋଗ ଓ ପୂଜା ବିଧି ବି ସ୍ୱତନ୍ତ୍ର। ଏଇ ଯେମିତି ମକର ସଂକ୍ରାନ୍ତିରେ ମକରଚାଉଳ, ପଣା, ସଂକ୍ରାନ୍ତିରେ ପଣା, ଠିକ ସେମିତି ଧନୁ ସଂକ୍ରାନ୍ତିରେ ଦିଅଁଙ୍କ ପାଖରେ ମୁଆଁ ଭୋଗ ଅର୍ପଣ କରାଯାଏ। ଧନୁ ସଂକ୍ରାନ୍ତି ଦିନଠୁ ଶ୍ରୀଜଗନ୍ନାଥଙ୍କ ପହିଲି ଭୋଗ ଆରମ୍ଭ ହୋଇ ମକର ସଂକ୍ରାନ୍ତି ଯାଏ ଚାଲେ। ପୌଷ ମାସରେ ନୂଆ ଧାନ ଅମଳ ହୁଏ ଏବଂ ସେହି ଧାନରୁ ପ୍ରସ୍ତୁତ ଖଇରେ ଉଖୁଡ଼ା ଓ ମୁଆଁ ତିଆରି କରାଯାଇ ପ୍ରଥମେ ଆରାଧ୍ୟଙ୍କୁ ଅର୍ପଣ କରାଯିବାର ପରମ୍ପରା କାହିଁ କେତେ କାଳରୁ ଓଡ଼ିଶାରେ ପ୍ରଚଳିତ ହୋଇଛି। ଧନୁ ସଂକ୍ରାନ୍ତିରେ ପୂଜା ହେଲାପରେ ବିକ୍ରି ପାଇଁ ମୁଆଁ ବଜାରକୁ ଆସେ ଏବଂ ମକର ଓ କୁମ୍ଭ ସଂକ୍ରାନ୍ତି ଯାଏ ବଜାରରେ ମୁଆଁ ମିଳିଥାଏ। ମୁଆଁ ଓଡ଼ିଶାରେ ଅନ୍ୟତମ ପାରମ୍ପରିକ ମିଷ୍ଟାନ୍ନ ଭାବେ ପରିଗଣିତ।

ପାରମ୍ପରିକ ଢ଼ଙ୍ଗରେ ଖଇ । ଲିଆକୁ ଆଖୁଗୁଡ଼ରେ ପାଗକରି ମୁଆଁ ପ୍ରସ୍ତୁତ ହୋଇଥାଏ। ସାଧାରଣ ଭାବେ ଓଡ଼ିଶାର ଗୁଡ଼ିଆ ବର୍ଗର ଲୋକେ ମୁଆଁ ପ୍ରସ୍ତୁତ କରିଥାଆନ୍ତି। ପରମ୍ପରା ଅନୁଯାୟୀ ଆଗକାଳରେ ଗାଁ ମାନଙ୍କରେ ଗୁଡ଼ିଆଘରେ ମୁଆଁ ତିଆରି ହୋଇ ବେତାରେ ରଖାହୋଇ ମନ୍ଦିରକୁ ଆସିଥାଏ। ଏହାବାଦ ଗାଁର ପ୍ରତିଘରେ ପ୍ରଥମ ଭୋଗ ଲାଗି ପାଇଁ ପୁଞ୍ଜାଏ ଲେଖାଏଁ ମୁଆଁ ଗୁଡ଼ିଆ କି ଗୁଡ଼ିଆଣୀ ପହଞ୍ଚାଇବା ପରମ୍ପରା ବି ପ୍ରଚଳିତ ଥିଲା। ଆଉ ଏହାର ପାଉଣା ବାବଦକୁ ଧାନ, ଚାଉଳ କିମ୍ବା ବାଡ଼ିର ପନିପରିବା ନେବା ଧାରା ବି ମଫସଲରେ ଥିଲା। ଏବେ ଯଦିଓ ଏସବୁ ହଜିଗଲାଣି, ତଥାପି କେତେକ ଗାଁରେ ଆଜି ବି ଏହିଧାରା ଅଳ୍ପବହୁତେ ସାଙ୍କେତିକ ଭାବେ ବଞ୍ଚିଛି।

ଏହି କ୍ରମରେ ଧୁନସଂକ୍ରାନ୍ତି ଡିସେମ୍ବର ୧୫ ବା ୧୬ ତାରିଖରେ ପଡୁଥିବାରୁ ଏହା ସୂର୍ଯ୍ୟଙ୍କ ଦକ୍ଷିଣାୟନ ସମୟରେ ଅର୍ନ୍ତଭୁକ୍ତ । ଏହି ଦିବସଠାରୁ ପୁରୀ ଶ୍ରୀମନ୍ଦିରେ ଶ୍ରୀ ଜଗନ୍ନାଥଙ୍କ ପହିଲି ଭୋଗ ଆରମ୍ଭ ହୋଇ ଉତ୍ତରାୟଣ ସଂକ୍ରାନ୍ତି ଜାନୁୟାରୀ ୧୪ ତାରିଖରେ ବା ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ଚାଲିଥାଏ । ସୂଚନାଯୋଗ୍ୟ ଶ୍ରୀ ଶ୍ରୀ ଜଗନ୍ନାଥ ଦେବଙ୍କର କର୍କଟ ସଂକ୍ରାନ୍ତି ଜୁଲାଇରେ ଦକ୍ଷିଣାୟନ ବନ୍ଦପନା ଓ ମକର ସଂକ୍ରାନ୍ତି ଜାନୁୟାରୀରେ ଉତ୍ତରାୟଣ ବନ୍ଦାପନା ହୋଇଥାନ୍ତି । ଜ୍ୟୋର୍ତିବିତ୍‌ଙ୍କ ମତରେ ଧନୁ ସଂକ୍ରାନ୍ତିରୁ ଧନୁ ରାଶିର ଆର୍ବିଭାବ ସମ୍ପର୍କରେ କୁହାଯାଇଛି ପୌଷ ମାସର ଧନୁ ସଂକ୍ରାନ୍ତି ରାତ୍ରି ଘ୪/୨୨ ମିନିଟ୍ ସମୟେ ସଂକ୍ରମଣାତ୍ ପରଦିନ ବୁଧବାର ସୂର୍ଯ୍ୟୋଦୟ ଠାରୁ ଦିବାର୍ଦ୍ଧ ମଧ୍ୟେ ପୁଣ୍ୟକାଳ । କେବଳ ସେତିକି ନୁହେଁ, ପୌଷମାସର ଶୀତ ପ୍ରଭାତରେ ପ୍ରଭାତୀ ଧୂପ ଖେଚୁଡ଼ୀର ବ୍ୟବସ୍ଥା। କେବଳ ଶ୍ରୀକ୍ଷେତ୍ରସ୍ଥ ଶ୍ରୀମନ୍ଦିର କାହିଁକି, କେନ୍ଦ୍ରାପଡ଼ା ତୁଳସୀକ୍ଷେତ୍ରର ବଳଦେବଜୀଉ ଓ ଅନ୍ୟାନ୍ୟ ଦେବମନ୍ଦିର ତଥା ମଠବାଡ଼ିମାନଙ୍କରେ ଖଞ୍ଜା ଯାଇଛି । ଜଗନ୍ନାଥ ତ ଆମ ଓଡ଼ିଶୀ ସଂସ୍କୃତିର ପ୍ରତୀକ । ସେ ବଡ଼ ଭୋଗଲାଳସୀ । ପ୍ରସାଦର ଉପଭୋଗକୁ ଆମେ 'ଭୋଗ' କହିଥାଉଁ । ଏହି ଖାଦ୍ୟଦ୍ରବ୍ୟ ପ୍ରତି ଗୁରୁତ୍ୱ ଦେବା ମୂଳରେ ଉପନିଷଦର 'ଅନ୍ନ ହିଁ ବ୍ରହ୍ମ' ବାଣୀ ଯେ ଉଦ୍‌ଘୋଷିତ ଏଥିରେ ସନ୍ଦେହ ନାହିଁ । କାରଣ ଭାଗବତରେ ଉକ୍ତି ହେଉଛି - ''ଅନ୍ନ ବିହୁନେ ହଂସ ହାନି, ଯୋଗ ସାଧିବୁ କାହା ଘେନି ।'' ତେଣୁ ''ଅନ୍ନର ମୂଳେ ଏ ଜଗତ, ସର୍ବଦା ହୋଏ ଆତଯାତ'' ଉକ୍ତି ପ୍ରଣିଧାନ ଯୋଗ୍ୟ ଏବଂ ଏତଦ୍‌ଦୃଷ୍ଟେ ଧନୁମୁଆଁର ଗୁରୁତ୍ୱ ବର୍ଷକ ମଧ୍ୟରେ ଧନୁସଂକ୍ରାନ୍ତିକୁ ହିଁ ସ୍ମରଣୀୟ କରି ରଖିଅଛି । କେବଳ ଧନୁ ସଂକ୍ରାନ୍ତି ଅବସରରେ ଯାହା ଲୋକ ରୀତିନୀତିର ପ୍ରଚଳିତ ଧନୁ ମୁଆଁ ସ୍ୱତନ୍ତ୍ର ରହିଥିଲେ ବି ମୁଆଁକୁ ପସନ୍ଦ କରୁନଥିବା ପିଲା ଠାରୁ ବୁଢ଼ାଙ୍କ ସଂଖ୍ୟା ଖୁବ୍ କ୍ୱଚିତ୍ ଥିବେ। ମୁଆଁ ତିଆରିରେ ନଡ଼ିଆ ସହ ଜୁଆଣୀ ରହୁଥିବାରୁ ଏହା ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଅତ୍ୟନ୍ତ ଉପଯୋଗୀ।

ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥଙ୍କ ପାଖରେ କାର୍ତ୍ତିକ ମାସରେ ବେଣ୍ଟ ମୁଆଁ ଭୋଗ ଲାଗି କରାଯାଏ। ଶ୍ରୀଲିଙ୍ଗରାଜ ମନ୍ଦିରରେ ଧନୁ ସଂକ୍ରାନ୍ତି ଠାରୁ ଆରମ୍ଭ କରି ମକର ସଂକ୍ରାନ୍ତି ଯାଏ ପୁରା ମାସକ ଯାକ ଠାକୁରଙ୍କୁ ମୁଆଁ ଭୋଗ ଲାଗି କରାଯାଏ। କେନ୍ଦ୍ରାପଡ଼ାର ଶ୍ରୀବଳଦେବ ଜୀଉଙ୍କ ପାଖରେ ମଧ୍ୟ କାର୍ତ୍ତିକ ପୂର୍ଣ୍ଣିମାରେ ମୁଆଁ ଭୋଗ ପରମ୍ପରା ରହିଛି ଲୋକମାନଙ୍କର। ଗ୍ରାହକଙ୍କୁ ଆକର୍ଷିତ କରିବା ଲାଗି ଏବେ ବିଭିନ୍ନ ଆକୃତିର ମୁଆଁ ପ୍ରସ୍ତୁତ କରାଯାଉଛି। ଆଜିକାଲି ବଜାରରେ ଚାନ୍ଦମୁଆଁ, ଚାରିକୋଣିଆ ମୁଆଁ, ହାର୍ଟମୁଆଁ, ଡାଇମଣ୍ଡ ମୁଆଁ, ଚେପଟାମୁଆଁ ଇତ୍ୟାଦି ଉପଲବ୍ଧ ହେଉଛି। ଧନୀ ହେଉ ବା ଗରିବ ମଫସଲ ହେଉ ବା ସହର, ମଠ ମନ୍ଦିର ସବୁଠି ଧନୁ ସଂକ୍ରାନ୍ତିର ଅପୂର୍ବ ମହନୀୟତା ମୁଆଁ ସହିତ ସମ୍ପର୍କିତ ହୋଇଥାଏ। ଆଜିର ପାଶ୍ଚାତ୍ୟ ବିପଣୀର ପସରା ବା ଚାଇନା ବଜାରର ଇନ୍ଦ୍ରଜାଲର ଭେଳିକି ସଉଦା ଭିତରେ ଧନୁ ମୁଆଁ କିନ୍ତୁ ହଜି ଯାଉନାହିଁ। ଧନୁ ସଂକ୍ରାନ୍ତିର ପବିତ୍ର ଅବସର ଆମ ପ୍ରିୟ ଓଡ଼ିଆ ଘରର ପାଟି ସୁଆଦ ମୁଆଁଟିକୁ ଯେ ନ ହଜାଇ ବରଂ ଆମ ପୂର୍ବସୁରୀଙ୍କ ହାତ ପ୍ରସ୍ତୁତି ସହ ସେମାନଙ୍କ ଅପୂର୍ବ ଖାଦ୍ୟ ପ୍ରସ୍ତୁତିର ପରିପାଟିକୁ ଯେ ଉଜ୍ଜୀବିତ କରୁଛି ଏହା ବେଶ୍ ଆନନ୍ଦର କଥା।

ଯାଜପୁର ରୋଡ୍, ଯାଜପୁର, ଦୂରଭାଷ : ୯୯୩୮୫୩୬୦୭୬

# ଟଙ୍କାର ସର୍ବକାଳୀନ ନିମ୍ନସ୍ତର

ଆମେରୀକୀୟ ଡଲାର ତୁଳନାରେ ଟଙ୍କାର ମୂଲ୍ୟ ହ୍ରାସ ପାଇ ପୁଣି ଥରେ ୯୦ ସ୍ତରକୁ ହ୍ରାସ ପାଇଛି। ମାତ୍ର ସପ୍ତାହକ ମଧ୍ୟରେ ଏହା ଟଙ୍କାର ରେକର୍ଡ ଅବମୂଲ୍ୟାୟନ । ଗଲା ବୁଧବାର ଦିନ ପ୍ରଥମ ଥର ପାଇଁ ଭାରତୀୟ ଟଙ୍କାର ମୂଲ୍ୟରେ ୪୨ ପଇସା ହ୍ରାସ ପାଇ ଆମେରିକୀୟ ଡଲାରର ମୂଲ୍ୟ ୯୦.୩୦ ପଇସା ହୋଇଥିଲା। ତେବେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଗତ ୬ମାସ ମଧ୍ୟରେ ପ୍ରଥମ ଥର ପାଇଁ ପ୍ରମୁଖ ନୀତିଗତ ସୁଧହାର ହ୍ରାସ କରିବା ପରେ ୧ଡଲାର ତୁଳନାରେ ଟଙ୍କାର ମୂଲ୍ୟ ୮୯.୯୫ରେ ସ୍ଥିର ରହିଥିଲା। ଏହା ସାମାନ୍ୟ ଆଶ୍ୱସ୍ତି ଆଣିଦେଇଥିବାବେଳେ ପୁଣି ଡଲାର ତୁଳନାରେ ଟଙ୍କା ୧୬ପଇସା ହ୍ରାସ ପାଇ ୯୦.୧୧ରେ ପହଁଚିବା ଟଙ୍କାର ମୂଲ୍ୟରେ ଅସ୍ଥିରତାର ସଂକେତ ପ୍ରଦାନ କରେ। ଉଲ୍ଲେଖଯୋଗ୍ୟ ଯେ ବର୍ଷକ ମଧ୍ୟରେ ଡଲାର ତୁଳନାରେ ଭାରତୀୟ ଟଙ୍କାର ମୂଲ୍ୟରେ ୬ ପ୍ରତିଶତରୁ ଅଧିକ ହ୍ରାସ ପାଇଛି। କିନ୍ତୁ ଅନ୍ୟ ବୃହତ ମୁଦ୍ରା ତଥା ଇଂଲଣ୍ଡର ପାଉଣ୍ଡ ଏବଂ ୟୁରୋପୀୟ ସମୁଦାୟ ୟୁରୋପ ବିରୁଦ୍ଧରେ ଟଙ୍କାର ପରିସର ବ୍ୟାପକ ହୋଇଥିବା କୁହାଯାଏ। ଡଲାର ତୁଳନାରେ ଟଙ୍କାର ମୂଲ୍ୟ ହ୍ରାସ ନିଶ୍ଚିତ ଭାବେ ଚିନ୍ତାଜନକ ଏବଂ କେତେକ କ୍ଷେତ୍ରରେ ଏହା ଉଦ୍‌ବେଗର କାରଣ ହୋଇଛି। ବୈଦେଶିକ ପାଣ୍ଠିର ବର୍ହିଗମନ, ଅଶୋଧିତ ତୈଳର ମୂଲ୍ୟବୃଦ୍ଧି, ଭାରତ-ଆମେରିକା ମଧ୍ୟରେ ବାଣିଜ୍ୟ ଚୁକ୍ତି ନେଇ ଅନିଶ୍ଚିତତା, ବିଦେଶୀ ସଂସ୍ଥାଗତ ନିବେଶକ (ଏଫଆଇଆର) ମାନଙ୍କ ଦ୍ୱାରା କ୍ରମାଗତ ଇକ୍ୱିଟି ବିକ୍ରୀ ଟଙ୍କା ମୂଲ୍ୟ ହ୍ରାସ ଟଙ୍କାର ମୂଲ୍ୟ ହ୍ରାସର ପ୍ରମୁଖ କାରଣ ଥିବାବେଳେ ଆରବିଆଇର ମଧ୍ୟସ୍ଥତା ଅଭାବ ମଧ୍ୟ ଏଥିପାଇଁ ଦାୟୀ ବୋଲି ଅର୍ଥନୈତିକ ବିଶାରଦମାନେ ମତ ଦିଅନ୍ତି। ସେହିପରି କ୍ରମାଗତ ବାଣିଜ୍ୟ ନିଅଂଟିଆ ଟଙ୍କା ଉପରେ ଚାପ ସୃଷ୍ଟି କରିଚାଲିଛି। ଭାରତୀୟ ସାମଗ୍ରୀ ଉପରେ ଆମେରିକାର ରାଷ୍ଟ୍ରପତିଙ୍କ ୫୦ପ୍ରତିଶତ ଶୁଳ୍କ ଲାଗୁ ଯୋଗୁଁ ରପ୍ତାନୀ କାରବାର ୮.୬ ପ୍ରତିଶତ ହ୍ରାସ ପାଇଥିବା ବେଳେ ମୋଟ ଉପରେ ଗତ ଅକ୍ଟୋବର ମାସରେ ଦେଶର ବାଣିଜ୍ୟକ ରପ୍ତାନୀ ୧୨ ପ୍ରତିଶତ ହ୍ରାସ ପାଇଥିଲା। ଅନ୍ୟପକ୍ଷରେ ଅକ୍ଟୋବରରେ ସୁନା ଆମଦାନୀ ୧୪.୭ ବିଲିଅନର ଡଲାରକୁ ବୃଦ୍ଧି ପାଇଥିଲା। ଅଥଚ ଗତବର୍ଷ ସୁନା ଆମଦାନୀ ମାତ୍ର ୪.୭ ବିଲିଅନ ଡଲାର ଥିଲା। ଭାରତର ବାଣିଜ୍ୟ ନିଅଂଟ ୪୧.୭ ବିଲିଅନ ଡଲାରକୁ ବୃଦ୍ଧି ପାଇଥିଲା। କହିବା ବାହୁଲ୍ୟ ଯେ, ଦେଶକୁ ବୈଦେଶିକ ପୁଞ୍ଜି ଆଗମନ ଚାପରେ ଥିବା ବେଳେ ବାଣିଜ୍ୟ ନିଅଂଟ ବ୍ୟାପକ ହେବାରେ ଲାଗିଛି। ଚଳିତ ବର୍ଷ ଆରମ୍ଭରୁ ଦ୍ୱିତୀୟ ତ୍ରୟମାସିକରେ ମାର୍କେଟରୁ ବିଦେଶୀ ପୁଞ୍ଜି ପ୍ରତ୍ୟାହାର ୧୭ ବିଲିଅନ ଡଲାରରେ ପହଁଚିଥିଲା। ସେହି ସମୟରେ ବୈଦେଶିକ ପ୍ରତ୍ୟକ୍ଷ ପୁଞ୍ଜି ନିବେଶ ମାତ୍ର ୨.୯ ବିଲିଅନ ଡଲାର ଥିଲା। ଆହୁରି ମଧ୍ୟ ଆରବିଆର ତଥ୍ୟ ଅନୁଯାୟୀ ଚଳିତ ବର୍ଷର ପ୍ରଥମାର୍ଦ୍ଧରେ ବୈଦେଶିକ ବିନିମୟ ମୁଦ୍ରା ଭଣ୍ଡାର ୬.୪ ବିଲିଅନ ଡଲାର ହ୍ରାସ ପାଇଥିବାବେଳେ ଭାରତ ଆମେରିକା ବାଣିଜ୍ୟ ଚୁକ୍ତିରେ ଅନିଶ୍ଚିତା ଯୋଗୁଁ ବଜାର ମନୋଭାବ ମଧ୍ୟ ହ୍ରାସ ପାଇବାରେ ଲାଗିଛି। ଏହା ନିସନ୍ଦେହ ଯେ, ବିଭିନ୍ନ କାରଣରୁ ଟଙ୍କାର ମୂଲ୍ୟହ୍ରାସ ପାଇବା ମଧ୍ୟରେ ମଧ୍ୟବିତ ପରିବାର ପାଇଁ ବୋଝ ସଦୃଶ ହୋଇଛି। ଟଙ୍କାର ମୂଲ୍ୟ ହ୍ରାସ ଯୋଗୁଁ ପେଟ୍ରୋଲ, ଡିଜେଲ ଏବଂ ଇଲେକ୍ଟ୍ରୋନିକ ସାମଗ୍ରୀ ମହଙ୍ଗା ହେବା ସ୍ୱାଭାବିକ। ଯାହାର ପ୍ରଭାବ ମଧ୍ୟବିତଙ୍କ ଉପରେ ପ୍ରତ୍ୟକ୍ଷ ଭାବେ ପଡୁଛି। ପେଟ୍ରୋଲ, ଡିଜେଲର ମୂଲ୍ୟ ବୃଦ୍ଧି ଯୋଗୁଁ ବିଭିନ୍ନ ସାମଗ୍ରୀର ମୂଲ୍ୟ ବୃଦ୍ଧି ବୃଦ୍ଧି ପାଇବ। ଦେଶ ସ୍ୱାଧୀନ ହେବା ସମୟରେ ୧ଡଲାରର ମୂଲ୍ୟ ୧ଟଙ୍କା ସହ ସମାନ ଥିବାବେଳେ, ୨୦୧୩ ମସିହା ବେଳକୁ ଏକ ଡଲାର ତୁଳନାରେ ଟଙ୍କାର ମୂଲ୍ୟ ୬୦ଥିଲା। ଗତ ଦଶନ୍ଧି ମଧ୍ୟରେ ଏହା ଆଉ ୩୦ ହ୍ରାସ ପାଇଛି। ଏହାକୁ ସରକାରଙ୍କ ବିଫଳତା ବୋଲି କୁହାଯାଇପାରେବ। ତେବେ ସରକାର ଯଦି ବର୍ତମାନଠାରୁ ଦୃଢ ପଦକ୍ଷେପ ନନିଅନ୍ତି, ତେବେ ୧ ଡଲାର ୧୦୦ ଛୁଇଁବା ଆଉ ବେଶୀ ଦୂର ନୁହେଁ।

# ଗୃହ ଶତ୍ରୁ ବିଭୀଷଣ ଓ ଛଦ୍ମବେଶୀ ଉଚ୍ଚଶିକ୍ଷିତ ଆତଙ୍କବାଦୀ ; ବଡ଼ ଚ୍ୟାଲେଞ୍ଜ

**ଦୁର୍ଗେଶ ନନ୍ଦନ ମହାପାତ୍ର**

ଡାକ୍ତରଙ୍କୁ ପୃଥିବୀରେ ଦ୍ୱିତୀୟ ଈଶ୍ୱର କୁହାଯାଏ କାରଣ ସେମାନେ ଚିକିତ୍ସା ମାଧ୍ୟମରେ ମଣିଷକୁ ସୁସ୍ଥ କରି ପୁନର୍ଜନ୍ମ ଦେଇଥାଆନ୍ତି କିନ୍ତୁ ଗତ ନଭେମ୍ବର ଦଶ ତାରିଖରେ ଘଟିଥିବା ଲାଲକିଲ୍ଲା ନିକଟ ଦିଲ୍ଲୀ ବିସ୍ଫୋରଣ ଘଟଣା ଏହି ଦ୍ୱିତୀୟ ଈଶ୍ୱରମାନଙ୍କର ଏମିତି ଚେହେରା ଉଜାଗର କରିଥିଲା ଯାହା ହୁଏତ କେହି ସ୍ୱପ୍ନରେ ଭାବିନଥିବେ ।ବୃତ୍ତିରେ ଡାକ୍ତର ହେଲେ ଅସଲରେ ଥିଲେ ଆତଙ୍କବାଦୀଙ୍କ ଏଜେଣ୍ଟ ! ଭାରତରେ ଆତଙ୍କବାଦୀ କାଣ୍ଡ ଘଟାଇବାକୁ ଷଡ଼ଯନ୍ତ୍ର ରଚିଥିଲେ ଷ୍ଟେଥୋ ବଦଳରେ ଏହି ଡାକ୍ତରମାନେ ରାଇଫଲ ଓ ବିସ୍ଫୋରକ ସାମଗ୍ରୀ ରଖିଥିଲେ। ।ବଲିଉଡ ଓ ହଲିଉଡର କୌଣସି ହରର ବା ଥ୍ରୀଲର ଚଳଚ୍ଚିତ୍ର ପରି ଲାଗୁଥିଲେ ମଧ୍ୟ ଡାକ୍ତରମାନଙ୍କର ଏଭଳି ଏକ ଆତଙ୍କବାଦୀ ନେଟ୍‌ର୍କ ଧରାପଡ଼ିବା ପରେ ସମ୍ପୂର୍ଣ୍ଣ ଦେଶ ଦୋହଲିଯାଇଥିଲା ଏମାନଙ୍କୁ ଗୃହଶତ୍ରୁ ବିଭୀଷଣ କହିପାରନ୍ତି , ଦେଶଦ୍ରୋହୀ ବେଇମାନ କହିପାରନ୍ତି ନଚେତ ଭସ୍ମାସୁର ବା ଜହ୍ଲାଦ କହିପାରନ୍ତି ! ଶବ୍ଦ କମ ପଡ଼ିଯିବ କିନ୍ତୁ ଏହି ବେଇମାନଙ୍କ ଲଜ୍ୟାଜନକ ଉପାଧି ସରିବନି । ଏହାପୂର୍ବରୁ ହୁଏତ ଆତଙ୍କବାଦର ଧଳା ଚେହେରା କେହି ଦେଖିନଥିବେ ଭାରତକୁ ବାହ୍ୟ ଶତ୍ରୁମାନଙ୍କର ତ ଚ୍ୟାଲେଞ୍ଜ ଅଛି କିନ୍ତୁ ଦେଶ ଭିତରେ ରହି ଦେଶ ସହ ବିଶ୍ୱାସଘାତକତା କରୁଥିବା ବେଇମାନଙ୍କ ପାଖରୁ ଚ୍ୟାଲେଞ୍ଜ ଭୟଙ୍କର ରୂପରେ ଅଛି ।

ତଦନ୍ତକାରୀ ସଂସ୍ଥା (ଏନଆଇଏ) ଏ ଘଟଣାରେ ଆତଙ୍କବାଦୀଙ୍କ ସଂପୃକ୍ତିର ପ୍ରମାଣ ପାଇବା ପରେ ଆତଙ୍କବାଦର ଗୋଟେ ପରେ ଗୋଟେ ପେଡି ଖୋଲିଥିଲା। ଦିଲ୍ଲୀ ଲାଲକିଲ୍ଲା ନିକଟରେ ଘଟିଥିବା କାଣ୍ଡରେ ଆତଙ୍କବାଦୀ ସଂଗଠନ ଜୈସ ଏ ମହମ୍ମଦର ହ୍ୱାଇଟ୍ କଲାର ଟେରର ମଡ୍ୟୁଲ୍ ସଂପୃକ୍ତିର ପ୍ରମାଣ ମିଳିଥିଲା । ଏହି ମଡ୍ୟୁଲରେ ଭାରତର କିଛିଁ ଡାକ୍ତର, ପ୍ରଫେସର ସଂପୃକ୍ତ ଥିବା ଜଣାପଡିଥିଲା ମହିଳା ଡାକ୍ତର ଶାହିନ ସାହିଦ ମଧ୍ୟ ବିସ୍ଫୋରଣର ବିଷକନ୍ୟା ସାଜିଥିଲେ। କାଶ୍ମୀରରୁ ଦିଲ୍ଲୀ ଯାଏଁ ମହିଳା ଆତଙ୍କବାଦୀ ବ୍ରିଗେଡ୍ ଗଢ଼ିବାକୁ ସେ ପ୍ରସ୍ତୁତ କରିଥିଲେ ବ୍ଲୁପ୍ରିଣ୍ଟ ଆତଙ୍କବାଦୀ ନେଟର୍କର ସୁପର ବସ୍ ସାଜି ଗିରଫ ଡାକ୍ତରମାନେ ଦେଶରେ ୨୦୦ ବିସ୍ଫୋରଣ କରିବାକୁ ଯୋଜନା କରିଥିଲେ । ପ୍ରସ୍ତୁତ ହୋଇଥିଲା ୨୬/୧୧ ମୁମ୍ବାଇ ଆକ୍ରମଣ ଭଳି ବ୍ଲୁପ୍ରିଣ୍ଟ ଦୁଇ ବର୍ଷ ହେବ ଏଥିପାଇଁ ଠୁଳ ହେଉଥିଲା ବିସ୍ଫୋରକ। ଫରିଦାବାଦର ଅଲ-ଫଲାହ ବିଶ୍ୱବିଦ୍ୟାଳୟର ରୁମ ନଂ ୧୩ ପାଲଟିଥିଲା ମନ୍ତ୍ରଣା କକ୍ଷ ଏଇଠୁ ଟେଲିଗ୍ରାମ ଜରିଆରେ ଭାରତରେ ନରସଂହାର ରଚିବାକୁ ହୋଇଥିଲା ଷଡ଼ଯନ୍ତ୍ର ।

ଧରାପଡ଼ିଥିବା ଏହି ଆତଙ୍କବାଦୀ ଡାକ୍ତରମାନେ ଉଚ୍ଚଶିକ୍ଷିତ, ଭଲ ପରିବାର, ସମାଜରେ ପ୍ରତିଷ୍ଠିତ ପରିଚୟ ସହ ବଞ୍ଚୁଥିଲେ କିନ୍ତୁ ନିଜ ମାଆ। ମାଟି ଓ ମାନବିକତାକୁ ମାରି ପାକିସ୍ତାନ ପାଇଁ କାମ କରୁଥିଲେ। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି ଆଗରୁ ଧାରଣା ଥିଲା ଯେ ଅଳ୍ପପାଠୁଆ ତଥା ମୂର୍ଖ ପିଲାଙ୍କର ବ୍ରେନ ।ସ କରି ତାଙ୍କୁ ଜିହାଦୀ ଆତଙ୍କବାଦୀ ବନାଯାଉଛି ।କିନ୍ତୁ ଆତଙ୍କବାଦର ଉଚ୍ଚଶିକ୍ଷିତ ପାଠୁଆ ଚେହେରା ଚିନ୍ତାର କାରଣ ପାଲଟିଛି । କିଛି ମାସ ତଳେ ମହାରାଷ୍ଟ୍ରର ଆଣ୍ଟି ଟେରରିଜିମ୍ ସ୍କ୍ୱାଡ୍ () ଦ୍ୱାରା ଗିରଫ ପୁଣେର ଜଣେ ସଫ୍ଟରେ୍ ଇଞ୍ଜିନିୟର ସମ୍ପର୍କରେ ଏକ ଋଣ୍ଟଲ୍ୟକର ଖୁଲାସା ହୋଇଥିଲା ଗିରଫ ଯୁବକର ନାମ ଜୁବୈର ହଙ୍ଗେରଗେକର, ସେ ମୂଳତଃ ସୋଲାପୁରର ବାସିନ୍ଦା ଆତଙ୍କବାଦୀ ସଂଗଠନ ଅଲ-କାଏଦା ସହିତ ସମ୍ପର୍କ ରଖିବା ଅଭିଯୋଗରେ ତାକୁ ଗିରଫ କରିଥିଲା ଜୁବେର ହଙ୍ଗାରଗେକର



ଅଲ-କାଏଦା ପ୍ରତିଷ୍ଠାତା ଓସାମା ବିନ୍ ଲାଡେନଙ୍କ ଭାଷଣ ଦ୍ୱାରା ପ୍ରଭାବିତ ହୋଇଥିଲା ଗିରଫ କରିବା ପରେ ପୋଲିସ ତା'ପାଖରୁ ଓସାମା ବିନ୍ ଲାଡେନର ଭାଷଣର ଏକ ଉର୍ଦ୍ଦୁ ଅନୁବାଦ ବହି ଜବତ କରିଥିଲା ।

କେବଳ ସେତିକି ନୁହେଁ କିଛି ଆନ୍ତର୍ଜାତୀୟ ସ୍ତରର କୁଖ୍ୟାତ ତଥା ଉଚ୍ଚଶିକ୍ଷିତ ଆତଙ୍କବାଦୀଙ୍କ ତାଲିକା ଆପଣଙ୍କ ସମ୍ମୁଖରେ ଉଲ୍ଲେଖ କରୁଛି ଏହାକୁ ପଢି ଜାଣନ୍ତୁ ଯେ କୌଣସି ବି ବ୍ୟକ୍ତି ଯେତେ ଉଚ୍ଚଶିକ୍ଷିତ ହୋଇଥାଉ ନା କାହିଁକି ବ୍ରେନ ।ସ କରାଯାଇ ତାକୁ ଆତଙ୍କବାଦୀ କରାଯାଇପାରେ !

ଞଅଲ କାଏଦା ଆତଙ୍କବାଦୀ ସଂସ୍ଥାର ସଂସ୍ଥାପକ ଓସାମା ବିନ ଲାଡେନ ଜଣେ ସିଭିଲ ଇଞ୍ଜିନିୟର ଥିଲା ଞ।

ଞଅଲ କାଏଦା ଆତଙ୍କବାଦୀ ସଂସ୍ଥା ମୁଖ୍ୟ ଅୟମାନ ଅଲ ଜବାହିରି ଇଜିପ୍ଟ ଦେଶର କାଇରୋ ବିଶ୍ୱବିଦ୍ୟାଳୟରୁ ଏମବିବିଏସ ଡିଗ୍ରୀ ପ୍ରାପ୍ତ ଜଣେ ଚକ୍ଷୁ ବିଶେଷଜ୍ଞ ଡାକ୍ତର ।

ଞହିଜବୁଲ ମୁଜାହିଦିନ ଆତଙ୍କବାଦୀ ସଂଗଠନର ମୁଖ୍ୟ ସେୟଦ ସଲାହୁଦିନ ପଲିଟିକାଲ ସାଇନ୍ସ ବିଭାଗରୁ ମାଷ୍ଟର ଡିଗ୍ରୀ ପ୍ରାପ୍ତ ଜଣେ ଉଚ୍ଚଶିକ୍ଷିତ ।

ଞ୧୯୯୩ ମୁମ୍ବାଇ ସିରିଏଲ ବୋମା ବିସ୍ଫୋରଣର ମାଷ୍ଟର ମାଇଣ୍ଡ ୟାକୁବ ମେମନ ଜଣେ ଋଟର୍ଡ ଆକାଉଣ୍ଟାଣ୍ଟ ଥିଲା ।

ଞଆତଙ୍କବାଦୀ ଅଫଜଲ ଗୁରୁ ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ବି. କମ (ବାଣିଜ୍ୟ)ରେ ସ୍ନାତକ ଡିଗ୍ରୀ ପ୍ରାପ୍ତ ।

ଞଇଣ୍ଡିଆ। ମୁଜାହିଦିନ ଆତଙ୍କବାଦୀ ସଂସ୍ଥାର ଆତଙ୍କବାଦୀ ରିୟାଜ ଭଟକଲ ଜଣେ ସଫ୍ଟୱେର ଇଞ୍ଜିନିଅର।।

ଞଲସ୍କର ଆତଙ୍କବାଦୀ ସଂଗଠନର ମୁଖ୍ୟ ହାଫିସ ସୟିଦ ମାଷ୍ଟର ଡିଗ୍ରୀ (ସ୍ନାତକୋତ୍ତର) ପ୍ରାପ୍ତ ଜଣେ ଉଚ୍ଚଶିକ୍ଷିତ ଆତଙ୍କବାଦୀ ।

ଏଠାରେ ପ୍ରଶ୍ନ ଉଠୁଛି ଏକ ନିର୍ଦ୍ଦିଷ୍ଟ ଧର୍ମକୁ ନେଇ ଯାହାର ନାଁ ସିଧାସଳଖ ଭାବେ କହିବାକୁ ଗଲେ ଇସଲାମ ଧର୍ମ ଏହା ସତ ଯେ ନିର୍ଦ୍ଦିଷ୍ଟ ଧର୍ମର ସବୁ ବ୍ୟକ୍ତି ଆତଙ୍କବାଦୀ ନୁହଁନ୍ତି କିନ୍ତୁ ସବୁ ଆତଙ୍କବାଦୀ ନିର୍ଦ୍ଦିଷ୍ଟ ଧର୍ମରୁ (ଇସଲାମ) କଣ ପାଇଁ ବାହାରୁଛନ୍ତି ! କଣ ଏହା ପଛର କାରଣ କିଛି ବିବାଦୀୟ କଥାବସ୍ତୁ କି....? ଯାହା ଅନେକ ଇସଲାମ ସ୍କଲାର ବା ଧର୍ମଗୁରୁମାନେ ମଧ୍ୟ ସ୍ୱୀକାର କରିଛନ୍ତି, ମୁଖ୍ୟତଃ ୨୬ଟି ଆୟତ ବିବାଦୀୟ ଏବଂ ଏଥିରେ ହିଂସାତ୍ମକ ଉକ୍ତି ଅଛି ବୋଲି କିଛି ଇସଲାମ ଧର୍ମରୁ ଅନ୍ୟ ଧର୍ମକୁ ଧର୍ମାନ୍ତରିତ ହୋଇଥିବା ବ୍ୟକ୍ତିମାନେ ମତପୋଷଣ କରିଛନ୍ତି ।ମଦରସା ଗୁଡିକରେ ତଥା ବିଭିନ୍ନ କଟ୍ଟରବାଦୀ ମୌଲବୀଙ୍କ (ଇସଲାମ ଧର୍ମଗୁରୁ) ଦଦ୍ୱାରା ସେସବୁ ବିବାଦୀୟ ବିଷୟକୁ ପ୍ରୋତ୍ସାହନ ଦିଆଯାଇ ଇସଲାମ ଧର୍ମାବଲମ୍ବୀ ଯୁବକଙ୍କୁ ଜିହାଦୀ (ମୁଜାହିଦ) ବା ଧର୍ମଯୋଦ୍ଧା ହେବା ପାଇଁ ପ୍ରବର୍ତ୍ତା ଯାଉଛି ଯେଉଁ ବିଷୟ ସମ୍ପୂର୍ଣ୍ଣ ମାନବଜାତି ଓ ବିଶ୍ୱଶାନ୍ତି କ୍ଷେତ୍ରରେ ଏକ ବଡ ସମସ୍ୟା ହୋଇ ଉଭାହୋଇଛି ବୋଲି ନିଜକୁ ସନାତନୀ ମୁସଲମାନ କହୁଥିବା ତଥା ସୁପ୍ରିମକୋର୍ଟ ଆଇନଜୀବୀ ନାଜିଆ। ଇଲାହି ଖାନ ନାମକ ଜଣେ ମୁସଲମାନ ମହିଳା ଦାବି କରିଆସୁଛନ୍ତି ନାଜିଆ। କଟ୍ଟରବାଦୀ ମାନସିକତାକୁ ପ୍ରୋତ୍ସାହନ ଦେଉଥିବା ତଥା ଇସଲାମ ଧର୍ମର ପବିତ୍ର ଧର୍ମଗ୍ରନ୍ଥରେ ଉଲ୍ଲେଖ କରାଯାଇଥିବା ବିଶେଷତଃ ୨୬ଟି ଆୟତଗୁଡିକୁ ବ୍ୟାନ କରାଯିବା ଓ ସେସବୁକୁ ନେଇ ଖୋଲାମଞ୍ଚରେ ଆଲୋଚନା କରିବା ପାଇଁ ବିଭିନ୍ନ ଗଣମାଧ୍ୟମରେ ଆହ୍ୱାନ ଦେଇଆସୁଛନ୍ତି । ତାଙ୍କ ମତରେ ଏଭଳି ମାନସିକତା ପାଇଁ ବୈଶ୍ୱିକ ସ୍ତରରେ ସାମ୍ପ୍ରଦାୟିକ ହିଂସା ଓ ଆତଙ୍କବାଦ ବଢୁଛି । ତେବେ ମୁଖ୍ୟ ପ୍ରସଙ୍ଗ ହେଉଛି ସତରେ ଯଦି ବି କୌଣସି ବିବାଦୀୟ ବିଷୟବସ୍ତୁ ଇସଲାମ ଧର୍ମରେ ଅଛି ବିଶେଷଭାବେ ସେସବକୁ ନେଇ ଉକ୍ତ ଧର୍ମର କିଛି ରୂଢିବାଦୀ କଟ୍ଟର ଧର୍ମଗୁରୁମାନେ କିଛି ଇସଲାମ ଧର୍ମାବଲମ୍ବୀ ଲୋକଙ୍କୁ ବିପଥଗାମୀ କରି ଆତଙ୍କବାଦର ଭୟଙ୍କର ରାସ୍ତାରେ ଋଲିବା ପାଇଁ ପ୍ରୋତ୍ସାହନ ଦେଉଛନ୍ତି ତେବେ ନିଶ୍ଚିତରୂପରେ ଏସବୁକୁ ନେଇ ଆଲୋଚନା କରି ସେମାନଙ୍କ ମାନସିକତାକୁ ବୁଝି ଏକ ସ୍ଥାୟୀ ସମାଧାନ ବାହାର କରିବାର ଅତ୍ୟନ୍ତ ଆବଶ୍ୟକତା ରହୁଛି ।

ମନକୁ ଅନେକ ପ୍ରଶ୍ନ ଆସୁଛି କଣ ସତରେ ଏତେ ଉଚ୍ଚଶିକ୍ଷା ପାଇକି ମଧ୍ୟ କିଛି ମୁଷ୍ଟିମୟ କଟ୍ଟର ବ୍ୟକ୍ତିଙ୍କ ପ୍ରରୋଚନାରେ ଆସି ଉଚ୍ଚଶିକ୍ଷିତ ବ୍ୟକ୍ତିମାନେ ଏଭଳିଆ। ଭୟଙ୍କର ଆତଙ୍କବାଦୀ ହୋଇପାରନ୍ତି...??!!!! ନିରୀହ ଲୋକଙ୍କୁ ମାରିବୁ ଓ ମରିବୁ ଭଳି ଭୟଙ୍କର ମାନସିକତା ଯଦି ଡାକ୍ତରୀ ଓ ଅନ୍ୟାନ୍ୟ ପାଠ ପଢିଥିବା କିଛି ଉଚ୍ଚଶିକ୍ଷିତ ବ୍ୟକ୍ତିମାନଙ୍କ ମୁଣ୍ଡ ଭିତରେ ପୁରେଇଦିଆଯାଉଛି, ଯାହାକୁ ଇଂରାଜୀରେ ବ୍ରେନ ।ସିଂ ବୋଲି କୁହାଯାଏ ତାହାଲେ ଯେଉଁମାନେ ମୂର୍ଖ ସେମାନେ ଯେ କେତେ ଭୟଙ୍କର ହେବେ। ଏଥିରୁ କଳନା କରାଯାଇପାରେ ।

ସାମ୍ବାଦିକ ଓ ଉପସ୍ଥାପକ
ଭୁବନେଶ୍ୱର

# ବନ୍ଦେ ମାତରମ୍ : ଭାରତର ଆତ୍ମା, ପ୍ରାଣ ଓ ପରିଚୟ

**ଡ଼ଃ.ଅରୁନ୍ଧତୀ ଦେବୀ**

ଆମେ ସମସ୍ତେ କାର୍ଯ୍ୟ କରିବା। ଅତୀତର ଏକ ସ୍ମୃତି ମନେଅଛି, ଯେତେବେଳେ ବନ୍ଦେ ମାତରମର ୧୦୦ତମ ବାର୍ଷିକ ପାଳନ କରାଗଲା, ସେତେବେଳେ ଦେଶକୁ ଜରୁରୀକାଳୀନ ପରିସ୍ଥିତିର ଶିକୁଳିରେ ବାନ୍ଧି ଦିଆଯାଇଥିଲା। ଏ ବେଦନା ଆମ ସମସ୍ତଙ୍କୁ ସତର୍କ କରିଦିଏ, ଯେପରି ଏଭଳି ପରିସ୍ଥିତି ସ୍ୱାଧୀନ ଭାରତରେ ଆଉ କେବେ ବି ନ ଆସୁ। 'ବନ୍ଦେ ମାତରମ୍' ଆମ ପାଇଁ ଏହି ସଂକଳ୍ପକୁ ପୁନରାବୃତ୍ତି କରିବାର ଏକ ମହାନ ସୁଯୋଗ। ବନ୍ଦେ ମାତରମ୍ ହେଉଛି ରାଷ୍ଟ୍ରର ପ୍ରକୃତ ଶକ୍ତି। ବନ୍ଦେ ମାତରମ୍ ସଂଗୀତରୁ ନୂତନ ଶକ୍ତି ଏବଂ ପ୍ରେରଣା ନେଇ ଆମେ ସମସ୍ତେ ଏକ ବୃହତ୍ତର ସମାଜର ବୃହତ୍ତର ରାଜ୍ୟର ବୃହତ୍ତର ରାଷ୍ଟ୍ରକୁ ବେଗବାନ କରାଇବା, ଆଗେଇ ନେବା ଏବଂ ନିଜକୁ ସମର୍ପିତ କରିବା। ବାସ୍ତବିକ ବନ୍ଦେ ମାତରମ ଏକ ସଙ୍ଗୀତ ନୁହେଁ, ଏହା ଭାରତର ଆତ୍ମା, ପ୍ରାଣ ଓ ପରିଚୟ। ଏହା ଚିରକାଳ ଭାରତୀୟଙ୍କ ଆତ୍ମାକୁ ଜାଗ୍ରତ କରୁଥିବ। ଏହା ସଭିଙ୍କୁ ଏଇଠି ରଖିବା ସହ ଯୋଡ଼ିବାର ଗୀତ।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦



# ପଶ୍ଚିମବଙ୍ଗ ଭୋଟର ତାଲିକାରୁ କଟିଲା ୫୮ ଲକ୍ଷ ନାମ

**ନୂଆଦିଲ୍ଲୀ,୧୬।୧୨(ଏଜେନ୍ସି):** ପଶ୍ଚିମବଙ୍ଗରେ ଚାଲିଥିବା ଭୋଟର ତାଲିକାର ବିଶେଷ ସଂଶୋଧନ ଅଭିଯାନ ଏବେ ଚର୍ଚ୍ଚାର ବିଷୟ ପାଲଟିଛି । ନିର୍ବାଚନ ଆୟୋଗ ପଶ୍ଚିମବଙ୍ଗରେ 'ଏସଆଇଆର ୨୦୨୬' ବା ସ୍ୱତନ୍ତ୍ର ସଂଶୋଧନ ପ୍ରକ୍ରିୟା ଅଧୀନରେ ଭୋଟର ତାଲିକାରୁ ବାଦ ପଡ଼ିଥିବା ଭୋଟରଙ୍କ ଏକ ଡ୍ରାପ୍ଟ ପ୍ରକାଶ କରିଛନ୍ତି । ଆୟୋଗଙ୍କ କହିବାନୁସାରେ, ଭୋଟର ତାଲିକାକୁ ଅଧିକ ସଠିକ୍ ଏବଂ ତ୍ରୁଟିମୁକ୍ତ କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସୂଚନା ମୁତାବକ, ତାଲିକାରୁ ବାଦ ପଡ଼ିଥିବା ନାମଗୁଡ଼ିକ ମଧ୍ୟରେ ମୁଖ୍ୟତଃ ସେହି ବ୍ୟକ୍ତିମାନେ ସାମିଲ ଅଛନ୍ତି ଯେଉଁମାନେ ଅନ୍ୟ ସ୍ଥାନକୁ ସ୍ଥାନାନ୍ତରିତ ହୋଇଛନ୍ତି, ମୃତ ଘୋଷିତ ହୋଇଛନ୍ତି କିମ୍ବା ଯେଉଁମାନଙ୍କର ଯୋଗ୍ୟତା ସଠିକ୍ ଭାବେ ଯାଞ୍ଚ କରାଯାଇ ପାରିନାହିଁ ।ନିର୍ବାଚନ ଆୟୋଗ ସ୍ପଷ୍ଟ କରିଛନ୍ତି ଯେ ସ୍ୱଚ୍ଛତା ଏବଂ ନିରପେକ୍ଷତା ସୁନିଶ୍ଚିତ କରିବା ପାଇଁ ଏହି ସମସ୍ତ ପ୍ରକ୍ରିୟା କରାଯାଉଛି। ଜାରି କରାଯାଇଥିବା ସରକାରୀ ପରିସଂଖ୍ୟାନ ଅନୁଯାୟୀ, ଚିଠା ତାଲିକାରୁ ମୋଟ ୫୮ ଲକ୍ଷ ୨୦ ହଜାର ୮୯୮ ଜଣଙ୍କ ନାମ ବାଦ ଦିଆଯାଇଛି । ଏହି ସଂଖ୍ୟା ମଧ୍ୟରେ ସର୍ବାଧିକ ୨୪ ଲକ୍ଷ ୧୬ ହଜାର ୮୫୨ ଜଣ ବ୍ୟକ୍ତି ମୃତ ବୋଲି ଚିହ୍ନଟ ହୋଇଛନ୍ତି । ସେହିପରି ୧୯ ଲକ୍ଷ ୮୮ ହଜାର ୦୭୬ ଜଣ ଲୋକ ଅନ୍ୟ ସ୍ଥାନକୁ ସ୍ଥାନାନ୍ତରିତ ହୋଇସାରିଛନ୍ତି । ଏହା ବ୍ୟତୀତ ପ୍ରାୟ ୧୨ ଲକ୍ଷ ୨୦ ହଜାର ୦୩୮ ଜଣ ଲୋକ ନିଖୋଜ ଥିବା ବେଳେ ୧ ଲକ୍ଷ ୩୮ ହଜାର ୩୨୮ ଟି ନାମ ଡୁପ୍ଲିକେଟ୍ ବା ଦୋହରା ନାମ ଭାବେ ତାଲିକାରେ ରହିଥିଲା । ଅନ୍ୟାନ୍ୟ ବିଭିନ୍ନ କାରଣରୁ ୫୭ ହଜାର ୬୦୪ ଜଣଙ୍କ ନାମ ମଧ୍ୟ ବାଦ ଦିଆଯାଇଛି । ଆୟୋଗ କହିଛନ୍ତି ଯେ ଏହା ଏକ ନିୟମିତ ପ୍ରକ୍ରିୟା ଯାହା ଭବିଷ୍ୟତ ନିର୍ବାଚନ ପାଇଁ ଏକ ସ୍ୱଚ୍ଛ ଡାଟାବେସ୍ ପ୍ରସ୍ତୁତ କରିବାରେ ସାହାଯ୍ୟ କରିବ। ନିର୍ବାଚନ ଆୟୋଗ ଭୋଟରମାନଙ୍କ ସୁବିଧା ପାଇଁ ଆପତ୍ତି ଅଭିଯୋଗ ଦାଖଲ କରିବାର ସୁଯୋଗ ମଧ୍ୟ ଦେଇଛନ୍ତି । ଆୟୋଗ ସାଧାରଣ ଜନତାଙ୍କୁ ନିବେଦନ କରିଛନ୍ତି ଯେ ସେମାନେ ନିଜର ସ୍ଥିତି ଯାଞ୍ଚ କରନ୍ତୁ । ଯଦି କୌଣସି ବ୍ୟକ୍ତିଙ୍କ ନାମ ଭୁଲବଶତଃ ତାଲିକାରୁ ବାଦ ପଡିଯାଇଥାଏ, ତେବେ ସେମାନେ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ନିଜର ଆପତ୍ତି ଦାଖଲ କରିପାରିବେ । ଏଥିପାଇଁ ଉଭୟ ଅନଲାଇନ୍ ଏବଂ ଅଫଲାଇନ୍ ମାଧ୍ୟମ ଉପଲବ୍ଧ କରାଯାଇଛି, ଯାହାଦ୍ୱାରା ଲୋକମାନେ ସହଜରେ ନିଜର ନାମ ପୁନର୍ବାର ଯୋଡ଼ିବା ପାଇଁ ଆବେଦନ କରିପାରିବେ ।

# ସମସ୍ତ କୋଟିପତିଙ୍କୁ ପଛରେ ପକାଇଲେ ମସ୍କ

**ନୂଆଦିଲ୍ଲୀ,୧୬।୧୨(ଏଜେନ୍ସି):** ବିଶ୍ୱର ସବୁଠାରୁ ଧନୀ ବ୍ୟକ୍ତି ଏଲନ ମସ୍କ ଇତିହାସ ରଚିଛନ୍ତି। ସେ ବିଶ୍ୱର ପ୍ରଥମ ବ୍ୟକ୍ତି ହୋଇଛନ୍ତି ଯାହାଙ୍କ ମୋଟ ସମ୍ପତ୍ତି ୬୦୦ ବିଲିୟନ (ପ୍ରାୟ ୫୪ ଲକ୍ଷ କୋଟି ଟଙ୍କା) ଡଲାର ଅତିକ୍ରମ କରିଛି। ଗତ ୨୪ଘଣ୍ଟା ମଧ୍ୟରେ ତାଙ୍କର ସମ୍ପତ୍ତି ୧୬୭ ବିଲିୟନ ଡଲାର ବୃଦ୍ଧି ପାଇଛି । ମସ୍କଙ୍କ ସମ୍ପତ୍ତିରେ ଏହି ଆଶ୍ଚର୍ଯ୍ୟଜନକ ବୃଦ୍ଧି ତାଙ୍କ ରକେଟ ନିର୍ମାଣକାରୀ କମ୍ପାନୀ ସ୍ପେସଏକ୍ସର ବର୍ଦ୍ଧିତ ମୂଲ୍ୟ ଯୋଗୁଁ ହୋଇଥିବା ଜଣାଯାଇଛି। ଏହି କାରଣରୁ ସେ ବିଶ୍ୱର ଅନ୍ୟ ସମସ୍ତ କୋଟିପତିଙ୍କୁ ପଛରେ ପକାଇ ଦେଇଛନ୍ତି । ମୁକେଶ ଅମ୍ବାନୀ ଏବଂ ଗୌତମ ଆଦାନୀଙ୍କ ମୋଟ ସମ୍ପତ୍ତିଠାରୁ ମସ୍କ କେବଳ ଚଳିତ ବର୍ଷରେ ଅଧିକ ଆୟ କରିଛନ୍ତି । ବ୍ଲୁମବର୍ଗ ବିଲିୟନେୟର୍ସ ଇଣ୍ଡେକ୍ସ ଅନୁଯାୟୀ, ଏଲନ ମସ୍କଙ୍କ ସମ୍ପତ୍ତି ପ୍ରାୟ ୬୩୮ ବିଲିୟନ (ପ୍ରାୟ ୫୮ଲକ୍ଷ କୋଟି ଟଙ୍କା)ଡଲାରରେ ପହଞ୍ଚିଛି । ଏହି ସମ୍ପତ୍ତି ସହିତ ବିଶ୍ୱର ସବୁଠୁ ଧନୀ ବ୍ୟକ୍ତି ପାଲଟିଛନ୍ତି । ଆଜି ପର୍ଯ୍ୟନ୍ତ କାହାର ସମ୍ପତ୍ତି ଏତେ ବୃଦ୍ଧି ପାଇନଥିଲା । ତେଣୁ ଏବେ ମସ୍କ ୫୮ଲକ୍ଷ କୋଟି ଟଙ୍କାର ମାଲିକ ହୋଇ ଇତିହାସ ରଚିଛନ୍ତି । ଏଲନ୍ ମସ୍କଙ୍କ ଆୟର ମୁଖ୍ୟ ଉତ୍ସ ହେଉଛି ତାଙ୍କର କମ୍ପାନୀଟେସଲା, ସ୍ପେସ୍ଏକ୍ସ, ଏକ୍ସ, ଏକ୍ସଏଆଇ ଇତ୍ୟାଦି । ଟେସଲା ଏବଂ ସ୍ପେସ୍ଏକ୍ସରୁ ସେ ଅଧିକ ଟଙ୍କା ରୋଜଗାର କରନ୍ତି । ତାଙ୍କ ସମ୍ପତ୍ତି ବୃଦ୍ଧିରେ



ଟେସଲା ଏବଂ ସ୍ପେସ୍ଏକ୍ସର ଯୋଗଦାନ ବେଶ୍ ଅଧିକ । ସେ ଟେସଲାର ପ୍ରାୟ ୧୩% ଏବଂ ସ୍ପେସ୍ଏକ୍ସର ୪୨% ମାଲିକ । ସ୍ପେସ୍ଏକ୍ସର ମୂଲ୍ୟରେ ସାମ୍ପ୍ରତିକ ବୃଦ୍ଧି ତାଙ୍କ ସମ୍ପତ୍ତି ବୃଦ୍ଧିର ମୁଖ୍ୟ କାରଣ । ମସ୍କ ଟେସଲାରୁ ପାରମ୍ପରିକ ଦରମା ପାଆନ୍ତି ନାହିଁ । ତାଙ୍କର କ୍ଷତିପୂରଣ କମ୍ପାନୀର ସେୟାର ଉପରେ ଆଧାରିତ । ଟେସଲାର ସେୟାର ବିକ୍ରି କରିବା ପରିବର୍ତ୍ତେ, ସେ ସେଗୁଡ଼ିକୁ ଋଣ ପାଇଁ ବନ୍ଧକ ରଖନ୍ତି, ଯାହା ତାଙ୍କୁ ତାଙ୍କର ସେୟାର ବଜାୟ ରଖିବାରେ ସାହାଯ୍ୟ କରେ।ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଅଧ୍ୟକ୍ଷ ମୁକେଶ ଅମ୍ବାନୀ କେବଳ ଭାରତରେ ନୁହେଁ ବରଂ ଏସିଆର ସବୁଠାରୁ ଧନୀ ବ୍ୟକ୍ତି । ଆଦାନୀ ଗ୍ରୁପ୍ ଅଧ୍ୟକ୍ଷ ଗୌତମ ଆଦାନୀ ଦ୍ୱିତୀୟ ସ୍ଥାନରେ ଅଛନ୍ତି । ୨୦୨୫ ପାଇଁ ଏଲନ୍ ମସ୍କଙ୍କ ଆୟ ଅମ୍ବାନୀ ଏବଂ ଆଦାନୀଙ୍କ ମିଳିତ ସମ୍ପତ୍ତିକୁ ଅତିକ୍ରମ କରିଛି । ଅମ୍ବାନୀଙ୍କ ସମ୍ପତ୍ତି ୧୦୬ ବିଲିୟନ ଡଲାର ଏବଂ ଆଦାନୀଙ୍କ ମୋଟ୍ ସମ୍ପତ୍ତି ପ୍ରାୟ ୮୫ ବିଲିୟନ ଡଲାର। ଏହାକୁ ମିଶାଇଲେ ସେମାନଙ୍କର ମିଳିତ ସମ୍ପତ୍ତି ୧୯୧ ବିଲିୟନ ଡଲାର ହେବ । ଅନ୍ୟପକ୍ଷରେ, ମସ୍କ ଏହି ବର୍ଷ ୨୦୫ ବିଲିୟନ ଡଲାର ରୋଜଗାର କରିଛନ୍ତି । କେବଳ ଗତ ୨୪ ଘଣ୍ଟା ମଧ୍ୟରେ ମସ୍କଙ୍କ ସମ୍ପତ୍ତି ୧୬୭ ବିଲିୟନ ଡଲାର ବୃଦ୍ଧି ପାଇଛି ।

# ଗ୍ରାମାଞ୍ଚଳରେ କମିଛି ବେକାରି ହାର

**ନୂଆଦିଲ୍ଲୀ,୧୬।୧୨(ଏଜେନ୍ସି):** ପନ୍ଦର ବର୍ଷ ଓ ତା'ଠାରୁ ଅଧିକ ବୟସ ବର୍ଗରେ ବେକାରି ହାର ୪.୭ ପ୍ରତିଶତକୁ ହ୍ରାସ ପାଇଛି । କେନ୍ଦ୍ର ସରକାର ଜାରି କରିଥିବା ନଭେମ୍ବର ମାସ ତଥ୍ୟରୁ ଏହା ଜଣାପଡ଼ିଛି । ଗତ ଅକ୍ଟୋବର ରେ ବେକାରି ହାର ୫.୨ ପ୍ରତିଶତ ଥିଲା। ଗତ ଏପ୍ରିଲ୍ ପରେ ଦେଶରେ ବେକାରି ହାର ସର୍ବନିମ୍ନ ସ୍ତରକୁ ଖସିଛି । ନଭେମ୍ବରରେ ଗ୍ରାମୀଣ ବେକାରି ହାର ୩.୯ ପ୍ରତିଶତ ଓ ସହରାଞ୍ଚଳରେ ତାହା ୬.୫ ପ୍ରତିଶତ ରହିଛି । ଉଭୟ ପୁରୁଷ ଓ ମହିଳାଙ୍କୁ ନଭେମ୍ବରରେ ଅଧିକ କାମ ମିଳିଥିଲା । ସେଥିପାଇଁ ମହିଳା ବର୍ଗରେ ବେକାରି ହାର ୪.୮ ପ୍ରତିଶତକୁ ଖସିଆସିଛି । ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ମହିଳା ବେକାରି ହାର ୩.୪ ପ୍ରତିଶତ ଓ ୯.୩ ପ୍ରତିଶତକୁ



ହ୍ରାସ ପାଇଛି । ମୋଟ ଉପରେ ପୁରୁଷ ବେକାରି ହାର ଗତ ଅକ୍ଟୋବରର ୫.୧ ପ୍ରତିଶତ ତୁଳନାରେ ନଭେମ୍ବରରେ ୪.୬ ପ୍ରତିଶତକୁ ହ୍ରାସ ପାଇଛି । ଗ୍ରାମାଞ୍ଚଳରେ ପୁରୁଷ ବେକାରି ହାର ୪.୧ ପ୍ରତିଶତକୁ ଓ ସହରାଞ୍ଚଳରେ ୫.୬ ପ୍ରତିଶତକୁ ହ୍ରାସ ପାଇଛି । ସରକାର ଏହା ମଧ୍ୟ ଜଣାଇଛନ୍ତି ଯେ ଚଳିତ ବର୍ଷ ଏପ୍ରିଲରୁ ନଭେମ୍ବର ମଧ୍ୟରେ ପୁରୁଷ, ମହିଳା ଓ ସବୁ ବର୍ଗରେ ବେକାରି କମ୍ ହୋଇଛି । ଗ୍ରାମାଞ୍ଚଳରେ ବେକାରି ଯଥେଷ୍ଟ କମ୍ ହୋଇଛି । ସହରାଞ୍ଚଳରେ ଏହା ସାମାନ୍ୟ ଅଧିକ ଥିଲେ ମଧ୍ୟ ଧୀରେ ଧୀରେ ସେଥିରେ ସୁଧାର ଘଟୁଛି । ରିପୋର୍ଟରେ କୁହାଯାଇଛି ଯେ ନଭେମ୍ବରରେ କର୍ମଜୀବୀ ଲୋକସଂଖ୍ୟା ଅନୁପାତ ୫୩.୨ ପ୍ରତିଶତକୁ ବୃଦ୍ଧି ପାଇଛି ଯାହା ଗତ ଅକ୍ଟୋବରରେ ୫୨.୮ ପ୍ରତିଶତ ଥିଲା । ଗ୍ରାମାଞ୍ଚଳରେ ଏହି ଅନୁପାତ ୫୬.୩ ପ୍ରତିଶତ ରହିଛି । କର୍ମଜୀବୀ ମହିଳା ଜନସଂଖ୍ୟା ଅନୁପାତ ୩୩.୪ ପ୍ରତିଶତକୁ ବଢ଼ିଛି । ୧୫ ବର୍ଷରୁ ଅଧିକ ବୟସ ବର୍ଗରେ ଶ୍ରମଶକ୍ତିରେ ଅଂଶଗ୍ରହଣ ହାର ୫୫.୮ ପ୍ରତିଶତ ରହିଛି ଯାହା ଗତ ଏପ୍ରିଲ୍ ପରଠାରୁ ସର୍ବାଧିକ ।

# ସୋନିଆ-ରାହୁଲଙ୍କୁ ବଡ ଆଶ୍ୱସ୍ତି

**ନୂଆଦିଲ୍ଲୀ,୧୬।୧୨(ଏଜେନ୍ସି):** କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ଓ ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ଆଶ୍ୱସ୍ତ କଲେ ଦିଲ୍ଲୀର ରାଉଜ୍ ଆଭେନ୍ୟୁ କୋର୍ଟ । ନ୍ୟାସନାଲ୍ ହେରାଲ୍ଡ ମନି ଲଣ୍ଡରିଂ ମାମଲାରେ ଇଡିର ଚାର୍ଜସିଟ୍ ଉପରେ ଶୁଣାଣି କରିବାକୁ କୋର୍ଟ ମନା କରିଥିବା ଜଣାପଡ଼ିଛି। ଏହି ନିଷ୍ପତ୍ତି ରାହୁଲ ଗାନ୍ଧୀ ଏବଂ ସୋନିଆଗାନ୍ଧୀଙ୍କୁ ଆଶ୍ୱସ୍ତ କରିଛି। କୋର୍ଟ କହିଛନ୍ତି ଯେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଚାହିଁଲେ ତଦନ୍ତ ଜାରି ରଖିପାରିବ । ଇଡି ଏହାର ଚାର୍ଜସିଟରେ ସୋନିଆଗାନ୍ଧୀ, ରାହୁଲ ଗାନ୍ଧୀ, ସାମ ପିଟ୍ରୋଡା, ସୁମନ ଦୁବେ, ସୁନୀଲ ଭଣ୍ଡାରୀ, ୟଙ୍ଗ ଇଣ୍ଡିଆନ୍ ଏବଂ ଡୋଟେକ୍ସ ମର୍ଚ୍ଚେଣ୍ଡାଇଜ୍ ପ୍ରାଇଭେଟ୍ ଲିମିଟେଡ୍ର ନାମ ଉଲ୍ଲେଖ କରିଛି । କଂଗ୍ରେସ ଦଳ ଯୁକ୍ତି ଦେଇଥିଲା ଯେ, ଇଡିର ତଦନ୍ତ ଏକ ରାଜନୈତିକ ପ୍ରତିଶୋଧ ଥିଲା । ଅନ୍ୟପକ୍ଷରେ ଇଡି ଦାବି କରିଥିଲା ଯେ, ଏହା ଏକ ଗମ୍ଭୀର ଅର୍ଥନୈତିକ ଅପରାଧ ଯେଉଁଥିରେ ଠକେଇ ଏବଂ ଅଥର୍ ହେରଫେରର ପ୍ରମାଣ ମିଳିଛି । ଇଡି ଅଭିଯୋଗ ଅନୁଯାୟୀ, କଂଗ୍ରେସ ନେତାମାନେ ମାତ୍ର ୫୦ ଲକ୍ଷ ଟଙ୍କାରେ ଘରୋଇ କମ୍ପାନୀ ୟଙ୍ଗ ଇଣ୍ଡିଆନ୍ ମାଧ୍ୟମରେ ଆସୋସିଏଟେଡ୍ ଜର୍ଣ୍ଣାଲ୍ସ ଲିମିଟେଡ୍ ର ୨ହଜାର କୋଟି ମୂଲ୍ୟର ସମ୍ପତ୍ତି ହାସଲ



କରିବାକୁ ଷଡ଼ଯନ୍ତ୍ର କରିଥିଲେ । ସୋନିଆ ଏବଂ ରାହୁଲ କମ୍ପାନୀର ୭୬% ଅଂଶଧନ ରଖିଛନ୍ତି। ଏଥିରୁ ସୋନିଆ ଏବଂ ରାହୁଲ ୯୮୮ କୋଟି ଟଙ୍କା ଆୟ କରିଥିଲେ ବୋଲି ଆକଳନ କରାଯାଇଥିଲା। ସମ୍ପୃକ୍ତ ସମ୍ପତ୍ତିର ବଜାର ମୂଲ୍ୟ ଏବେ ୫ହଜାର କୋଟି ହେବ ବୋଲି ଆକଳନ କରାଯାଇଛି। ୧୨ ଏପ୍ରିଲ୍, ୨୦୨୫ରେ ତଦନ୍ତ ସମୟରେ ସମ୍ପତ୍ତି ଜବତ କରିଥିଲା ଇଡି । ଦିଲ୍ଲୀର ହେରାଲ୍ଡ ହାଉସ୍ (୫ଏ, ବାହାଦୁର ଶାହ ଜାଫର ମାର୍ଗ), ମୁମ୍ବାଇର ବାନ୍ଦ୍ରା (ପୂର୍ବ) ଏବଂ ଲକ୍ଷ୍ନୌର ବିଶେଶ୍ୱର ନାଥ ରୋଡରେ ଥିବା AJLର କୋଠାରେ ନୋଟିସ୍ ଲଗାଇଥିଲା ଇଡି ।୬୬୧ କୋଟି ମୂଲ୍ୟର ଏହି ଅସ୍ଥାବର ସମ୍ପତ୍ତି ବ୍ୟତୀତ ଇଡି ନଭେମ୍ବର ୨୦୨୩ ରେ ୯୦.୨ କୋଟି ମୂଲ୍ୟର AJL ସେୟାର ଜବତ କରିଥିଲା । ରାହୁଲ ଗାନ୍ଧୀ ଏବଂ ସୋନିଆ ଗାନ୍ଧୀଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ ହୋଇଥିବା ନ୍ୟାସନାଲ ହେରାଲ୍ଡ ମାମଲା, ନ୍ୟାସନାଲ ହେରାଲ୍ଡ ଖବରକାଗଜ ସହିତ ଜଡିତ । ଏହି ଖବରକାଗଜ ୧୯୩୮ ମସିହାରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ୫ହଜାର ସ୍ୱାଧୀନତା ସଂଗ୍ରାମୀଙ୍କ ସହିତ ପ୍ରତିଷ୍ଠା କରିଥିଲେ । ଖବରକାଗଜ AJL ଦ୍ୱାରା ପ୍ରକାଶିତ ହୋଇଥିଲା । ୨୦୦୮ମସିହାରେ ଏହାକୁ ବନ୍ଦ କରିଦିଆଯାଇଥିଲା । ପରବର୍ତ୍ତୀ ସମୟରେ, ଏହାର ଅଧିଗ୍ରହଣକୁ ନେଇ ବିବାଦ ଏବଂ ହୋଇଥିବା ଠକେଇ ସାମ୍ନାକୁ ଆସିବା ଆରମ୍ଭ ହୋଇଥିଲା ।

# ରାହୁଲ ବୁଲିବାକୁ ବିଦେଶ ଯାଆନ୍ତି ନାହିଁ, ନିଜର ମତ ରଖନ୍ତି : ଖୁର୍ସିଦ

**ନୂଆଦିଲ୍ଲୀ,୧୬।୧୨(ଏଜେନ୍ସି):** କଂଗ୍ରେସ ନେତା ତଥା ପୂର୍ବତନ ବୈଦେଶିକ ମନ୍ତ୍ରୀ ସଲମାନ ଖୁର୍ସିଦ ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ବିଦେଶ ଗସ୍ତ ବିଷୟରେ ନିଜର ମତ ରଖିଛନ୍ତି । ସେ କହିଛନ୍ତି ଯେ ସେ ରାହୁଲ ବୁଲିବାକୁ ବିଦେଶ ଯାଆନ୍ତି ନାହିଁ, ନିଜର ମତ ରଖିବାକୁ ଯାଆନ୍ତି । ସେ କହିଛନ୍ତି ଯେ ଏବେ ରାହୁଲ ଗାନ୍ଧୀ ଜର୍ମାନୀ ଗସ୍ତରେ ଅଛନ୍ତି ବର୍ଲିନରେ ପ୍ରୋଗ୍ରେସିଭ୍ ଆଲାଏନ୍ସ ବୈଠକରେ ଅଂଶଗ୍ରହଣ କରିବେ । ପ୍ରୋଗ୍ରେସିଭ୍ ଆଲାଏନ୍ସରେ ୧୨୦ଟି ପ୍ରଗତିଶୀଳ ଚିନ୍ତାଧାରା ଥିବା ଦଳ ରହିଛନ୍ତି, ଯେଉଁଥିରୁ ୩୦ଟି ଆଜି କ୍ଷମତାରେ ଅଛନ୍ତି। ଏହା ୧୯୯୩ ମସିହାରେ ସମାଜବାଦୀ ଇଣ୍ଟରନ୍ୟାସନାଲରୁ ଅଲଗା ହେବା ପରେ ଗଠିତ ହୋଇଥିଲା । ଗତ ବର୍ଷ, ଆମେ ସେମାନଙ୍କୁ ତେଲେଙ୍ଗାନାକୁ ନିମନ୍ତ୍ରଣ କରିଥିଲୁ । ବର୍ତ୍ତମାନ, ଆମେ ଦ୍ରୁତ ଗତିରେ ଆମର କାର୍ଯ୍ୟକଳାପକୁ ବିସ୍ତାର କରୁଛୁ । ସଲମାନ ଖୁର୍ସିଦ କହିଛନ୍ତି ଯେ ରାହୁଲ ଗାନ୍ଧୀ ଯେତେବେଳେ ବିଦେଶ ଯାଆନ୍ତି, ଦେଶ ବିରୋଧରେ କୁହନ୍ତି ନାହିଁ। ଆମେ



କହିପାରିବା ଯେ ପ୍ରଧାନମନ୍ତ୍ରୀ ଭାବରେ ମୋଦୀ ବିଦେଶରେ ଏଣୁତେଣୁ କହନ୍ତି। କିନ୍ତୁ ରାହୁଲ ଗାନ୍ଧୀ ଯେତେବେଳେ ବିଦେଶ ଯାଆନ୍ତି, ସେ ଅର୍ଥପୂର୍ଣ୍ଣ କଥା କୁହନ୍ତି। ଯଦି ରାହୁଲ ଗାନ୍ଧୀଙ୍କର ବିଦେଶରେ ନିଜର ମତ ପ୍ରକାଶ କରିବାର ଅଧିକାର ନାହିଁ, ତେବେ ବିଦେଶ ଯିବାର କ'ଣ ଲାଭ ? ସେ କେବଳ ଗସ୍ତ କରି ଫେରି ଆସିବା ଉଚିତ କି ?ସଲମାନ ଖୁର୍ସିଦ କହିଛନ୍ତି, ଏହା ଉତ୍ସାହଜନକ ଯେ ରାହୁଲ ଗାନ୍ଧୀ ବିଦେଶ ଯିବାର ଅଭିଯୋଗ ହେଉଥିବା ସମୟରେ ଏଥିପାଇଁ ସମୟ ପାଇଛନ୍ତି । ପ୍ରଧାନମନ୍ତ୍ରୀ ମଧ୍ୟ ସମ୍ପ୍ରତି ବିଦେଶ ଯାଇଛନ୍ତି, ତେଣୁ ଏହି ପ୍ରଶ୍ନ ଉଠାଇବା ମୂର୍ଖତା । ରାହୁଲ ଗାନ୍ଧୀ ସେଠାରେ ପ୍ରଭାବଶାଳୀ ୟୁରୋପୀୟ ନେତାମାନଙ୍କ ସହିତ ଆଲୋଚନା କରିବେ । ଭାରତର ବୈଦେଶିକ ନୀତି ବିଷୟରେ ସେମାନଙ୍କର ଯେକୌଣସି ପ୍ରଶ୍ନର ଉତ୍ତର ଦେବାକୁ ସେ ଚେଷ୍ଟା କରିବେ । ମୁଁ ବିଶ୍ୱାସ କରେ ଏହା ଦେଶ ଏବଂ ଦଳ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ ହେବ ।

# ଗାଡିର ପଲ୍ୟୁସନ ନଥିଲେ ମିଳିବନି ପେଟ୍ରୋଲ

**ନୂଆଦିଲ୍ଲୀ,୧୬।୧୨(ଏଜେନ୍ସି):** ଏଣିକି ଦିଲ୍ଲୀରେ ଗାଡି ଚଲାଇବା ହେବନି ସହଜ ।କାହିଁକି ନା' ଦିଲ୍ଲୀବାସୀଙ୍କ ପାଇଁ ନୂଆ ନୂଆ ନିୟମ ଆଣୁଛନ୍ତି ରେଖାଗୁପ୍ତା ସରକାର । ଏବେ ପୁଣି ସେମିତି ଏକ ବଡଖବର ସାମ୍ନାକୁ ଆସିଛି, ଯାହା ଦିଲ୍ଲୀବାସୀଙ୍କ ପାଇଁ କଠୋର ବୋଲି ବିବେଚନା କରାଯାଉଛି । ରେଖା ଗୁପ୍ତା ସରକାର ଦିଲ୍ଲୀରେ ପ୍ରଦୂଷଣ ମୁକାବିଲା ପାଇଁ ନିରନ୍ତର ଭାବେ କଠୋର ପଦକ୍ଷେପ ନେଉଛନ୍ତି ।ଏହି ପରିପ୍ରେକ୍ଷୀରେ, ଯେଉଁ ଗାଡ଼ି ଗୁଡ଼ିକର ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ରର ଅବଧି ସମାପ୍ତ ହୋଇଯାଇଛି କିମ୍ବା ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର ନାହିଁ ସେମାନଙ୍କୁ ପେଟ୍ରୋଲ କିମ୍ବା ଡିଜେଲ ଯୋଗାଇ ଦିଆଯିବ ନାହିଁ। ଏହି ସୂଚନା ଦିଲ୍ଲୀର ପରିବେଶ ମନ୍ତ୍ରୀ ମନଜିନ୍ଦର ସିଂହ ସିରସା ଦେଇଛନ୍ତି। ମନଜିନ୍ଦର ସିଂହ ସିରସା କହିଛନ୍ତି ଯେ, ଦିଲ୍ଲୀରେ ପ୍ରଦୂଷଣକୁ ଦୃଷ୍ଟିରେ ରଖି ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି । ଏହା ଅଧୀନରେ, ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର ବିନା ଗାଡ଼ି ଗୁଡ଼ିକୁ ଇନ୍ଧନ ମିଳିବ ନାହିଁ । ଏପରି ଗାଡ଼ି ଗୁଡ଼ିକୁ ମଧ୍ୟ ଜରିମାନା କରାଯିବ । ଏହା ବ୍ୟତୀତ, ଦିଲ୍ଲୀ ବାହାରୁ ଆସୁଥିବା ଇଝ୍‌୬ ଠାରୁ କମ୍ ଗାଡ଼ିକୁ ଜବତ କରାଯିବ । ଏହା ଉଲ୍ଲେଖନୀୟ ଯେ କ୍ରମାଗତ ବୃଦ୍ଧି ପାଉଥିବା ପ୍ରଦୂଷଣ ଯୋଗୁଁ, ଦିଲ୍ଲୀରେ ଏଜଇଚ-୪ କାର୍ଯ୍ୟକାରୀ କରାଯାଇଛି । ଫଳସ୍ୱରୂପ, ନିର୍ମାଣ କାର୍ଯ୍ୟ ବନ୍ଦ କରାଯାଇଛି । ପଥର ଏବଂ ବାଲି ଭଳି ନିର୍ମାଣ ସାମଗ୍ରୀ ଆଣିବା ଉପରେ ମଧ୍ୟ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ଡିଜେଲ ଜେନେରେଟରଗୁଡ଼ିକୁ ମଧ୍ୟ ନିଷେଧ କରାଯାଇଛି ।

# ବିବାଦ ଘେରରେ ଅନିରୁଦ୍ଧାଚାର୍ଯ୍ୟ

**ନୂଆଦିଲ୍ଲୀ,୧୬।୧୨(ଏଜେନ୍ସି):** ଉତ୍ତର ପ୍ରଦେଶର ମଥୁରାରେ କଥାବାଚକ ଅନିରୁଦ୍ଧାଚାର୍ଯ୍ୟଙ୍କ ସୁରକ୍ଷା କର୍ମୀଙ୍କ ବିରୋଧରେ ଗୁରୁତର ଅଭିଯୋଗ ଆସିଛି । ଅଭିଯୋଗ ହେଉଛି ଯେ ଅନିରୁଦ୍ଧାଚାର୍ଯ୍ୟଙ୍କ ସୁରକ୍ଷା କର୍ମୀମାନେ ଆଶ୍ରମ ନିକଟରେ ଜଣେ ଦୋକାନୀଙ୍କୁ ପ୍ରବଳ ମାଡ଼ ମାରିଛନ୍ତି। ଏହି ଘଟଣାର ଫଟୋ ଏବେ ସାମ୍ନାକୁ ଆସିଛି। ମାଡ଼ ମାରିବା ଫଳରେ ଦୋକାନୀ ଗୁରୁତର ଆହତ ହୋଇଛନ୍ତି। ହସ୍ପିଟାଲରେ ଘଣ୍ଟା ଘଣ୍ଟା ଅପେକ୍ଷା କରିବା ପରେ, ପୀଡିତଙ୍କୁ ଭର୍ତ୍ତି କରାଯାଇଥିଲା, ଯେଉଁଠାରେ ତାଙ୍କର ଚିକିତ୍ସା ଚାଲିଛି । କୁହାଯାଉଛି ଯେ ଗୌରୀ ଗୋପାଳ ଆଶ୍ରମ ପାଖରେ ଦୋକାନ କରିଥିବା



ବିବେକ କୁମାରଙ୍କୁ ଅନିରୁଦ୍ଧାଚାର୍ଯ୍ୟଙ୍କ ସୁରକ୍ଷା କର୍ମୀମାନେ ପ୍ରଥମେ ଭିତରକୁ ଟାଣି ନେଇଥିଲେ ଏବଂ ପରେ ତାଙ୍କୁ ନିସ୍ତୁକ ମାଡ଼ ମାରିଥିଲେ । ବିବେକ କୁମାରଙ୍କ ଝିଅ କୁହନ୍ତି ଯେ ଗୌରୀ ଗୋପାଳଙ୍କ ରକ୍ଷୀମାନେ ଆସି ସମୟ ପ୍ରାୟ ରାତି ୧୧:୩୦ ରୁ ୧୨:୦୦ ମଧ୍ୟରେ ମୋ ବାପାଙ୍କୁ ଟାଣି ନେଇଗଲେ ଏବଂ ପିଟିଲେ । ଯେତେବେଳେ ମୋ ବାପା ପ୍ରତିବାଦ କଲେ, ସେମାନେ ତାଙ୍କୁ ପ୍ରବଳ ମାଡ଼ ମାରି ଗୌରୀ ଗୋପାଳ ଆଶ୍ରମକୁ ନେଇଗଲେ । ଯାହାକି ଅନିରୁଦ୍ଧାଚାର୍ଯ୍ୟଙ୍କ ଆଶ୍ରମ। ପୀଡିତାଙ୍କ ପରିବାର ଅଭିଯୋଗ କରିଛନ୍ତି ଯେ ହସ୍ପିଟାଲ ପ୍ରଶାସନ ବିବେକ କୁମାରଙ୍କୁ ଠିକ୍ ଭାବରେ ଚିକିତ୍ସା କରୁନାହିଁ । ବିବେକ କୁମାରଙ୍କ ପତ୍ନୀ ଦାବି କରିଛନ୍ତି ଯେ କେହି ତାଙ୍କ ଚିକିତ୍ସା କରୁନାହାଁନ୍ତି ଏବଂ ତାଙ୍କୁ କୌଣସି ଔଷଧ ଦିଆଯାଇ ନାହିଁ। ସେ ଦାବି କରିଛନ୍ତି ଯେ ଅନିରୁଦ୍ଧାଚାର୍ଯ୍ୟଙ୍କ ଚାପରେ ଏହା ଘଟୁଛି ।

# ଜାମ୍ମୁ କାଶ୍ମୀର ଓ ଲଦ୍ଦାଖ ଆମର ଥିଲା, ଅଛି ଓ ରହିବ

**ନୂଆଦିଲ୍ଲୀ,୧୬।୧୨(ଏଜେନ୍ସି):** ଜାମ୍ମୁ କାଶ୍ମୀର ଓ ଲଦ୍ଦାଖ ଆମର ଥିଲା, ଅଛି ଓ ରହିବ... ମିଳିତ ଜାତିସଙ୍ଘରେ ପାକିସ୍ତାନକୁ ଆଇନା ଦେଖାଇଲା ଭାରତ । ୟୁଏନ ସୁରକ୍ଷା ପରିଷଦରେ ଶାନ୍ତି ଓ ଜାମ୍ମୁ କାଶ୍ମୀର ପ୍ରସଙ୍ଗ ଉଠାଇ ପାକିସ୍ତାନ ବେଜିତ । ହକ୍ ଜତାଇବା ବେଳେ ଧୋଇଦେଲା ଭାରତ । ଆତଙ୍କବାଦ ଓ ସିନ୍ଧୁ ଜଳ ଚୁକ୍ତିକୁ ନେଇ ବୈଶ୍ୱିକ ମଞ୍ଚରେ ଅପମାନିତ ହେଲା ଆତଙ୍କୀସ୍ତାନ । ପ୍ରତି ଥର ଭଳି ଏଥର ବି ମୁହଁତୋଡ଼ ଜବାବ ଦେଲା ଭାରତ । ଆଉ କେତେ ସରି ହେଲେ ପାକିସ୍ତାନର ଛାଡ଼ିବ ମୁହଁ ଫୁଟାଣି । ମିଳିତ ଜାତିସଙ୍ଘରେ ଭାରତର ରାଷ୍ଟ୍ରଦୂତ ହରିଶ ପର୍ବଥାନେନି କହିଛନ୍ତିଯେ, ଜାମ୍ମୁକାଶ୍ମୀର ଏବଂ ଲଦ୍ଦାଖ କେନ୍ଦ୍ରଶାସିତ ଅଞ୍ଚଳ ଭାରତର ଅଭିନ୍ନ ଅଂଶ ଓ ଅବିଭାଜିତ ଅଙ୍ଗ । ତାହା ପୂର୍ବରୁ ଭାରତର ଅଂଶ ଥିଲା ଏବଂ ସବୁବେଳ ପାଇଁ ରହିବ । ସେହିପରି ସିନ୍ଧୁ ଜଳ ଚୁକ୍ତିନେଇ ସେ କହିଛନ୍ତି ଯେ, ଆତଙ୍କବାଦର ବୈଶ୍ୱିକ କେନ୍ଦ୍ରସ୍ଥଳୀ ପାକିସ୍ତାନ ସହ ଭାରତ ସିନ୍ଧୁ ଜଳ ଚୁକ୍ତି ସ୍ଥଗିତ ରଖିଛି । ଯେପର୍ଯ୍ୟନ୍ତ ପାକିସ୍ତାନରେ ଜନ୍ମ ନେଉଥିବା ଆତଙ୍କବାଦ ସମ୍ପୂର୍ଣ୍ଣ ରୂପେ ମୂଳପୋଛ ନହେବ ସେପର୍ଯ୍ୟନ୍ତ ସିନ୍ଧୁ ଜଳ ଚୁକ୍ତି ସ୍ଥଗିତ ରହିବ । ସେହିପରି ଆତଙ୍କବାଦ ପ୍ରସଙ୍ଗ ନାଗରିକଙ୍କ ସମେତ ୨୬ ଜଣ ଭାରତୀୟଙ୍କ ମୃତ୍ୟୁ ହୋଇଥିଲା । ଭାରତ ପୁଣି କହିଛି ଯେ, ପାକିସ୍ତାନରେ ପୂର୍ବତନ ପ୍ରଧାନମନ୍ତ୍ରୀ ଇମରାନ



ଉଠାଇ ସେ କହିଛନ୍ତି ଯେ, ପାକିସ୍ତାନ ଦ୍ୱାରା ପ୍ରାୟୋଜିତ ଆତଙ୍କବାଦ ପାଇଁ ହଜାର ହଜାର ଭାରତୀୟଙ୍କ ଜୀବନ ଯାଇଛି । ଚଳିତ ବର୍ଷ ଏପ୍ରିଲ ମାସରେ ଜାମ୍ମୁ କାଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କୀ ଆକ୍ରମଣରେ ଜଣେ ବିଦେଶୀ ଖାନଙ୍କୁ ଜେଲରେ ରଖାଯାଇଛି । ତାଙ୍କ ପାର୍ଟି ପିଟିଆଇ ଉପରେ ପ୍ରତିବନ୍ଧକ ଲାଗିଛି । ୨୭ତମ ସମ୍ବିଧାନ ସଂଶୋଧନ କରି ସେନା ପ୍ରମୁଖ ଅସୀମ ମୁନିରଙ୍କୁ ପ୍ରତିରକ୍ଷା କ୍ଷେତ୍ରରେ ଆଜୀବନ ଅଖଣ୍ଡ କ୍ଷମତା ଦିଆଯାଇଛି ।

# ଜରୁରୀକାଳୀନ ଅବତରଣ ସମୟରେ ଘରୋଇ ବିମାନ ଦୁର୍ଘଟଣାଗ୍ରସ୍ତ, ୭ ମୃତ

**ନୂଆଦିଲ୍ଲୀ,୧୬।୧୨(ଏଜେନ୍ସି):** ମେକ୍ସିକୋରେ ବଡ଼ ଅଘଟଣ । ଜରୁରୀକାଳୀନ ଅବତରଣ ସମୟରେ ଏକ ଘରୋଇ ବିମାନ ଦୁର୍ଘଟଣାଗ୍ରସ୍ତ । ଫଳରେ ଅତି କମରେ ୭ ଜଣଙ୍କର ମୃତ୍ୟୁ ହୋଇଥିବା ସୂଚନା । ଏହି ଦୁର୍ଘଟଣା ଟୋଲୁକା ବିମାନବନ୍ଦରରୁ ୫ କିଲୋମିଟର ଦୂରରେ ଏବଂ ମେକ୍ସିକୋ ସିଟିରୁ ପ୍ରାୟ ୫୦ କିଲୋମିଟର ପଶ୍ଚିମରେ ଥିବା ଏକ ଶିଳ୍ପ କ୍ଷେତ୍ର ସାନ୍ ମାଟେଓ ଆଟେନକୋରେ ଘଟିଛି । ବିମାନଟି ମେକ୍ସିକୋର ପ୍ରଶାନ୍ତ ମହାସାଗର ଉପକୂଳରେ ଥିବା ଆକାପୁଲକୋରୁ ଉଡ଼ାଣ ଆରମ୍ଭ କରିଥିଲା। ମେକ୍ସିକୋର ନାଗରିକ ସୁରକ୍ଷା ସଂଯୋଜକ ଆଡ୍ରିଆନ୍ ହର୍ନାଣ୍ଡେଜ୍ କହିଛନ୍ତି ଯେ, ଘରୋଇ ବିମାନରେ ୮ ଜଣ ଯାତ୍ରୀ ଏବଂ ଦୁଇ ଜଣ କ୍ରୁ ସଦସ୍ୟ ଥିଲେ, କିନ୍ତୁ ଦୁର୍ଘଟଣାର କିଛି ଘଣ୍ଟା ପରେ ମାତ୍ର ୭ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା ।ସେ କହିଛନ୍ତି ଯେ, ବିମାନଟି ଏକ ଫୁଟବଲ୍ ପଡ଼ିଆରେ ଅବତରଣ କରିବାକୁ ଚେଷ୍ଟା କରିଥିଲା କିନ୍ତୁ ନିକଟସ୍ଥ ଛାତ ଉପରେ ଧକ୍କା ଖାଇଥିଲା, ଯାହା ଫଳରେ ଏକ ବଡ଼ ଅଗ୍ନିକାଣ୍ଡ ଘଟିଥିଲା । ଦୁର୍ଘଟଣାର ତଦନ୍ତ ଚାଲିଛି । ସାନ୍ ମାଟେଓ ଆଟେନକୋର ମେୟର ଆନା ମୁନିଜ୍ ମିଲେନିଓ ଟେଲିଭିଜନକୁ କହିଛନ୍ତି ଯେ, ଅଗ୍ନିକାଣ୍ଡ ଯୋଗୁଁ ଅଞ୍ଚଳର ପ୍ରାୟ ୧୩୦ ଜଣଙ୍କୁ ସ୍ଥାନାନ୍ତର କରାଯାଇଛି । ସେପଟେ ସାନ ମାଟେଓ ଆଟେନକୋର ମେୟର ଆନା ମୁନିଜ୍ କହିଛନ୍ତି ଯେ, ଅଗ୍ନିକାଣ୍ଡର ଭୟାବହତା ଯୋଗୁଁ, ଆଖପାଖରେ ଥିବା ପ୍ରାୟ ୧୩୦ ଜଣଙ୍କୁ ସ୍ଥାନାନ୍ତର କରାଯାଇଛି । ପ୍ରଶାସନ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ସମଗ୍ର ଅଞ୍ଚଳକୁ ଘେରାବନ୍ଦୀ କରିଛି । ସ୍ଥାନୀୟ ଲୋକମାନେ ଆତଙ୍କିତ ଅବସ୍ଥାରେ ଅଛନ୍ତି । ତଦନ୍ତ ସରିବା ପରେ ହିଁ ଦୁର୍ଘଟଣାର ପ୍ରକୃତ କାରଣ ଜଣାପଡିବ ବୋଲି ଅଧିକାରୀମାନେ କହିଛନ୍ତି ।

# ଲୋକସଭାରେ 'ଭିବି-ଜି ରାମ୍ ଜି' ବିଲ୍ ଆଗତ ;କଂଗ୍ରେସର ବିରୋଧ

**ନୂଆଦିଲ୍ଲୀ,୧୬।୧୨(ଏଜେନ୍ସି):** ଲୋକସଭାରେ ମନରେଗା ନାମ ପରିବର୍ତ୍ତନ ବିଲ୍ ଆଗତ । ଆଗତ ହେଲା 'ଭିବି-ଜି ରାମ ଜି' ବିଲ୍ । 'ବିକଶିତ ଭାରତ-ଗ୍ୟାରେଣ୍ଟି ଫର୍ ଆଣ୍ଡ୍ ଆଜୀବିକା ମିଶନ-ଗ୍ରାମୀଣ' ଉପସ୍ଥାପନ କଲେ କୃଷିମନ୍ତ୍ରୀ ଶିବରାଜ ସିଂ ଚୌହ୍ୱାନ । ଏହି ବିଲ୍କୁ କଂଗ୍ରେସ ଏବଂ ଟିଏମ୍ସିର ଜୋରଦାର ବିରୋଧ । କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀ ସଂସଦ ବାହାରେ ଏକ ପ୍ରତିବାଦ ଶୋଭାଯାତ୍ରାର ବାହାରିଛନ୍ତି । ସେ କହିଛନ୍ତି, ସତ କଥା ହେଉଛି ଯୋଜନାର ନାମ ପରିବର୍ତ୍ତନ କରିବା ଆଳରେ ସେମାନେ ଏହାକୁ ବାତିଲ କରିବାକୁ ଚାହୁଁଛନ୍ତି । ମନରେଗା ଆଇନକୁ ବଦଳାଇବା ଯେଉଁ ନୂତନ ବିଲ୍ ଆସିଛି , ତାହା ଗ୍ରାମୀଣ ଶ୍ରମିକଙ୍କ କାମ କରିବାର ଅଧିକାରକୁ ଦୁର୍ବଳ କରିବ । ଏହି ବିଲ୍ ସମ୍ବିଧାନର ବିରୁଦ୍ଧରେ । ଗ୍ରାମାଞ୍ଚଳର ଲୋକାମାନଙ୍କୁ ସରକାରଙ୍କ ତରଫରୁ ବାର୍ଷିକ ୧୦୦ ଦିନର କାମ ଯୋଗାଇବାକୁ ୟୁପିଏ ସରକାର ମହାତ୍ମା ଗାନ୍ଧୀ ନିଶ୍ଚିନ୍ତ କର୍ମ ନିଯୁକ୍ତି ଯୋଜନା ବା ମନରେଗା ଲାଗୁ କରିଥିଲେ । ଏବେ ଏନଡିଏ ସରକାର ଏହି ଯୋଜନାର ନାମ ସହ କିଛି ନିୟମ ମଧ୍ୟ ପରିବର୍ତ୍ତନ କରିବାକୁ ଯୋଜନା କରିଛନ୍ତି ସରକାର । ମନରେଗାର ନୂଆ ରୂପ ବିକଶିତ ଭାରତ ଗ୍ୟାରେଣ୍ଟି ଫର ରୋଜଗାର ଆଣ୍ଡ ଆଜୀବିକା ମିଶନ' ବିଲ୍ ୨୦୨୫ ବା ଭିବି-ଜୀ-ରାମ ଜୀ' ପ୍ରସ୍ତୁତ ହୋଇଛି । ଏହି ବିଲକୁ ଆଜି ଶୀତକାଳୀନ ଅଧିବେଶନରେ ଲୋକସଭାରେ ଉପସ୍ଥାପନ କରାଗଲା । ଏନେଇ କୁହାଯାଇଛି କି, ଏହାର ଉଦ୍ଦେଶ୍ୟ ବିକଶିତ ଭାରତ ୨୦୪୭' ପାଇଁ ରାଷ୍ଟ୍ରୀୟ ଭିଜନର ଅନୁରୂପ ଗ୍ରାମୀଣ ବିକାଶର ନୂଆ ଢାଞ୍ଚା ପ୍ରସ୍ତୁତ କରିବା । ମନରେଗାର ପରିବର୍ତ୍ତନ କେବଳ ନାମକୁ ନେଇ ନୁହେଁ ବରଂ ନିୟମରେ ମଧ୍ୟ ହେବାକୁ ଯାଉଛି । ଏଥିରେ ଗ୍ରାମାଞ୍ଚଳ ଲୋକଙ୍କ ପାଇଁ ୧୦୦ ଦିନରୁ ଅଧିକ ଦିନ କାମ ମିଳିବ । ଏହା ସହ ପୂର୍ବ ଅପେକ୍ଷା ଖୁବଶୀଘ୍ର ଶ୍ରମିକଙ୍କ ଖାତାକୁ ପାରିଶ୍ରମିକ ଯିବ । ଏହାସହ ରାଜ୍ୟ ସରକାରଙ୍କ ଉପରେ ଅଧିକ ଆର୍ଥିକ ବୋଝ ପଡ଼ିବ । କାରଣ ଆର୍ଥିକ ଅନୁଦାନର ତରିକା ବି ବଦଳିବାକୁ ଯାଉଛି। ପୂର୍ବରୁ ଏହି ଯୋଜନାର ସମ୍ପୂର୍ଣ୍ଣ ଅର୍ଥ କେନ୍ଦ୍ର ସରକାର ଦେଉଥିବା ବେଳେ ନୂଆ ନିୟମ ମୁତାବକ କିଛି ଅନୁଦାନ ରାଜ୍ୟ ସରକାରଙ୍କୁ ବି ଦେବାକୁ ପଡ଼ିବ ।

# ବିବାଦରେ ବିହାର ମୁଖ୍ୟମନ୍ତ୍ରୀ ନୀତିଶ

**ନୂଆଦିଲ୍ଲୀ,୧୬।୧୨(ଏଜେନ୍ସି):** ମହିଳାଙ୍କ ହିଜାବ ଟାଣି ବିବାଦରେ ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର। ପାଟନାର ଏକ କାର୍ଯ୍ୟକ୍ରମରେ ନୀତିଶ କୁମାର ଜଣେ ଡାକ୍ତରଙ୍କୁ ନିଯୁକ୍ତି ପତ୍ର ଦେବା ପରେ ଏଭଳି କରିଥିବା ଜଣାଯାଇଛି । ଏହାର ଏକ ଭିଡିଓ ଭାଇରାଲ ହେବା ପରେ ନୀତିଶଙ୍କ କାମକୁ ନିନ୍ଦା କରିଛି କଂଗ୍ରେସ । ସୋସିଆଲ ମିଡିଆରେ ମଧ୍ୟ ନୀତିଶଙ୍କ କାମକୁ ନାପସନ୍ଦ କରିଛନ୍ତି ଲୋକେ । ସୂଚନା ମୁତାବକ, ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର ଏକ କାର୍ଯ୍ୟକ୍ରମରେ ଆୟୁଷ ଡାକ୍ତରଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରୁଥିବା ବେଳେ ଏହି ଘଟଣା ଘଟିଥିଲା । ଏହି ଘଟଣାଟି ମୁଖ୍ୟମନ୍ତ୍ରୀଙ୍କ ସଚିବାଳୟ 'ସମ୍ବାଦ'ରେ ଘଟିଥିଲା, ଯେଉଁଠାରେ ୧୦୦୦ରୁ ଅଧିକ ଆୟୁଷ ଡାକ୍ତରଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଯେତେବେଳେ ନୁସରତ ପରବୀନଙ୍କ ପାଳି ଆସିଲା, ସେ ମଞ୍ଚ ଉପରକୁ ଆସିଥିଲେ। ତାଙ୍କୁ ହିଜାବ ପିନ୍ଧିଥିବାର ଦେଖି ନୀତିଶ ଏହା କ'ଣ ? ବୋଲି ପଚାରିଥିଲେ । ଏହା ପରେ ସେ ତାଙ୍କ ମୁହଁରୁ ହିଜାବକୁ ଟାଣି ଦେଇଥିଲେ । ମୁଖ୍ୟମନ୍ତ୍ରୀ ଏଭଳି କରିବା ଦେଖି ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ନୀତିଶଙ୍କୁ ଅଟକାଇବା ପାଇଁ ତାଙ୍କ ହାତକୁ ଟାଣି ଆଣିଥିବା ଭିଡିଓରେ ଦେଖାଯାଇଛି । ଭିଡିଓଟି ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ବିରୋଧୀ ଦଳ ଏବଂ ସୋସିଆଲ ମିଡିଆ ବ୍ୟବହାରକାରୀମାନେ ଏହି କାର୍ଯ୍ୟ ଉପରେ କ୍ରୋଧ ପ୍ରକାଶ କରିଛନ୍ତ । ଆରଜେଡି ଓ କଂଗ୍ରେସ ଉଭୟ ସେମାନଙ୍କର 'ଏକ୍ସ'ଆକାଉଣ୍ଟରେ ଏହି ଭିଡିଓ ସେୟାର କରି ନୀତିଶଙ୍କୁ ସମାଲୋଚନା କରିଛନ୍ତି । ଆରଜେଡି ଲେଖିଛି ଯେ, ନୀତିଶଜୀଙ୍କୁ କ'ଣ ହୋଇଛି ? ତାଙ୍କର ମାନସିକ ଅବସ୍ଥା ଏବେ ସମ୍ପୂର୍ଣ୍ଣ ଦୟନୀୟ ଅବସ୍ଥାରେ ପହଞ୍ଚିଛି କି ? ନା ନୀତିଶ ବାବୁ ଏବେ ୧୦୦% ସଂଘୀ ହୋଇଯାଇଛନ୍ତି ?ଏହି ଘୃଣ୍ୟ କାର୍ଯ୍ୟ ପାଇଁ ନୀତିଶଙ୍କୁ ସମାଲୋଚନା କରି କଂଗ୍ରେସ ମଧ୍ୟ 'ଏକ୍ସ'ରେ ଭିଡିଓଟି ସେୟାର କରିଛି ଏବଂ ନୀତୀଶଙ୍କ ଇସ୍ତଫା ଦାବି କରିଛି । ଦଳ ଲେଖିଛି ଯେ, ଏ ହେଉଛନ୍ତି ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର। ତାଙ୍କର ନିର୍ଲଜ୍ଜତାକୁ ଦେଖନ୍ତୁ । ଯେତେବେଳେ ଜଣେ ମହିଳା ଡାକ୍ତର ତାଙ୍କର ନିଯୁକ୍ତି ପତ୍ର ନେବାକୁ ଆସିଥିଲେ, ନୀତିଶ କୁମାର ତାଙ୍କର ହିଜାବ ଟାଣି ଦେଇଥିଲେ । ବିହାରର ସର୍ବୋଚ୍ଚ ପଦବୀରେ ଥିବା ବ୍ୟକ୍ତି ଖୋଲାଖୋଲି ଭାବରେ ଏପରି ଘୃଣ୍ୟ କାର୍ଯ୍ୟ କରୁଛନ୍ତି । ତେବେ କଳ୍ପନା କରନ୍ତୁ ରାଜ୍ୟରେ ମହିଳାମାନେ କେତେ ସୁରକ୍ଷିତ ରହିବେ ? ନୀତିଶ କୁମାରଙ୍କୁ ଏହି ଘୃଣ୍ୟ କାର୍ଯ୍ୟ ପାଇଁ ତୁରନ୍ତ ଇସ୍ତଫା ଦେବା ଉଚିତ । ଏହି ଅଶ୍ଳୀଳତା ଅକ୍ଷମଣୀୟ ।



# କୁଚବେହାର ଟ୍ରଫି କ୍ରିକେଟ ମ୍ୟାଚ ଉଦ୍‌ଘାଟିତ



**ବଲାଙ୍ଗିର,୧୬।୧୨ (ନି.ପ୍ର):** ଓଡିଶା କ୍ରିକେଟ ଏସୋସିଏସନ ଓ ବଲାଙ୍ଗିର ଜିଲ୍ଲା କ୍ରୀଡା ସଂସଦ ଆନୁକୁଲ୍ୟରେ ଆଜି ସ୍ଥାନୀୟ ଗାନ୍ଧୀ ଷ୍ଟଡିୟମ ଠାରେ ଓଡିଶା ବନାମ ହିମାଚଳ ପ୍ରଦେଶ ୪ ଦିବସୀୟ କୁଚ ବେହାର ଟ୍ରଫି କ୍ରିକେଟ (୧୯ ବର୍ଷ ବର୍ଗ)ର ବଲାଙ୍ଗିର ପୌରାଧକ୍ଷା ଲିକା ସାହୁ ଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି । କ୍ରୀଡା ସଂସଦର କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ରଙ୍କ ଅଧ୍ୟକ୍ଷତା ଓ ସାଧାରଣ ସଂପାଦକ ହରିନାରାୟଣ ପୁଜାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ମ୍ୟାଚର ଉଦ୍‌ଘାଟନୀ ସମାରୋହରେ ସଂସଦର ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ଡ.ପ୍ରହଲ୍ଲାଦ ଶତପଥି, ଯୁଗ୍ମ ସଂପାଦକ ପଦ୍ମ ଚରଣ ଆଚାର୍ଯ୍ୟ, ଶତୃଘନ ସିଂହ, କୋଷାଧକ୍ଷ ହେମନ୍ତ ବେହେରା, କ୍ରିକେଟ ସଂପାଦକ ଓମ୍ ପ୍ରକାଶ ନନ୍ଦ, ଭଲିବଲ ସଂପାଦକ ସଂଗ୍ରାମ କେଶରୀ ବହିଦାର, କାଉନସିଲ ସଭ୍ୟ ପ୍ରଭାତ କୁମାର ମିଶ୍ର, ଡା. ସିଦ୍ଧେଶ୍ୱର ମିଶ୍ର, ଫୁଟବଲ ସଂପାଦକ ଶରତ ନନ୍ଦ, କ୍ରୀଡା ସଂପାଦକ ବିଭୁତି ପଣ୍ଡା, ବରିଷ୍ଠ ସଭ୍ୟ ରମାକାନ୍ତ ସେଟ, ସୁଧୀର ଚନ୍ଦ୍ର ପଣ୍ଡା, ରବୀନ୍ଦ୍ର କୁମାର ମିଶ୍ର, ଗୌର ଚନ୍ଦ୍ର ପ୍ରଧାନ, କ୍ରିକେଟ କୋଚ ଅରୁଣ କୁମାର ନାୟକ, ପୃଥ୍ୱୀରାଜ ମିଶ୍ର, ସୁନୀଲ ଚନ୍ଦ୍ର ବିଶ୍ୱାଲ, ସ୍ୱାଗତ ଶୁଭଙ୍କର ତ୍ରିପାଠି, ମୁନସି ରୋରେନ, ଅମିତ ମଛଖଣ୍ଡ, ହୃଦୟ ଶବର, ସୁମନ୍ତ ଦାସ, ଜିତୁ କୁମାର ଦଲାଇ, ନରସିଂ ସ୍ୱାମୀ ନାଇଡୁ, ଚେତନାନନ୍ଦ ପଣ୍ଡା, ସୁଦୟ ବାରିକ, ଶ୍ରୀକାନ୍ତ ରାଉତ, ସୁଧାଂଶୁ ସେଠ, ଦଶରଥ କୁମ୍ଭାର ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ଆଜି ଟସ ଜିଣି ହିମାଚଳ ପ୍ରଦେଶ ପ୍ରଥମେ ବ୍ୟାଟିଂ କରି ସମୁଦାୟ ୧୮୧ ରନ୍ ସଂଗ୍ରହ କରି ସମସ୍ତ ୱିକେଟ ହରାଇଥିଲା । ହିମାଚଳ ପ୍ରଦେଶ ପକ୍ଷରୁ ଆଦିତ୍ୟ କଟାରିଆ ସର୍ବାଧିକ ୫୭ ରନ୍ , ଅର୍ପିତ ସିଂ ୪୧ ରନ୍, କବିର ସିଂ ୩୭ ରନ୍ ସଂଗ୍ରହ କରିଛନ୍ତି । ଓଡିଶା ଦଳ ତରଫରୁ ସଫଳ ବୋଲର ଭାବେ ପ୍ରିୟାଂଶୁ ମହାନ୍ତି ସର୍ବାଧିକ ୭ ଗୋଟି ୱିକେଟ, ସଂବିତ ବେଜ୍ ଓ ରାଜ ଯାଦବ ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ ।

# ରିଲାଏନ୍ସ ଜିଓ ପକ୍ଷରୁ ୫ଜି, ଓଟିଟି ଏବଂ ଏଆଇ ଅନୁଭୂତିକୁ ଏକତ୍ର କରି ହାପି ନ୍ୟୁ ଇୟର ଅଫର ଘୋଷଣା

**ଭୁବନେଶ୍ୱର, ୧୬।୧୨ (ନି.ପ୍ର) :** ରିଲାଏନ୍ସ ଜିଓ ୨୦୨୬ ନୂତନ ବର୍ଷ ପାଳନ ଅବସରରେ ଏହାର ହାପି ନ୍ୟୁ ଇୟର ୨୦୨୬ ଅଫର ସମୂହର ଶୁଭାରମ୍ଭ ଘୋଷଣା କରିଛି । ଏହି ଅଫରଗୁଡ଼ିକ ମାଧ୍ୟମରେ, ଜିଓ ସୁଲଭ ମୂଲ୍ୟରେ ଉନ୍ନତ ଡିଜିଟାଲ୍ ସେବା ପ୍ରଦାନ କରିବା ପାଇଁ ଏହାର ପ୍ରତିବଦ୍ଧତାକୁ ଆହୁରି ସୁଦୃଢ଼ କରିଛି । ଦୀର୍ଘ ବୈଧତା, ଅସୀମିତ ୫ଜି ଏବଂ ପ୍ରିମିୟମ୍ ଓଟିଟି କଣ୍ଟେଣ୍ଟ ସହିତ ଏହି ପ୍ଲାନ ଗୁଡ଼ିକ ଦେଶବ୍ୟାପୀ କୋଟି କୋଟି ଗ୍ରାହକଙ୍କୁ ଉତ୍ତମ ଯୋଗାଯୋଗ ସଂଯୋଗ ଏବଂ ମନୋରନ ଅନୁଭୂତି ପ୍ରଦାନ କରିବା ଲକ୍ଷ୍ୟରେ ପ୍ରସ୍ତୁତ କରାଯାଇଛି ।

ହାପି ନ୍ୟୁ ଇୟର ୨୦୨୬ ଅଫର ମାଧ୍ୟମରେ, ଜିଓ କନେକ୍ଟିଭିଟି, ମନୋରନ ଏବଂ ଏଆଇକୁ ଏକତ୍ରିତ କରି ଏକ ସାମଗ୍ରିକ ଡିଜିଟାଲ୍ ଇକୋସିଷ୍ଟମକୁ ସୁଦୃଢ଼ କରିବା ଦିଗରେ ପଦକ୍ଷେପ ନେଇଛି । କମ୍ପାନୀ ପକ୍ଷରୁ ପ୍ରକାଶ କରାଯାଇଛି ଯେ ଏହା ଆଗାମୀ ଦିନରେ ଗ୍ରାହକମାନଙ୍କୁ ସୁଲଭ ମୂଲ୍ୟରେ ବିଶ୍ୱସ୍ତରୀୟ ଡିଜିଟାଲ୍ ସେବା




ଉପଲବ୍ଧ କରାଇବା ଉପରେ ଧ୍ୟାନ ଦେବା ଜାରି ରଖିବ ।

୩୫୯୯ ଟଙ୍କା ମୂଲ୍ୟର ହିରୋ ବାର୍ଷିକ ରିଚାର୍ଜ: ସାରା ବର୍ଷ ନିରବଚ୍ଛିନ୍ନ ସଂଯୋଗ: ୨୦୨୬ ର ହାପି ନ୍ୟୁ ଇୟର ଅଫରର ଅଂଶ ଭାବରେ, ଜିଓ ୩୫୯୯ ଟଙ୍କା ମୂଲ୍ୟର ହିରୋ ବାର୍ଷିକ ରିଚାର୍ଜ ପ୍ଲାନ ଶୁଭାରମ୍ଭ କରିଛି । ଏହି ପ୍ଲାନ ୩୬୫ ଦିନର ବୈଧତା ସହିତ ଅସୀମିତ ୫ଜି, ପ୍ରତିଦିନ ୨.୫ ଜିବି ହାଇ-ସ୍ପିଡ୍ ଡାଟା, ଅସୀମିତ ଭଏସ୍ କଲ୍ ଏବଂ ପ୍ରତିଦିନ ୧୦୦ ଏସଏମଏସ ସୁବିଧା ପ୍ରଦାନ କରୁଛି । ଏହି ପ୍ଲାନରେ ୧୮ ମାସର ଗୁଗୁଲ ଜେମିନି ପ୍ରୋ (ଏକ୍ସକ୍ଲୁଶକ୍ଷର ଏରଙ୍କସଭସ ଚକ୍ସକ୍ଟ) ପ୍ଲାନ୍ ମଧ୍ୟ ଅନ୍ତର୍ଭୁକ୍ତ ରହିଛି, ଯାହାର ଆନୁମାନିକ ବଜାର ମୂଲ୍ୟ ୩୫,୧୦୦ ଟଙ୍କା ଆକଳନ କରାଯାଇଛି ।

୫୦୦ ଟଙ୍କା ମୂଲ୍ୟର ସୁପର ସେଲିବ୍ରେସନ୍ ମାସିକ ପ୍ଲାନ: ଓଟିଟି ଏବଂ ଡାଟାର ପ୍ରକୃଷ୍ଟ ସମିଶ୍ରଣ: ଜିଓର ୫୦୦ ଟଙ୍କିଆ ସୁପର ସେଲିବ୍ରେସନ୍ ମାସିକ ପ୍ଲାନ ୨୮ ଦିନର ବୈଧତା ସହିତ ଅସୀମିତ ୫ଜି, ପ୍ରତିଦିନ ୨ଜିବି ହାଇ ସ୍ପିଡ୍ ଡାଟା ଏବଂ ଅସୀମିତ କଲିଂ ସୁବିଧା ପ୍ରଦାନ କରୁଛି । ଏହି ପ୍ଲାନର ସ୍ୱତନ୍ତ୍ରତା ହେଉଛି ଏଥିରେ ୟୁଟ୍ୟୁବ ପ୍ରିମିୟମ, ଜିଓ ହଟଷ୍ଟାର, ଆମାଜନ ପ୍ରାଇମ ଭିଡିଓ ମୋବାଇଲ ସଂସ୍କରଣ, ସୋନି ଲିଭ, ଜି-ଫାଇଭ ଏବଂ ୧୮ ମାସର ଗୁଗୁଲ ଜେମିନି ପ୍ରୋପ୍ଲାନ୍ ସମେତ ୧୫ ରୁ ଅଧିକ ଲୋକପ୍ରିୟ ଓଟିଟି ପ୍ଲାଟଫର୍ମର ଆକ୍ସେସ୍ ଅନ୍ତର୍ଭୁକ୍ତ ରହିଛି ।

୧୦୩ ଟଙ୍କା ମୂଲ୍ୟର ଫ୍ଲେକ୍ସି ପ୍ୟାକ୍: ଗ୍ରାହକମାନଙ୍କୁ ନିଜ ପସନ୍ଦ ବାଛିବାର ସ୍ୱାଧୀନତା: ୧୦୩ ଟଙ୍କିଆ ଫ୍ଲେକ୍ସି ପ୍ୟାକ୍ କମ୍ ମୂଲ୍ୟରେ ଅଧିକ ବିକଳ୍ପ ପ୍ରଦାନ କରିବାର ଜିଓର ରଣନୀତିକୁ ପ୍ରତିଫଳିତ କରୁଛି । ଏହି ପ୍ୟାକ୍ ୨୮ ଦିନ ପାଇଁ ୫ଜିବି ଡାଟା ପ୍ରଦାନ କରିବା ସହିତ ହିନ୍ଦୀ, ଆନ୍ତର୍ଜାତୀୟ କିମ୍ବା ଆଞ୍ଚଳିକ ମନୋରନ ପ୍ୟାକ୍ ମଧ୍ୟରୁ କୌଣସି ଗୋଟିଏ ବାଛିବାର ବିକଳ୍ପ ମଧ୍ୟ ପ୍ରଦାନ କରୁଛି । ଉପଭୋକ୍ତା ମାନେ ସେମାନଙ୍କ ଭାଷା ଏବଂ ଆଗ୍ରହ ଆଧାରରେ ଓଟିଟି ସେବାଗୁଡ଼ିକର ଆନନ୍ଦ ନେଇପାରିବେ ।

# ମଣିପାଲ୍ ହସ୍ପିଟାଲ୍ ଟାଭି ମାଧ୍ୟମରେ ଚିକିତ୍ସିତ ରୋଗୀଙ୍କୁ ଦେଲ ନୂତନ ଜୀବନ

**ଭୁବନେଶ୍ୱର, ୧୬।୧୨ (ନି.ପ୍ର):** ହାର୍ଟ ରୋଗ ଚିକିତ୍ସା କ୍ଷେତ୍ରରେ ପୁଣି ଏକ ମାଇଲଷ୍ଟୋନ୍ ଅତିକ୍ରମ କରିଛି ମଣିପାଲ ହସ୍ପିଟାଲର ହୃଦ୍ରୋଗ ବିଭାଗ ।



ଓଡ଼ିଶାରେ ପ୍ରଥମ ଥର ପାଇଁ ପେରିଫେରାଲ୍ ଆଇଭିଏଲ ପଦ୍ଧତିରେ ଟ୍ରାନ୍ସକ୍ୟାଥେଟର୍ ଏଓର୍ଟିକ୍ ଭାଲଭ ଇମ୍ପ୍ଲାଣ୍ଟେସନ ବା ଟାଭି ମାଧ୍ୟରେ ଚିକିତ୍ସା କରି ଜଣେ ବୃଦ୍ଧାକୁ ଦେଇଛନ୍ତି ନୂତନ ଜୀବନ । ଏହି ଜଟିଳ ପ୍ରକ୍ରିୟାକୁ ମଣିପାଲ ହସ୍ପିଟାଲର ବରିଷ୍ଠ ହୃଦରୋଗ ବିଶେଷଜ୍ଞ ଡାକ୍ତର ଦିବ୍ୟ ରଞ୍ଜନ ବେହେରା ଓ ତାଙ୍କ ଟିମ୍ ସଫଳାତର ସହିତ କରିଛନ୍ତି । ରୋଗୀ ଜଣେ ବାରମ୍ବାର ଅଚେତନ ହେବା ସହିତ ଛାତିରେ ଯନ୍ତ୍ରଣା ସମସ୍ୟା ସହିତ ମଣିପାଲ ହସ୍ପିଟାଲକୁ ଆସିଥିଲେ । ଡାକ୍ତରୀ ପରୀକ୍ଷା ପରେ ତାଙ୍କ ହାର୍ଟର ଏଓର୍ଟିକ୍ ଭାଲଭ ଗୁରୁତର ଭାବେ ସଙ୍କୁଚିତ ଥିବା ଚିହ୍ନଟ ହୋଇଥିଲା, ଯାହା ପାଇଁ ତୁରନ୍ତ ଚିକିତ୍ସା ଆବଶ୍ୟକ ଥିଲା । ବୟସ୍ ଓ ଅନ୍ୟାନ୍ୟ ରୋଗ ଥିବାରୁ ଓପନ୍ ହାର୍ଟ ସର୍ଜରୀ ତାଙ୍କ ପାଇଁ ଅତ୍ୟଧିକ ବିପଦପୂର୍ଣ୍ଣ ଥିଲା, ତେଣୁ ଛୋଟିଆ କଣା ମାଧ୍ୟମରେ (ମିନିମାଲି ଇନଭେସିଭ୍) ଟାଭି ପ୍ରକ୍ରିୟାକୁ ବିକଳ୍ପ ଭାବେ ବାଛାଯାଇଥିଲା ।

ଏହି ମାମଲାଟି ଅଧିକ ଚ୍ୟାଲେଞ୍ଜିଂ ଥିଲା, କାରଣ ରୋଗୀଙ୍କ ଏଓର୍ଟା ଓ ଫିମୋରାଲ୍ ଆର୍ଟେରୀ (ପାଦର ମୁଖ୍ୟ ରକ୍ତନଳୀ) ଅତ୍ୟଧିକ କ୍ୟାଲସିଫାଇଡ୍ ଥିଲା, ଯାହାକୁ 'ପୋର୍ସେଲିନ୍ ଏଓର୍ଟା' କୁହାଯାଏ । ଏହି କାରଣରୁ ସାଧାରଣ ଟ୍ରାନ୍ସଫେମୋରାଲ୍ ମାର୍ଗରେ TAVI କରିବା ସମ୍ଭବ ହେଉନଥିଲାୟ ଅନ୍ୟ ବିକଳ୍ପ ମାର୍ଗଗୁଡ଼ିକୁ ବିଚାର କରାଯାଇଥିଲେ ମଧ୍ୟ ସେଗୁଡ଼ିକ ଉପଯୋଗୀ ହୋଇପାରିଲା ନାହିଁ ।

# ବେଦାନ୍ତ ଆଲୁମିନିୟମ ଓଡ଼ିଶାରେ ୧୭୦୦ ସୌର ଲାଇଟ୍ ସ୍ଥାପନ କରି ଶକ୍ତି ସଂରକ୍ଷଣ ପ୍ରୟାସକୁ ଦୃଢ କରିଛି

**ଭୁବନେଶ୍ୱର, ୧୬।୧୨ (ନି.ପ୍ର):** ଜାତୀୟ ଶକ୍ତି ସଂରକ୍ଷଣ ଦିବସ ପାଳନ କରି, ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ସାରା ଓଡ଼ିଶାରେ ୧୭୦୦ ସୌର ଲାଇଟ୍ ସ୍ଥାପନ କରି ଏହାର ସମ୍ପ୍ରଦାୟ-କେନ୍ଦ୍ରିତ ଶକ୍ତି ସଂରକ୍ଷଣ ପ୍ରୟାସକୁ ବିସ୍ତାର କରିଛି, ଯେଉଁଥିରେ ଲାଞ୍ଜିଗଡ଼ରେ ୧୨୮୦ ଘରୋଇ ସୌର ଲାଇଟ୍ ଏବଂ ପ୍ରମୁଖ ଖଣି ଅଂଚଳରେ ୪୨୧ ସୌର ଷ୍ଟ୍ରିଟ୍ ଲାଇଟ୍ ଅନ୍ତର୍ଭୁକ୍ତ । ଦାୟିତ୍ୱପୂର୍ଣ୍ଣ ଶକ୍ତି ବ୍ୟବହାର ଏବଂ ସ୍ୱଚ୍ଛ-ଶକ୍ତି ପ୍ରବେଶକୁ ପ୍ରୋତ୍ସାହିତ କରିବା ପାଇଁ ଏହାର ବ୍ୟାପକ ପ୍ରୟାସର ଅଂଶ ସ୍ୱରୂପ, କମ୍ପାନୀ ଗ୍ରାମୀଣ ଏବଂ ଅର୍ଦ୍ଧ-ସହରୀ ସମ୍ପ୍ରଦାୟଗୁଡ଼ିକରେ ସୁରକ୍ଷା, ସ୍ଥାୟୀତ୍ୱ ଏବଂ ଶକ୍ତି ବ୍ୟବହାର ଦକ୍ଷତା ବୃଦ୍ଧି କରିବା ଲକ୍ଷ୍ୟରେ ସଚେତନତା କାର୍ଯ୍ୟକ୍ରମ ମଧ୍ୟ ଆରମ୍ଭ କରିଛି । ଶକ୍ତି ସଂରକ୍ଷଣ ସପ୍ତାହ (୭-୧୩ ଡିସେମ୍ବର ୨୦୨୫)ର ଏକ ଅଂଶ ଭାବରେ, ବେଦାନ୍ତ ଆଲୁମିନିୟମ ଲାଞ୍ଜିଗଡ଼, ଏହାର ଖଣି ଅଂଚଳ ଏବଂ ଝାରସୁଗୁଡ଼ାରେ ବୃହତ



ପରିମାଣର ସୌର ଆଲୋକ ସ୍ଥାପନ ଏବଂ ସମ୍ପ୍ରଦାୟ ସହଭାଗିତା ମାଧ୍ୟମରେ ତୃଣମୂଳ ସ୍ତରରେ ସ୍ୱଚ୍ଛ-ଶକ୍ତି ପ୍ରବେଶକୁ ସୁଦୃଢ଼ କରିଛି । ଏହି ପ୍ରୟାସଗୁଡ଼ିକ ଅନ୍ତର୍ଭୁକ୍ତ ବିକାଶ ଏବଂ କମ୍ କାର୍ବନ ଅଭିବୃଦ୍ଧି ପ୍ରତି ଏହାର ବ୍ୟାପକ ପ୍ରତିବଦ୍ଧତାକୁ ସୁଦୃଢ଼ କରିଛି । ଏହାର ସମ୍ପ୍ରଦାୟ ପଦକ୍ଷେପ ସହିତ, ବେଦାନ୍ତ ଆଲୁମିନିୟମ କାର୍ଯ୍ୟକ୍ଷମ ସ୍ତରରେ ଏହାର ସ୍ୱଚ୍ଛ-ଶକ୍ତି ପରିବର୍ତ୍ତନକୁ ଆଗକୁ ବଢାଇ ଚାଲିଛି । ଆର୍ଥିକ ବର୍ଷ ୨୫ରେ, ସଂଗଠନ ୧.୫୭ ବିଲିୟନ ୟୁନିଟ୍ ନବୀକରଣୀୟ ଶକ୍ତି ବ୍ୟବହାର କରିଛି, ୩୭୮ ନିୟୁତ ୟୁନିଟ୍ ଶକ୍ତି ସଂଚୟ ହାସଲ କରିଛି ଏବଂ ଆର୍ଥିକ ବର୍ଷ ୨୧ ଠାରୁ ଜିଏଚ୍‌ଜି-ନିର୍ଗମନ ତୀବ୍ରତାକୁ ୮.୯୬% ହ୍ରାସ କରିଛି । ଏହା ୨୦୩୦ ଡିକାର୍ବନାଇଜେସନ୍ ରୋଡମ୍ୟାପ୍‌ର ଅଂଶ ଭାବରେ ଦୀର୍ଘକାଳୀନ ବିଦ୍ୟୁତ୍ କ୍ରୟ ଚୁକ୍ତିନାମା ମାଧ୍ୟମରେ ୧୫୦୦ ମେଗାୱାଟ୍ ନବୀକରଣୀୟ ଶକ୍ତି ସୁରକ୍ଷିତ କରିବା ଦିଗରେ ମଧ୍ୟ ଅଗ୍ରଗତି କରୁଛି ।

ଏହି ପଦକ୍ଷେପଗୁଡ଼ିକ ଉପରେ ମତ ଦେଇ, ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, 'ଆମ ପାଇଁ ଶକ୍ତି ସଂରକ୍ଷଣ କାର୍ଯ୍ୟକ୍ଷମତା ସହିତ ସମ୍ପ୍ରଦାୟ ବିଷୟରେ ମଧ୍ୟ ସମାନ । ଗ୍ରାମଗୁଡ଼ିକରେ ସୌର ସଂଯୋଗକୁ ବିସ୍ତାର କରି ଏବଂ ଆମର ପ୍ଲାଂଟ ଗୁଡ଼ିକରେ ଦକ୍ଷତାକୁ ସୁଦୃଢ଼ କରି, ଆମେ 'ସମ୍ପ୍ରଦାୟକୁ ପରିବର୍ତ୍ତନ କରିବା ସହିତ ଗ୍ରହକୁ ପରିବର୍ତ୍ତନ ତଥା କର୍ମକ୍ଷେତ୍ରକୁ ପରିବର୍ତ୍ତନ କରିବା' ଆମର ଦୃଷ୍ଟିକୋଣ ସହିତ ସମନ୍ୱୟ ରଖି ଓଡ଼ିଶାର ବିକାଶକୁ ସମର୍ଥନ କରୁଛୁ । ବେଦାନ୍ତ ଆଲୁମିନିୟମ ଶକ୍ତି ବ୍ୟବହାର ହ୍ରାସ, ଜଳବାୟୁ ସଚେତନତା ଏବଂ ସ୍ଥାୟୀ ଜୀବନଶୈଳୀ ଉପରେ କେନ୍ଦ୍ରିତ କର୍ମଚାରୀ, ଛାତ୍ର ଏବଂ ସ୍ଥାନୀୟ ସମ୍ପ୍ରଦାୟକୁ ନେଇ ଅନେକ ପ୍ରସାର ଏବଂ ସମ୍ପୃକ୍ତି କାର୍ଯ୍ୟକଳାପ ପରିଚାଳନା କରିଥିଲା । ଏଥିରେ ଟାଉନସିପ୍ ମଧ୍ୟରେ ଏକ ସାଇକେଲ ରାଲି, ସ୍କୁଲଗୁଡ଼ିକରେ ସଚେତନତା ଅଧିବେଶନ, ଚିତ୍ରକଳା, କୁଇଜ୍ ଏବଂ ଶକ୍ତି ସଂରକ୍ଷଣ ଏବଂ ଜଳବାୟୁ ପରିବର୍ତ୍ତନ ଉପରେ ଏକ୍ସଟେମ୍ପୋର ପ୍ରତିଯୋଗିତା ଅନ୍ତର୍ଭୁକ୍ତ ଥିଲା । ଏହି ସ୍ଥାନରେ 'ଶକ୍ତି ଟ୍ୟାଙ୍କ ବେଦାନ୍ତ ମଧ୍ୟ ଆୟୋଜନ କରାଯାଇଥିଲା, ଯାହା ଶକ୍ତି ସଂଚୟକୁ ଆଗେଇ ନେବା ଏବଂ କାର୍ବନ ନିର୍ଗମନ ହ୍ରାସ କରିବା ପାଇଁ ନୂତନ ଚିନ୍ତାଧାରାଗୁଡ଼ିକୁ ଉତ୍ସାହିତ କରିଥିଲା ।

ଲାଞ୍ଜିଗଡ଼: ୧୬ଟି ଗ୍ରାମରେ ୧,୨୮୦ ସୌର ଆଲୋକ ବଂଟନ କରାଯାଇଛି, ଯାହା ସ୍ୱଚ୍ଛ ଶକ୍ତି ପାଇଁ ପରିବାରର ପ୍ରବେଶକୁ ଉନ୍ନତ କରୁଛି । ୩୩ଟି ଗ୍ରାମରେ ୧୪୦ଟି ସୌର ଷ୍ଟ୍ରିଟଲାଇଟ୍ ସ୍ଥାପିତ ହୋଇଛି, ଯାହା ଦ୍ୱାରା ୧୦,୦୦୦ରୁ ଅଧିକ ସମ୍ପ୍ରଦାୟ ସଦସ୍ୟ ଉପକୃତ ହୋଇଛନ୍ତି । ଖଣି ଅଂଚଳ : କଳାହାଣ୍ଡି, ରାୟଗଡା, ସୁନ୍ଦରଗଡ ଏବଂ ଝାରସୁଗୁଡାର ବିଭିନ୍ନ ଗ୍ରାମରେ ୪୨୧ଟି ସୌରଚାଳିତ ଷ୍ଟ୍ରିଟଲାଇଟ୍ ସ୍ଥାପିତ ହୋଇଛି, ଯାହା ଦ୍ୱାରା ୧୫,୦୦୦ରୁ ଅଧିକ ବାସିନ୍ଦା ଉପକୃତ ହୋଇଛନ୍ତି ଏବଂ ପ୍ରାୟ ୪୯ ଟନ୍ ସିଓ୨ ସମତୁଲ୍ୟ ନିର୍ଗମନ ହ୍ରାସ ପାଇଛି ।

# ଭାରତର ପ୍ରଥମ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ପରିଚାଳିତ ଭର୍ଚୁଆଲ ବିଶ୍ୱବିଦ୍ୟାଳୟ ଭାବରେ ପରିଣତ ହେବ ଓଏସଓୟୁ




**ସମ୍ବଲପୁର, ୧୬।୧୨ (ନି.ପ୍ର):** ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସ୍‌ଓୟୁ) ଭାରତର ପ୍ରଥମ ଏଆଇ-ସକ୍ଷମ ଭର୍ଚୁଆଲ୍ ବିଶ୍ୱବିଦ୍ୟାଳୟ ହେବା ଦିଗରେ ଏକ ସାହସିକ ରୂପରେଖ ପ୍ରସ୍ତୁତ କରି ଉଚ୍ଚଶିକ୍ଷାର ପୁନଃକଳ୍ପନାରେ ନିଜର ନେତୃତ୍ୱକୁ ନିଶ୍ଚିତ କରିଛି । ଦ୍ୱି-ଦିବସୀୟ ଜାତୀୟ ସମ୍ମିଳନୀ ପ୍ରୟାସ ୨୦୨୫ ସମ୍ବଲପୁରସ୍ଥିତ ଓଏସ୍‌ଓୟୁ ନୂତନ କ୍ୟାମ୍ପସରେ ସଫଳତାର ସହ ଉଦଯାପିତ ହୋଇଛି । ଓଏସଓୟୁର କୁଳପତି ପ୍ରଫେସର ଶ୍ୟାମ ସୁନ୍ଦର ପଟ୍ଟନାୟକ ନିଜର ଦୂରଦର୍ଶୀ ଅଭିଭାଷଣରେ ଭର୍ଚୁଆଲ ଇଣ୍ଟେଲିଜେନ୍ସ ସକ୍ଷମ ୮-କ୍ୱାଡ୍ରାଣ୍ଟ ଲର୍ଣ୍ଣିଂ ମଡ୍ୟୁଲ ଦ୍ୱାରା ପରିଚାଳିତ ଏକ ଭର୍ଚୁଆଲ ଭର୍ସିଟିର ଭବିଷ୍ୟତ ଦୃଷ୍ଟିକୋଣ ଉପସ୍ଥାପନ କରିଥିଲେ । ଏଥିରେ ଜ୍ଞାନ, କୌଶଳ, ଦକ୍ଷତା, ନିଯୁକ୍ତି କ୍ଷମତା ଏବଂ ପ୍ରଯୁକ୍ତିକୁ ବାସ୍ତବ ସମୟରେ ଏକୀକୃତ କରାଯାଇ ପାରିବ । ସେ ସୂଚନା ଦେଇଛନ୍ତି ଯେ ଓଏସଓୟୁ ପୂର୍ବରୁ ଏକ ଏଆଇ-କ୍ଷମତାପ୍ରାପ୍ତ କାର୍ଯ୍ୟାଳୟ ଏବଂ ୮-କ୍ୱାଡ୍ରାଣ୍ଟ ମଡ୍ୟୁଲ୍ କାର୍ଯ୍ୟକ୍ଷମ କରିସାରିଛି, ଯାହା ବିଶ୍ୱବିଦ୍ୟାଳୟକୁ ସ୍ମାର୍ଟ, ଡାଟା ପରିଚାଳିତ ଏବଂ ଶିକ୍ଷାର୍ଥୀ-କୈନ୍ଦ୍ରିକ ଶିକ୍ଷା କ୍ଷେତ୍ରରେ ଅଗ୍ରଣୀ ସ୍ଥାନରେ ରଖିଛି । ପ୍ରଫେସର ପଟ୍ଟନାୟକ ଓଏସଓୟୁର ଅନେକ ପ୍ରମୁଖ ଡିଜିଟାଲ ଏବଂ ଦକ୍ଷତା ଆଧାରିତ ପଦକ୍ଷେପ ଉପରେ ମଧ୍ୟ ଆଲୋକପାତ କରିଥିଲେ, ଯେଉଁଥିରେ ସାମାନ୍ୟ ଶୁଳ୍କରେ ୧୦ଟି ଶିଳ୍ପ ଭିତ୍ତିକ ଦକ୍ଷତା ପାଠ୍ୟକ୍ରମ ପ୍ରଦାନ କରୁଥିବା ଦକ୍ଷତା ଆପ୍ ଏବଂ ବିପର୍ଯ୍ୟୟ ପ୍ରସ୍ତୁତି ଏବଂ ପରିଚାଳନା ଶିକ୍ଷା ପାଇଁ ଉତ୍ସର୍ଗୀକୃତ ଡିଆଇଡିଏମ ଆପ୍ ଅନ୍ତର୍ଭୁକ୍ତ । ସେ ATISH (ଆତ୍ମନିର୍ଭରତା ଥ୍ରୁ ଇନୋଭେସନ୍ - ଷ୍ଟାର୍ଟଅପ୍ ହ୍ୟାଣ୍ଡହୋଲ୍ଡିଂ) ବିଷୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ, ଯାହା ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ସୃଜନଶୀଳତା, ଉଦ୍ୟୋଗ ଏବଂ ନୂତନତ୍ୱକୁ ସମର୍ଥନ କରିବା ଉଦ୍ଦେଶ୍ୟରେ ଏକ ପଦକ୍ଷେପ । ଆତ୍ମନିର୍ଭରଶୀଳତା ଏବଂ ଷ୍ଟାର୍ଟଅପ୍ ସଂସ୍କୃତି ପ୍ରତି ଓଏସ୍‌ଓୟୁର ପ୍ରତିବଦ୍ଧତାକୁ ଦୃଢ କରିବାକୁ ଲକ୍ଷ୍ୟ ରଖାଯାଇଛି । ଓଏସଓୟୁ କ୍ରମାଗତ ଭାବରେ ଏକ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ଭର୍ଚୁଆଲ୍ ୟୁନିଭର୍ସିଟି ମଡେଲ୍ ଆଡକୁ ଗତି କରୁଛି, ଯାହା ଦକ୍ଷତା ବିକାଶ ଏବଂ ଅତ୍ୟାଧୁନିକ ଜ୍ଞାନକୌଶଳ ସହିତ ଏକାଡେମିକ୍ ଉତ୍କର୍ଷତାକୁ ମିଶ୍ରଣ କରେ । ଏହି ଇକୋସିଷ୍ଟମ ଶିକ୍ଷାର୍ଥୀମାନଙ୍କୁ ଡିଜିଟାଲ ଇଣ୍ଟେଲିଜେନ୍ସ, କାର୍ଯ୍ୟକ୍ଷମ ଉତ୍କର୍ଷତା ଏବଂ ଶିଳ୍ପ ପାଇଁ ପ୍ରସ୍ତୁତ ଦକ୍ଷତା ସହିତ ସଶକ୍ତ କରିବ ଏବଂ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ପ୍ରଫେସର ପଟ୍ଟନାୟକ କହିଛନ୍ତି ।

# ଧାବକ ସୁମିତ ସିଂହଙ୍କ ନାମ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନିତ

**ରାଉରକେଲା, ୧୬।୧୨ (ନି.ପ୍ର):** ଇସ୍ପାତ ନଗରୀ ରାଉରକେଲାର ସୁନାମଧନ୍ୟ ଧାବକ ଶ୍ରୀ ସୁମିତ ସିଂହ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ନିଜ ନାମ ସ୍ଥାନିତ କରି ରାଜ୍ୟ ପାଇଁ ଗୌରବ ଆଣି ଦେଇଛନ୍ତି । ଶ୍ରୀ ସିଂହ ଦୀର୍ଘ ୪୮ ଘଣ୍ଟା ଧରି ମାନୁଆଲ୍ ଟ୍ରେଡମିଲ୍ ଉପରେ ନିରନ୍ତର ଦୌଡ଼ି ୨୦୧.୫ କିଲୋମିଟର ଦୂରତା ଅତିକ୍ରମ କରି ଏକ ନୂତନ ବିଶ୍ୱ ରେକର୍ଡ ସ୍ଥାପନ କରିଛନ୍ତି । ସେଲ ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଦ୍ୱାରା ସମର୍ଥିତ, ସୁମିତ ଡିସେମ୍ବର ୧୩ ତାରିଖ ସନ୍ଧ୍ୟା ୬:୦୦ ଘଟିକାରେ ରାଉରକେଲାର ସିଭିକ୍ ସେଣ୍ଟରରେ ଏହି ଅଦମ୍ୟ ପ୍ରୟାସ ଆରମ୍ଭ କରିଥିଲେ । ଉକ୍ତ ପ୍ରୟାସରେ ତାଙ୍କୁ ପ୍ରତି ଘଣ୍ଟାରେ ମାତ୍ର ୫ ମିନିଟର ବିରତିର ଅନୁମତି ଥିଲା, ଯାହା ତାଙ୍କ ସହନଶୀଳତା ଏବଂ ସଂକଳ୍ପର ଅସୀମ ଧୈର୍ଯ୍ୟକୁ ଦର୍ଶାଇ ଥିଲା । କାର୍ଯ୍ୟ ବିଭାଗ ର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ବିଶ୍ୱରଞ୍ଜନ ପଲାଇ, ଆରଏସପି ତାଙ୍କର ଏହି ପ୍ରୟାସର ଶୁଭାରମ୍ଭ କରାଇଥିଲେ ଏବଂ ତାଙ୍କର ସଫଳତା ପାଇଁ ଉତ୍ସାହ ପ୍ରଦାନ କରିଥିଲେ । ଆସନ୍ତା ୨୦୨୬ ଜାନୁଆରୀ ୨୪ ତାରିଖରେ ହେବାକୁ




ଥିବା ମେଗା ହାଫ୍ ମାରାଥନ୍ ପାଇଁ ଆରଏସପିର ବ୍ରାଣ୍ଡ ଆମ୍ବାସାଡର ଶ୍ରୀ ସିଂହଙ୍କ ଏହି ରେକର୍ଡ ଦୌଡ଼ ସୁସ୍ଥ ଜୀବନଯାପନ ଏବଂ ମାନସିକ ସୁସ୍ଥତା ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ଲକ୍ଷ୍ୟ ରଖିଥିଲା । ପୂର୍ବରୁ, ଆରଏସପି ଏବଂ ବୋକାରୋ ଇସ୍ପାତ କାରଖାନାରର ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ଆଲୋକ ବର୍ମା, ଡିସେମ୍ବର ୪ ତାରିଖରେ ଏହି ପ୍ରସିଦ୍ଧ ଧାବକଙ୍କ ସହ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରିଥିଲେ । ଧାବକଙ୍କ ପଦକ୍ଷେପକୁ ପ୍ରଶଂସା କରି, ଡିଆଇସି ତାଙ୍କ ସଫଳତା କାମନା କରିଛନ୍ତି ୟ ଶ୍ରୀ ସୁମିତ ଡିସେମ୍ବର ୧୫ ତାରିଖ ସନ୍ଧ୍ୟା ୬:୦୦ ଟାରେ ଦୀର୍ଘ ୪୮ ଘଣ୍ଟା ଦୌଡ଼ ସଂପୂର୍ଣ୍ଣ କରିଥିଲେ ଯାହାକୁ ଉପସ୍ଥିତ ସମସ୍ତେ ହର୍ଷୋଲ୍ଲାସ ସହ ଉଚ୍ଚ ପ୍ରଶଂସା କରିଥିଲେ । ଏହି ଅବସରରେ ରାଉରକେଲାର ମାନ୍ୟବର ବିଧାୟକ ସାରଦା ପ୍ରସାଦ ନାୟକ, ଦୀପିକା ମହିଳା ସଂଘଟିର ଉପାଧ୍ୟକ୍ଷା ପ୍ରଭାତୀ ମିଶ୍ର, ଡକ୍ଟର ପ୍ରତିଜ୍ଞା ପଲାଇ, ରୀତା ରାଣୀ ଏବଂ ନବନୀତା ପାଲ ଚୌଧୁରୀଙ୍କ ସମେତ ଆରଏସପିର ବହୁ ବରିଷ୍ଠ ଅଧିକାରୀ ଏବଂ କ୍ରୀଡାପ୍ରେମୀମାନେ ଉପସ୍ଥିତ ଥିଲେ ।

# ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ପ୍ରତିଷ୍ଠା ଦିବସରେ ୱାକାଥନ୍ ଆୟୋଜିତ

**ଭୁବନେଶ୍ୱର, ୧୬।୧୨ (ନି.ପ୍ର) :** ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ଏହାର ୧୧୫ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ କର୍ମଚାରୀ ଏବଂ ସମାଜର




ସୁସ୍ଥତା ପ୍ରତି ନିଜର ପ୍ରତିବଦ୍ଧତାକୁ ସୁନିଶ୍ଚିତ କରି ବ୍ୟାଙ୍କ ତରଫରୁ ଦେଶବ୍ୟାପି ୱାକାଥନ୍‌ର ଆୟୋଜନ କରାଯାଇଥିଲା । "ଫିଟ୍ ରୁହନ୍ତୁ-ସୁସ୍ଥ ରୁହନ୍ତୁ"ଏହି ପ୍ରେରଣାଦାୟକ ବିଷୟବସ୍ତୁ ସହିତ ଆୟୋଜିତ ଏହି ୱାକାଥନ୍ ଆଜିର ବ୍ୟସ୍ତ ବହୁଳ ବୃତ୍ତିଗତ ପରିବେଶରେ ଶାରୀରିକ ସୁସ୍ଥତା, ମାନସିକ ସୁସ୍ଥତା ଏବଂ ସୁସ୍ଥ ଜୀବନଶୈଳୀର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲା । ଏହି ଉପଲକ୍ଷେ ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ମଧ୍ୟ ଏକ ୱାକାଥନ୍‌ର ଆୟୋଜନ କରାଯାଇଥିଲା ଯେଉଁଥିରେ ବହୁସଂଖ୍ୟାରେ ବ୍ୟାଙ୍କର କର୍ମଚାରୀମାନେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ପଙ୍କଜ କୁମାର, ଉପ-କ୍ଷେତ୍ରୀୟ ମୁଖ୍ୟ ସୁରେଶ ଚନ୍ଦ୍ରଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଗଣ ଉପସ୍ଥିତ ଥିଲେ ।

# ଉଜ୍ଜିବନ ସ୍ମଲ ଫାଇନାନ୍ସ ବ୍ୟାଙ୍କ ପକ୍ଷରୁ ଇଭୋରୀ କାର୍ଯ୍ୟକ୍ରମର ଶୁଭାରମ୍ଭ

**ଭୁବନେଶ୍ୱର, ୧୬।୧୨ (ନି.ପ୍ର) :** ଉଜ୍ଜୀବନ ସ୍ମଲ ଫାଇନାନ୍ସ ବ୍ୟାଙ୍କ ପକ୍ଷରୁ ଇଭୋରୀର ଶୁଭାରମ୍ଭ କରାଯାଇଛି, ଯାହା ଭାରତର ଉଚ୍ଚ ଆୟ ବର୍ଗଙ୍କ ପାଇଁ ପ୍ରସ୍ତୁତ ହୋଇଥିବା ଏକ ବ୍ୟାଙ୍କିଂ କାର୍ଯ୍ୟକ୍ରମ । ଇଭୋରି ବ୍ୟକ୍ତିଗତ ସେବାକୁ ଜୀବନଶୈଳୀ ସୁବିଧା ସହିତ ମିଶ୍ରଣ କରିଛି, ଉନ୍ନତ କାରବାର କ୍ଷମତା, ବିଶ୍ୱସ୍ତରୀୟ ପ୍ରବେଶ ଏବଂ ପ୍ରମୁଖ ବ୍ୟାଙ୍କିଂ କାରବାର ଏବଂ ସେବାଗୁଡ଼ିକରେ ଶୂନ୍ୟ-ଶୁଳ୍କ ବ୍ୟାଙ୍କିଂ ପ୍ରଦାନ କରୁଛି । ଇଭୋରି ଗ୍ରାହକମାନଙ୍କୁ ସେମାନଙ୍କର ଜୀବନଶୈଳୀ ଆକାଂକ୍ଷା ସହିତ ସମନ୍ୱିତ ଆର୍ଥିକ ସମାଧାନ ଖୋଜୁଥିବା ସେବା ପ୍ରଦାନ କରେ । ଏହି ପ୍ରସ୍ତାବ ମନୋରନ ଏବଂ ଭୋଜନ ଲାଭ ସମେତ କ୍ୟୁରେଟେଡ୍ ଅଭିଜ୍ଞତା ସହିତ ଡିଜିଟାଲ୍ ବ୍ୟାଙ୍କିଂକୁ ସମନ୍ୱିତ କରିଛି । ଇଭୋରି ସଦସ୍ୟତା କ୍ଲବ ମାରିଅଟ ମାଧ୍ୟମରେ ଏସିଆ ପ୍ରଶାନ୍ତ ମହାସାଗରୀୟ ଅଂଚଳର ୩୫୦+ ପ୍ରିମିୟମ୍ ମାରିଅଟ୍ ସମ୍ପତିରେ ଭୋଜନ ଏବଂ ରହଣି ସୁବିଧା ପାଇଁ ସ୍ୱତନ୍ତ୍ର ପହଂଚ ପ୍ରଦାନ କରେ । ସଦସ୍ୟତାରେ ବିମାନବନ୍ଦର ଲାଉ ପ୍ରବେଶ, ବିଶ୍ୱସ୍ତରୀୟ ଗ୍ରହଣୀୟତା ଏବଂ ବର୍ଦ୍ଧିତ କାରବାର ସୀମା ସହିତ ଏକ

ପ୍ରିମିୟମ୍ ମେଟାଲ ଡେବିଟ୍ କାର୍ଡ ଅର୍ନ୍ତଭୁକ୍ତ । ଗ୍ରାହକମାନେ ଏକ ବାର୍ଷିକ ଓଟିଟି ସବସ୍କ୍ରିପସନ୍, ତ୍ରୈମାସିକ ବୁକ୍ ମାଇ ଶୋ ଭାଉଚର୍ ଏବଂ ଯୋଗ୍ୟ କାରବାର ଉପରେ ଅତିରିକ୍ତ ପୁରସ୍କାର ପଏଂଟ ମଧ୍ୟ ପାଆନ୍ତି, ଯାହା ପ୍ରିମିୟମ୍ ଜୀବନଶୈଳୀ ଏବଂ ଖୁଚୁରା ବ୍ରାଣ୍ଡର ଏକ ସଂଗୃହୀତ ପରିସର ମଧ୍ୟରେ ରିଡିମ୍ କରାଯାଇପାରିବ । ଅତିରିକ୍ତ ଲାଭରେ ପ୍ରମୁଖ ବ୍ୟାଙ୍କିଂ ସେବା ଉପରେ ଶୂନ୍ୟ ଶୁଳ୍କ ଅର୍ନ୍ତଭୁକ୍ତ ଏବଂ ପ୍ରତ୍ୟେକ ସଦସ୍ୟଙ୍କୁ ବ୍ୟକ୍ତିଗତ ଆର୍ଥିକ ଯୋଜନା ଏବଂ ସମର୍ଥନ ପାଇଁ ଜଣେ ଉତ୍ସର୍ଗୀକୃତ ରିଲେସନସିପ ମ୍ୟାନେଜର ନିଯୁକ୍ତ କରାଯାଇଥାଏ । ଏହି ଉନ୍ମୋଚନ ବିଷୟରେ ମତ ଦେଇ ଉଜ୍ଜୀବନ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କର ରିଟେଲ ଲାୟାବିଲିଟିଜ- ଟିଏଏସସି ଏବଂ ଟିପିପି ମୁଖ୍ୟ ଶ୍ରୀଯୁକ୍ତ ହିତେନ୍ଦ୍ର ଝା କହିଛନ୍ତି, 'ଆଜିର ଉଦୀୟମାନ ଜନସାଧାରଣ ଧନୀ ବର୍ଗ ଗୁଣାତ୍ମକ ବ୍ୟାଙ୍କିଂ ସେବା ପାଇବାରେ ପ୍ରତିବନ୍ଧକର ସମ୍ମୁଖୀନ ହେଉଛନ୍ତି । ଅନେକ ଉଚ୍ଚ ବାଲାନ୍ସ ଆବଶ୍ୟକତା, ଅସଙ୍ଗତ ସେବା ବିତରଣ ଏବଂ ସାଧାରଣ ପୁରସ୍କାର କାର୍ଯ୍ୟକ୍ରମର ସମ୍ମୁଖୀନ ହେଉଛନ୍ତି ଯାହା ସେମାନଙ୍କ ଜୀବନଶୈଳୀ ସହିତ ମେଳ ଖାଉନାହିଁ । ଇଭୋରି ଏହି ଚ୍ୟାଲେଞ୍ଜଗୁଡ଼ିକୁ କ୍ୟୁରେଟେଡ୍ ସୁବିଧା, ଉତ୍ସର୍ଗୀକୃତ ରିଲେସନସିପ ମ୍ୟାନେଜର ଏବଂ ମୁଖ୍ୟ ବ୍ୟାଙ୍କିଂ କାରବାର ଏବଂ ସେବା ଉପରେ ଶୂନ୍ୟ-ଫି ବ୍ୟାଙ୍କିଂ ମାଧ୍ୟମରେ ସମାଧାନ କରେ, ଯାହା ଏକ ସୁଗମ ଗ୍ରାହକ ଅଭିଜ୍ଞତା ପ୍ରଦାନ କରିବା ପାଇଁ ଡିଜାଇନ୍ କରାଯାଇଛି ।

# ମ୍ୟାକଡୋୱେଲ୍ସ ସୋଡା ୟାରି ଜାମେର ପ୍ରତୀକ କୁହ୍ୱାଡ ଏବଂ କିଙ୍ଗଙ୍କ ସଙ୍ଗୀତରେ ଝୁମିଲା ଭୁବନେଶ୍ୱର

**ଭୁବନେଶ୍ୱର, ୧୬।୧୨ (ନି.ପ୍ର) :** ଭୁବନେଶ୍ୱର ସହରରେ ଏକ ସ୍ମରଣୀୟ ସାଙ୍ଗୀତିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି, ଯେଉଁଠାରେ ଚାର୍ଟ-ଟପିଂ ପପ୍ ଆଇକନ୍ କିଙ୍ଗ୍ ଏବଂ ବିଶ୍ୱସ୍ତରୀୟ ଇଣ୍ଡି ସେନସେସନ୍ ପ୍ରତୀକ କୁହ୍ୱାଡ୍ ହାଉସ୍ ଅଫ୍ ମ୍ୟାକଡୋୱେଲ୍ସ ସୋଡା ୟାରି ଜାମର ଏକ ଅପୂର୍ବ ସଂସ୍କରଣରେ ମଂଚରେ ଅବତୀର୍ଣ୍ଣ ହୋଇଥିଲେ । ଏହି କାର୍ଯ୍ୟକ୍ରମକୁ ଟ୍ରାଇବଭାଇବ୍ ଏଂଟରଟେନମେଂଟ ଦ୍ୱାରା ପ୍ରଯୋଜିତ ଏବଂ ପ୍ରମୋଟ୍ କରାଯାଇଥିଲା । ହଜାର ହଜାର ଦର୍ଶକ ସଙ୍ଗୀତ, ବନ୍ଧୁତା ଏବଂ ୟାରିର ଭାବନାକୁ ପାଳନ କରିବା ପାଇଁ ଏକାଠି ହୋଇଥିଲେ ।

ସନ୍ଧ୍ୟାର ଆରମ୍ଭ ପ୍ରତୀକ କୁହ୍ୱାଡଙ୍କ ଦ୍ୱାରା ହୋଇଥିଲା, ଯିଏ ତାଙ୍କର ସୁମଧୁର କଣ୍ଠରେ 'କୋଲ୍ଡ/ମେସ୍', 'କସୁର୍', 'ତୁମ୍ ଜବ୍ ପାସ୍' ଏବଂ 'ଦିଲ୍ ବେପରବାହ' ଭଳି ଲୋକପ୍ରିୟ ଗୀତ ପରିବେଷଣ କରି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ ଏବଂ ସନ୍ଧ୍ୟାଟିକୁ ପ୍ରେମ, ନଷ୍ଟାଲଜିଆ ଏବଂ ସମ୍ପର୍କ ମଧ୍ୟରେ ଏକ ହୃଦୟସ୍ପର୍ଶୀ ଯାତ୍ରାରେ ପରିଣତ କରିଥିଲେ । ତାଙ୍କ ପରେ, କିଙ୍ଗ ତାଙ୍କର ପାରମ୍ପରିକ ଉଚ୍ଚ-ଶକ୍ତିଶାଳୀ କାରିସ୍ମା ଏବଂ ପାୱାରହାଉସ୍ ପ୍ରଦର୍ଶନ ସହିତ 'ମାନ୍ ମେରୀ ଜାନ୍', 'ତୁ ଆକେ ଦେଖଲେ' ଏବଂ 'ଉପ୍ସ' ଭଳି ଚାର୍ଟବଷ୍ଟର୍ ଗୀତ ଗାଇ ଦର୍ଶକଙ୍କୁ ଉତ୍ସାହିତ କରିଥିଲେ ।




ଶୋ' ବିଷୟରେ କିଙ୍ଗ କହିଛନ୍ତି, 'ଭୁବନେଶ୍ୱର ଆଜି ରାତିରେ ସମ୍ପୂର୍ଣ୍ଣ ଭଲପାଇବା ଦେଖାଇଛି ! ଶକ୍ତି, ସ୍ୱର ଏବଂ ଭାଇବ୍ସ (ପରିବେଶ) ଅବିଶ୍ୱସନୀୟ ଥିଲା । ଏହିଭଳି ରାତି ମୋତେ ମନେ ପକାଇ ଦିଏ ଯେ ଆମେ କାହିଁକି ଏହି କାମ କରୁଛୁ, ତାହା ହେଉଛି ସଙ୍ଗୀତ ମାଧ୍ୟମରେ ଲୋକଙ୍କ ସହ ଯୋଡ଼ି ହେବା ଏବଂ ସବୁ ଭାବନାକୁ ଏକାଠି ପାଳନ କରିବା ।

ଡିଆଜିଓ ଇଣ୍ଡିଆର ମାର୍କେଟିଂ ଭାଇସ୍ ପ୍ରେସିଡେଂଟ ଏବଂ ପୋର୍ଟଫୋଲିଓ ହେଡ୍ ବରୁଣ କୋରିଚ୍ କହିଛନ୍ତି, ସଙ୍ଗୀତ ଏବଂ ବନ୍ଧୁତା ସର୍ବଦା ହାଉସ୍ ଅଫ୍ ମ୍ୟାକଡୋୱେଲ୍ସ ସୋଡାର ହୃଦୟରେ ରହିଆସିଛି, ଏବଂ ଏହି ଆଗ୍ରହଗୁଡ଼ିକ ୟାରି ଜାମ୍-ଭାରତର ସବୁଠାରୁ ବଡ ବ୍ରାଣ୍ଡେଡ୍ ମ୍ୟୁଜିକ୍ ଆଇ.ପି. ମାଧ୍ୟମରେ ଜୀବନ୍ତ ହୋଇଉଠେ । ଗତ ବର୍ଷ, ଆମେ ପାଂଚଟି ସହରରେ ୫୦,୦୦୦ରୁ ଅଧିକ ଗ୍ରାହକଙ୍କୁ ଏକାଠି କରିଥିଲୁ । ଚଳିତ ବର୍ଷ, ଆମେ ଆଜିର ପିଢ଼ିର ସ୍ୱର ଏବଂ ଭାବନାକୁ ପ୍ରତିନିଧିତ୍ୱ କରୁଥିବା କଳାକାରମାନଙ୍କର ଏକ ଅବିଶ୍ୱସନୀୟ ଲାଇନଅପ୍ ସହିତ ୟାରି ଜାମ୍ ୧୫ଟି ସହରକୁ ନେଉଛୁ, ଏବଂ ଆମେ ପ୍ରକୃତ ବନ୍ଧୁତାର ମୂଳ ଉତ୍ସବ ପାଳନ ଜାରି ରଖିବା ସହିତ ୧,୦୦,୦୦୦ରୁ ଅଧିକ ଗ୍ରାହକଙ୍କ ସହ ଯୋଡ଼ି ହେବୁ ବୋଲି ଆଶା କରୁଛୁ । ଟ୍ରାଇବଭାଇବ୍ ଏଂଟରଟେନମେଂଟର ପ୍ରତିଷ୍ଠାତା ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶୋଭେନ ଶାହା କହିଛନ୍ତି, 'ଭୁବନେଶ୍ୱର ଶୋ' ପାଇଁ କିଙ୍ଗ ଏବଂ ପ୍ରତୀକ କୁହ୍ୱାଡଙ୍କୁ ଗୋଟିଏ ମଂଚରେ ଏକାଠି କରିବା ଆମ ପାଇଁ ପ୍ରକୃତରେ ଏକ ଉଲ୍ଲେଖନୀୟ ମୁହୂର୍ତ୍ତ ଥିଲା ।

ଭୁବନେଶ୍ୱର ଶୋ' ପରେ, ହାଉସ୍ ଅଫ୍ ମ୍ୟାକଡୋୱେଲ୍ସ ସୋଡା ୟାରି ଜାମ୍ ଟୁର୍ ବର୍ତ୍ତମାନ ଜାନୁଆରୀ ୧୦, ୨୦୨୬ ରେ ଗୌହାଟୀ ଅଭିମୁଖେ ଯାତ୍ରା କରିବ, ଯାହା ଦର୍ଶକମାନଙ୍କୁ ଅବିସ୍ମରଣୀୟ ପ୍ରଦର୍ଶନ, ହୃଦୟସ୍ପର୍ଶୀ ମୁହୂର୍ତ୍ତ ଏବଂ ୟାରିର ପ୍ରକୃତ ଭାବନା ପ୍ରଦାନ କରିବାକୁ ପ୍ରତିଶ୍ରୁତିବଦ୍ଧ ।

### ଗୁଗୁଲର ଏଆଇ ଇମ୍ପାକ୍ଟ ସମ୍ମିଟରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

# ଏଆଇ ଛାତ୍ରଛାତ୍ରୀଙ୍କୁ ଦକ୍ଷ କରିବ



**ଭୁବନେଶ୍ୱର,୧୬।୧୨ (ନି.ପ୍ର):** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଙ୍ଗଳବାର ଗୁଗୁଲ୍ ଦ୍ୱାରା ଆୟୋଜିତ 'ଏଆଇ ଇମ୍ପାକ୍ଟ ସମ୍ମିଟ'ରେ ଯୋଗଦେଇ ଭାରତର କୃତ୍ରିମ ବୁଦ୍ଧିମତା (ଏଆଇ) କ୍ଷମତାକୁ ପ୍ରୋତ୍ସାହିତ କରିବା ସହ ଦେଶରେ ଏକ 'ଏଆଇ-ପ୍ରସ୍ତୁତ ପିଢ଼ି' ସୃଷ୍ଟି କରିବା ତଥା ଏଆଇ ମାଧ୍ୟମରେ ଆଗାମୀ ପିଢ଼ିର ଛାତ୍ରଛାତ୍ରୀଙ୍କୁ ଦକ୍ଷ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି।

ଦେଶରେ ୪ଟି ଏଆଇ ଉତ୍କର୍ଷ କେନ୍ଦ୍ର ସହିତ ଗୁଗୁଲ୍ ର ସହଯୋଗ ଏବଂ ଏଥିପାଇଁ ୮ ମିଲିୟନ୍ ଆମେରିକୀୟ ଡଲାର୍ ବିନିଯୋଗକୁ ପ୍ରଶଂସା କରିଛନ୍ତି। ଏହା ବ୍ୟତୀତ, ଆଇଆଇଟି ବମ୍ବେ ଠାରେ 'ଇଣ୍ଡିକ୍ ଲାଙ୍ଗୁଏଜ୍ ଟେକ୍ନୋଲୋଜିଜ୍ ରିସର୍ଚ୍ଚ ହବ୍' ପ୍ରତିଷ୍ଠା ପାଇଁ ଗୁଗୁଲ୍ ଦ୍ୱାରା ପ୍ରଦତ୍ତ ୨ ମିଲିୟନ୍ ଆମେରିକୀୟ ଡଲାର ଯୋଗଦାନକୁ ମଧ୍ୟ ସେ ସ୍ୱୀକୃତି ଦେଇଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି ଯେ 'ଇଣ୍ଡିଆ ଏଆଇ ମିଶନ୍' ସହିତ ଏହିପରି ରଣନୀତିକ ଶିଳ୍ପ ଭାଗିଦାରୀ ଭାରତକୁ ଏକ ଆନ୍ତର୍ଜାତୀୟ ଏଆଇ ଶକ୍ତିକେନ୍ଦ୍ରରେ ପରିଣତ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିବ। ସେ ଗୁଗୁଲ୍ ଭଳି ବୈଶ୍ୱିକ ସହଯୋଗୀମାନଙ୍କୁ କେବଳ ପାଣ୍ଠି ଯୋଗାଣ ବଦଳରେ, ଏଆଇ ଉତ୍କର୍ଷ କେନ୍ଦ୍ରଗୁଡ଼ିକ ସହିତ ଦୀର୍ଘମିଆଦୀ ସାଂସ୍ଥାନିକ ଭାଗିଦାରୀ ସ୍ଥାପନ କରିବାକୁ ଆହ୍ୱାନ କରିଛନ୍ତି। ଏହା ଦ୍ୱାରା ଭାରତ ବିଶ୍ୱସ୍ତରୀୟ ଏଆଇ ମୂଲ୍ୟ ସୃଷ୍ଟିର ଏକ କେନ୍ଦ୍ର ହୋଇପାରିବ ଏବଂ 'ବିକଶିତ ଭାରତ' ଲକ୍ଷ୍ୟ ହାସଲ ହୋଇପାରିବ।

ପରେ, ଶ୍ରୀ ପ୍ରଧାନ ଗୁଗୁଲ୍ ଇଣ୍ଡିଆର କଣ୍ଟ୍ରି ମ୍ୟାନେଜର ତଥା ଉପ-ସଭାପତି ଶ୍ରୀମତୀ ପ୍ରୀତି ଲୋବାନା ଏବଂ ଗୁଗୁଲ୍ ନେତୃତ୍ୱ ଟିମ୍ ସହ ଏକ ଫଳପ୍ରଦ ବୈଠକ କରିଥିଲେ। ଏହି ଆଲୋଚନାରେ ଡିଜିଟାଲ୍ ବ୍ୟବଧାନକୁ ଦୂର କରିବା, ପ୍ରଯୁକ୍ତିର ଗଣତାନ୍ତ୍ରିକୀକରଣ, ଦେଶର ଦୂରଦୂରାନ୍ତ ଅଞ୍ଚଳରେ ଉନ୍ନତ ଶିକ୍ଷାକୁ ସୁଗମ କରିବା ପାଇଁ ପ୍ରଯୁକ୍ତିର ଉପଯୋଗ ଏବଂ ବଡ଼ ଭାଷା ମଡେଲ୍ ଗୁଡ଼ିକୁ (ଏଲଏଲଏମ) 'ଭାରତୀୟ ଭାଷା' ଓ 'ଭାରତୀୟତା' ସହିତ ସମନ୍ୱିତ କରିବା ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଶ୍ରୀ ପ୍ରଧାନଙ୍କ ଏହି ଉଦ୍ୟମଗୁଡ଼ିକ ପ୍ରଯୁକ୍ତି ଓ ଶିକ୍ଷା କ୍ଷେତ୍ରରେ ଭାରତର ଆଗାମୀ ଯାତ୍ରା ପାଇଁ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ଆଶା କରାଯାଉଛି।



ସୌମିକ ଅଟୋମୋବାଇଲ ତରଫରୁ କୁନି ପ୍ରତିଭା ସାଇ ପ୍ରୟାଗଙ୍କ ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକ ଉପଲକ୍ଷେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି ।ଉକ୍ତ ଶ୍ରଦ୍ଧାଞ୍ଜଳି ସଭାରେ ଅନୁଷ୍ଠାନର କର୍ମଚାରୀମାନେ ଯୋଗଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଶ୍ରୀଜୀଉଙ୍କୁ ଲାଗିହେଲା ପହିଲି ଭୋଗ

**ପୁରୀ,୧୬।୧୨ (ନି.ପ୍ର):** ପବିତ୍ର ଧନୁ ସଂକ୍ରାନ୍ତିରେ ଆଜି ଶ୍ରୀମନ୍ଦିରରେ ଶ୍ରୀଜୀଉମାନଙ୍କୁ ପହିଲି ଭୋଗ ଲାଗି ହୋଇଛି। ଏହା ସହ ଧନୁ ମୁଆଁ ଭୋଗ କରାଯାଇଛି। ଧନୁ ସଂକ୍ରାନ୍ତି ଠାରୁ ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ଅର୍ଥାତ୍ ଆଜି ଠାରୁ ଜାନୁଆରୀ ୧୩ ତାରିଖ ପର୍ଯ୍ୟନ୍ତ ସକାଳର ଗୋପାଳବଲ୍ଲଭ ଭୋଗ ସହିତ ପହିଲିଭୋଗ ଅନୁଷ୍ଠିତ ହେବ। ସୋମବାର ରାତି ୨ଟାରେ ଦ୍ୱାରଫିଟା ନୀତି ପରେ ଅନ୍ୟାନ୍ୟ ନୀତି ଆରମ୍ଭ ହୋଇଥିଲା। ଏହାପରେ ପହିଲି ଭୋଗ ନୀତି ଅନୁଷ୍ଠିତ ହୋଇଛି। ପହିଲି ଭୋଗରେ ବଡ଼ ଝିଲି, ଦରସୁଆ ବଡି, ଦରସୁଆ ଝିଲି, ବଡ଼ ବଡ଼ା, କାକେରା, ସାନ ଅମାଲୁ, ନଳୀ, କାକେରା, ଆରିସା, ମୁଗେଇ, ଏଣ୍ଡୁରି, ନଡ୍ଡୁ, ଗଜା, ଖଇର ଚୁଲ, ମଣ୍ଡା, ଚୁଡା ପୁଆ, ବଡ଼ି, କଂଟେଇ ପ୍ରଭୃତି ଭୋଗ ଲାଗି ହୋଇଛି। ଶ୍ରୀମନ୍ଦିରରେ ପହଲି ଭୋଗ ପାଇଁ ସଅଳ ନୀତି ଅନୁଷ୍ଠିତ ହେଉଛି। ଏହି ପହିଲି ଭୋଗ ସମୟରେ ମହାପ୍ରଭୁଙ୍କୁ ଦର୍ଶନ କଲେ ମହାପୂର୍ଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଛି। ପରମ୍ପରା ଅନୁଯାୟୀ, ପୌଷ ମାସରେ ଏକ ମାସ ଧରି ଲକ୍ଷ୍ମୀ ଠାକୁରାଣୀ ବାପ ଘରକୁ ଯାଇଥିବାରୁ ମାଆ ଯଶୋଦାଙ୍କ ଦ୍ୱାରା ପ୍ରସ୍ତୁତ ଖାଦ୍ୟ ମହାପ୍ରଭୁ ଖାଇଥାନ୍ତି।

# ଓଡିଶାରୁ ୩୫ ଦୃଷ୍ଟିହୀନ ପିଲାଙ୍କ ଉତ୍ତୋରତ୍ତର କାମନା କଲେ ପି କେ ମହାପାତ୍ର

ପାରାଦୀପ,୧୬।୧୨: ଓଡ଼ିଶା ଦୃଷ୍ଟିହୀନ ଏବଂ ପାରା ଜୁଡୋ ଆସୋସିଏସନର ନେତୃରେ ଲୋପାମୁଦ୍ରା ପତିଙ୍କ ନେତୃରେ ୧୪ତମ ପାରା ଜୁଡୋ ଚମ୍ପିଅନସିପ୍ - ୨୦୨୫ରେ ଅଂଶଗ୍ରହଣ କରିବା ପାଇଁ ଓଡ଼ିଶାର ବିଭିନ୍ନ ସ୍ଥାନରୁ ୩୫ ଜଣ ଦୃଷ୍ଟିହୀନ ପିଲାଙ୍କ ଏକ ଦଳ ରାଜସ୍ଥାନକୁ ଯାଉଛନ୍ତି। ଗତକାଲି ଏହି ଅବସରରେ, ଇଫକୋ ପାରାଦୀପ ୟୁନିଟର ୟୁନିଟ୍ ମୁଖ୍ୟ ପି. କେ. ମହାପାତ୍ର ଦଳକୁ ସମ୍ମାନିତ କରିଥିଲେ ଏବଂ ତାଙ୍କର ଉତ୍ତୋରତ୍ତର କାମନା କରିବାସହ ଶୁଭକାମନା ଜଣାଇଥିଲେ, ସେମାନଙ୍କ ଉତ୍ସାହ, ସମର୍ପଣ ଏବଂ ଜାତୀୟ ସ୍ତରରେ ପଦକ ଜିତିବାର ଉଲ୍ଲେଖନୀୟ ସଫଳତାକୁ ପ୍ରଶଂସା କରିଥିଲେ କାର୍ଯ୍ୟକ୍ରମ ସମୟରେ, ଜଣେ ଦୃଷ୍ଟିହୀନ ପିଲା ସୁନ୍ଦର ଭାବରେ ଭଗବଦ୍ ଗୀତାର ପ୍ରଥମ ଅଧ୍ୟାୟ ପାଠ କରିଥିଲେ, ଯାହାକୁ ଉପସ୍ଥିତ ସମସ୍ତ ବ୍ୟକ୍ତି ଅତ୍ୟନ୍ତ ପ୍ରଶଂସା କରିଥିଲେ।ଜୁଡୋ ଆସୋସିଏସନର ସହାୟକ କର୍ମଚାରୀମାନେ ଦୈନନ୍ଦିନ ଜୀବନରେ ଆତ୍ମବିଶ୍ୱାସ ଏବଂ ପ୍ରସ୍ତୁତିର ଗୁରୁ ଉପରେ ଆଲୋକପାତ କରି ଚ୍ୟାଲେଞ୍ଜିଂ ପରିସ୍ଥିତିରେ ଗ୍ରହଣ କରିବାକୁ ଥିବା ଆତ୍ମରକ୍ଷା କୌଶଳ ମଧ୍ୟ ପ୍ରଦର୍ଶନ କରିଥିଲେ।ଦଳ ଆଜି ବସ୍ ଯୋଗେ ଭୁବନେଶ୍ୱର ରେଳ ଷ୍ଟେସନକୁ ଯାତ୍ରା ଆରମ୍ଭ କରିଥିଲା ଏବଂ ଆସନ୍ତାକାଲି ଟ୍ରେନ୍ ଯୋଗେ ରାଜସ୍ଥାନକୁ ଯାତ୍ରା କରିବେ ଏହି ଅବସରରେ, ଇଫକୋ ପାରାଦୀପ ୟୁନିଟର ୟୁନିଟ୍ ମୁଖ୍ୟ ପି. କେ. ମହାପାତ୍ର ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ପୁଷ୍କର ବେହେରା ଦଳକୁ ପତାକା ଦେଖାଇ



ଶୁଭାରମ୍ଭ କରିଥିଲେ, ସେମାନଙ୍କୁ ଚମ୍ପିଅନସିପରେ ସଫଳତା ଏବଂ ଆହୁରି ଅନେକ ପଦକ କାମନା କରିଥିଲେ।ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ବିଜୟ କୁମାର ପରିଡା, ଡିଜିଏମ (ପି ଆଣ୍ଡ ଏ), ପ୍ରସନ୍ନ କୁମାର ବେଉରା, ପିଆରଓ, ଏବଂ ଜୟନ୍ତ କୁମାର ଜେନା ସମର୍ଥନ କରିଥିଲେ ଓଡ଼ିଶା ଦୃଷ୍ଟିହୀନ ଏବଂ ପାରା ଜୁଡୋ ଆସୋସିଏସନର ସମସ୍ତ ଅଂଶଗ୍ରହଣକାରୀ ଏବଂ ସହାୟକ କର୍ମଚାରୀଙ୍କୁ ଫଳ ପ୍ୟାକେଟ ବ ନ ସହିତ କାର୍ଯ୍ୟକ୍ରମ ଶେଷ ହୋଇଥିଲା।

# ଯୁବକଙ୍କୁ ହତ୍ୟା ଘଟଣାରେ ପତି ହନ୍ତା ସ୍ତ୍ରୀକୁ କୋର୍ଟ ଚାଲାଣ

ଖଣ୍ଡପଡ଼ା,୧୬।୧୨(ନି.ପ୍ର): ଖଣ୍ଡପଡ଼ା ବ୍ଲକ ଖଲିସାହି ପଞ୍ଚାୟତ ଅଧୀନ ବାସୁଦେବପୁର ଗ୍ରାମରେ ସ୍ୱାମୀକୁ ତ ି ଚିପି ସ୍ତ୍ରୀ ହତ୍ୟା କରିବା ଘଟଣାରେ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ଆଜି ଅଭିଯୁକ୍ତ ସ୍ତ୍ରୀକୁ ପୁଲିସ ବିଏନଏସର ଧାରା ୧୦୩ (୧)ରେ ଗିରଫ କରି କୋର୍ଟଚାଲାଣ କରିଛି। ଉଲ୍ଲେଖଯୋଗ୍ୟ ଯେ ଗତ ଶୁକ୍ରବାର ରାତିରେ ବାସୁଦେବପୁର ଗ୍ରାମର ମଧୁସୂଦନ ମହାପାତ୍ର ତାଙ୍କ ପୁଅ ବାପୁନି ମହାପାତ୍ରଙ୍କୁ ସ୍ତ୍ରୀ ଲକି ନାୟକ ହତ୍ୟା କରିଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ତେବେ ଅଭିଯୋଗ ପାଇବା ପରେ ପୁଲିସ ମହିଳାଙ୍କୁ ଥାନାକୁ ଉଠାଇ ଆଣି ଘଟଣାର ତଦନ୍ତ କରିଥିଲା ।ଆଜି ହତ୍ୟା ଅଭିଯୋଗରେ କୋର୍ଟଚାଲାଣ କରାଯାଇଥିବା ନେଇ ପୁଲିସ ସୂତ୍ରରୁ ସୂଚନା ମିଳିଛି।

# ଏଇଏମ ସ୍କୁଲର ୮ମ ବାର୍ଷିକ ଉତ୍ସବ ମହାଆଡ଼ମ୍ବରରେ ପାଳିତ

ବ୍ରହ୍ମପୁର,୧୬।୧୨: ମହାନଗର ନିଗମ ଅନ୍ତର୍ଗତ ୩ ନମ୍ବର ୱାର୍ଡ ଆସ୍କା ରୋଡ଼, କାଳୁ ପାତ୍ର ସାହି ଠାରେ ଥିବା ଏଇଏମ ସ୍କୁଲର ୮ମ ବାର୍ଷିକ ଉତ୍ସବ ମଙ୍ଗଳବାର ସନ୍ଧ୍ୟାରେ ସ୍ଥାନୀୟ ବାଣାଲିଙ୍ଗେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଏକ୍ସଟି ଜାଭିୟର ସ୍କୁଲର ଚେୟାରମ୍ୟାନ ହୃଷୀକେଶ ପଣ୍ଡା ଯୋଗଦାନ କରିଥିବା ବେଳେ, ସମ୍ମାନିତ ଅତିଥି ରୁପେ ଅଞ୍ଚଳର କର୍ପୋରେଟର ସବିତା ସାହୁ, ସ୍ଥାନୀୟ କର୍ପୋରେଟର ସନ୍ତୋଷ ସେଠୀ, ଟି. କିଶୋର କୁମାର, ପୂର୍ବତନ କର୍ପୋରେଟର ରାକେଶ ସାହୁ, ସମାଜସେବୀ ଉତ୍ତମ ସାହୁ, ଡ଼ା. ରାମହରି ଖଣ୍ଡୁଆଳ, ବିକ୍ରମ ଦାସ, ବଡ଼ ବଜାର ଥାନା ଅଧିକାରୀ ଇନ୍ସପେକ୍ଟର ଇନଚାର୍ଜ ବାବା ସରାଫ ଏବଂ ସ୍କୁଲର ଚେୟାରମେନ ଯୋଗେନ୍ଦ୍ର



ପାତ୍ର ପ୍ରମୁଖ ଯୋଗଦେଇ ମଞ୍ଚାସିନ ହୋଇଥିଲେ। ସ୍କୁଲର ସଭାପତି ସୂର୍ଯ୍ୟ ନାରାୟଣ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ମଧୁସ୍ମିତା ସାହୁ ବାର୍ଷିକ ବିବରଣୀ ପାଠ କରି ବର୍ଷ ତମାମ ସ୍କୁଲରେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ଅତିଥି ମାନଙ୍କୁ ଅବଗତ କରାଇ ଥିଲେ। ଏହି ପରିପ୍ରେକ୍ଷୀରେ ଅତିଥି ମାନେ ସ୍କୁଲର ପରିଚାଳନା କମିଟି ଓ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଅଭିନନ୍ଦନ ଶୁଭେଚ୍ଛା ଜଣାଇ ପିଲା ମାନଙ୍କୁ କେବଳ ଯେ, ଶିକ୍ଷା ଦେଇ ଆଗକୁ ବଢାଇବା ପାଇଁ ଚେଷ୍ଟା କରିବା ସହ ଏକ ଉତ୍ତମ ନାଗରିକ ହୋଇ ଦେଶ ଓ ରାଜ୍ୟ ସୁନାମ ଅର୍ଜନ କରିବା ନେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗୀତା ଓ କାର୍ଯ୍ୟକ୍ରମ ଗୁଡିକରେ କୃତିତ୍ୱ ଲାଭ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ମଞ୍ଚରେ ପ୍ରାୟ ଶହେରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ମାନଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ ପୂର୍ବକ ପୁରସ୍କୃତ କରାଯାଇଥିଲା ଉକ୍ତ କାର୍ଯ୍ୟକ୍ରମରେ ସ୍କୁଲର ସମ୍ପାଦକ ଟିଙ୍କିନା ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ପରିଚାଳନା ହୋଇଥିବା ବେଳେ, ଶିକ୍ଷୟତ୍ରୀ ମଧୁସ୍ମିତା ସାମଲ, ରିଙ୍କି ଗୌଡ଼, ଖୁସି ମହାନ୍ତି, ସ୍ନେହା ବେହେରା, ସଂଯୁକ୍ତାଙ୍କ ସମେତ ଅନ୍ୟ ସମେତ କର୍ମକର୍ତ୍ତା ଓ କର୍ମଚାରୀ ମାନେ ପରିଚାଳନରେ ସହଯୋଗ କରିଥିଲେ।

# କେନ୍ଦ୍ର ମନ୍ତ୍ରୀଙ୍କୁ ଭେଟିଲେ ଓଡ଼ିଶା ପ୍ରତିନିଧି ଦଳ

ନୂଆଦିଲ୍ଲୀ/ଭୁବନେଶ୍ୱର,୧୬।୧୨(ନି.ପ୍ର): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଓଡ଼ିଶାର ସାଂସଦ, ବିଧାୟକ ତଥା ବିଜେପିର ଏକ ପ୍ରତିନିଧି ଦଳ ମଙ୍ଗଳବାର ନୂଆଦିଲ୍ଲୀ ଠାରେ କେନ୍ଦ୍ର



ଖାଉଟି ବ୍ୟାପାର, ଖାଦ୍ୟ ଏବଂ ସାଧାରଣ ବଂଟନ ମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କୁ ଭେଟିଛନ୍ତି । ଓଡ଼ିଶାର ଚାଷୀଙ୍କ ସ୍ୱାର୍ଥ ଦୃଷ୍ଟିରେ ଉଷୁନା ଚାଉଳ ଉଠାଣ ପରିମାଣ ୨୦ ଲକ୍ଷ ମେଟ୍ରିକ ଟନରୁ ବଢାଇ ୨୫ ଲକ୍ଷ ମେଟ୍ରିକ ଟନ କରିବା ପାଇଁ ଅନୁରୋଧ କରିଛନ୍ତି । ଏ ସମ୍ପର୍କିତ ଏକ ପତ୍ର ବିଭାଗୀୟ ମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି, ଯେଉଁଥିରେ ଉଲ୍ଲେଖ ରହିଛି ୨୦୨୪-୨୫ ବର୍ଷ ପାଇଁ ଖରିଫ ଓ ରବି ଋତୁ ପାଇଁ ଓଡ଼ିଶାର ଧାନ ସଂଗ୍ରହ ପରିମାଣକୁ ୫୦ ଲକ୍ଷ ମେଟ୍ରିକ ଟନରୁ ୫୮ ଲକ୍ଷ ମେଟ୍ରିକ ଟନ ବୃଦ୍ଧି କରାଯାଇଛି । ଏଥିପାଇଁ ସେ କୃତଜ୍ଞତା ଜ୍ଞାପନ କରିଛନ୍ତି । ସେ ଉଲ୍ଲେଖ କରିଛନ୍ତି ଯେ ଏହି ଧାନ ସଂଗ୍ରହ ପରିମାଣ ବୃଦ୍ଧି ରାଜ୍ୟର ଚାଷୀ ସମାଜର ଆତ୍ମବିଶ୍ୱାସକୁ ବଢାଇବା ସହ ସୁରୁଖୁରୁରେ ସଂଗ୍ରହ କାର୍ଯ୍ୟକୁ ସୁନିଶ୍ଚିତ କରିଛି। ତେବେ ଓଡ଼ିଶାରେ ବିଶେଷ ଭାବରେ ଉଷୁନା ଚାଉଳ ଅଧିକ ଉତ୍ପାଦନ ହେଉଥିବା ବେଳେ ୨୦୨୫-୨୬ ଖରିଫ ଋତୁ ପାଇଁ ସଂଗ୍ରହ କାର୍ଯ୍ୟ ଆରମ୍ଭ ହୋଇଯାଇଥିବାରୁ ଉଷୁନା ଚାଉଳର ତୁରନ୍ତ ଉଠାଣ ନିତ୍ୟାନ୍ତ ଜରୁରୀ । ଏହି ପରିପ୍ରେକ୍ଷୀରେ, କେନ୍ଦ୍ରୀୟ ପୁଲ ଅଧୀନରେ ଉଭୟ ଖରିଫ ଓ ରବି ଋତୁ ପାଇଁ ଓଡ଼ିଶାର ଉଷୁନା ଚାଉଳ ଉଠାଣ ପରିମାଣକୁ ବର୍ତ୍ତମାନର ୨୦ ଲକ୍ଷ ମେଟ୍ରିକ୍ ଟନକୁ ବଢାଇ ୨୫ ଲକ୍ଷ ମେଟ୍ରିକ୍ ଟନ କରିବା ପାଇଁ ଅନୁରୋଧ କରିଛନ୍ତି । ଭାରତୀୟ ଖାଦ୍ୟ ନିଗମ (ଏଫସିଆଇ) ଦ୍ୱାରା ବଳକା ଥିବା ଏହି ଉଷୁନା ଚାଉଳର ଶୀଘ୍ର ଉଠାଣ ହେଲେ ଓଡ଼ିଶାର ଚାଷୀମାନେ ବିଶେଷ ଭାବରେ ଲାଭବାନ ହେବେ ଏବଂ ଜାତୀୟ ଖାଦ୍ୟ ନିରାପତା ବ୍ୟବସ୍ଥା ଆହୁରି ମଜବୁତ୍ ହେବ ।

### ଶିଖରପୁର ଉଚ୍ଚ ବିଦ୍ୟାଳୟରୁ ଚାଉଳ ଲୁଟ ଘଟଣା

# ତଦନ୍ତ କଲେ ଗୋଷ୍ଠୀ ଶିକ୍ଷାଧିକାରୀ

ଖଣ୍ଡପଡ଼ା,୧୬।୧୨ (ନିପ୍ର): ଖଣ୍ଡପଡ଼ା ବ୍ଲକ ଶିଖରପୁର ଉଚ୍ଚ ବିଦ୍ୟାଳୟରୁ ବାଇକ ଯୋଗେ ଚାଉଳ ହଡପ ଘଟଣାରେ ଆଜି ତନାଘନା କରିଛନ୍ତି ।ଗୋଷ୍ଠୀ ଶିକ୍ଷାଧିକାରୀ ସ୍ଥାନୀୟ ବାସିନ୍ଦାଙ୍କ ଠାରୁ ମିଳିଥିବା ସୂଚନା ଅନୁଯାୟୀ ଆଜି ପୂର୍ବାହ୍ନରେ ବିଦ୍ୟାଳୟରେ ଖଣ୍ଡପଡ଼ା ଗୋଷ୍ଠୀ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର କର ପହଞ୍ଚିବା ସହିତ ଘଟଣା ବାବଦରେ ପଚାରି ବୁଝିଥିଲେ। ଦୀର୍ଘ ସମୟ ଧରି ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ କର୍ମଚାରୀଙ୍କ ଠାରୁ ସବିଶେଷ ତଥ୍ୟ ସଂଗ୍ରହ କରିଥିବା ନେଇ ସୂଚନା ମିଳିଛି ଫଳରେ ଘଟଣାରେ କେଉଁ ମାନେ ସମ୍ପୃକ୍ତ ଅଛନ୍ତି ଓ କେଉଁ ପରିସ୍ଥିତିରେ ବିଦ୍ୟାଳୟରୁ ମଧ୍ୟାହ୍ନ ଭୋଜନ ସାମଗ୍ରୀ ବାହାରକୁ ଗଲା ସେ ନେଇ ରହସ୍ୟ ଉପରୁ ପରଦା ଉଠିବ ବୋଲି ମତପ୍ରକାଶ ପାଇଛି ତେବେ ପୂର୍ବରୁ କିଆଝର ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟରେ ମଧ୍ୟ ସମାନ ଘଟଣା ଘଟିଥିବା ବେଳେ ତଦନ୍ତ ଆଳରେ ଦିନ ଗଡାଇଥିଲେ ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀ କର ଶିଖରପୁର ଘଟଣାରେ ରାଜନୈତିକ ଲିଙ୍କ ଥିବାରୁ ଘଟଣା ଚାପିବେ କି କାର୍ଯ୍ୟାନୁଷ୍ଠାନ ନେବେ ତାକୁ ନେଇ ପ୍ରଶ୍ନ ଉଠିଛି । ଅନ୍ୟପକ୍ଷରେ ବିଦ୍ୟାଳୟରୁ ଚାଉଳ ନେଉଥିବା ବେଳେ ଭିଡିଓ ଭାଇରାଲ ଘଟଣାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ସ୍ଥାନୀୟ ବାସିନ୍ଦା ବିଦ୍ୟାଳୟର ପ୍ରଧାନଶିକ୍ଷକ ସ୍ଥାନୀୟ ଜନପ୍ରତିନିଧିଙ୍କ ସମର୍ଥକ ସାଜି ଏଭଳି ଅଘୋଷିତ ଲୁଟକୁ ମଞ୍ଜୁରୀ ଦେଇଥିବା ନେଇ କହିଛନ୍ତି ପଞ୍ଚାୟତ ବାସିନ୍ଦା।

# ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ନେଇ ଏସପି ଏବଂ କମିଶନରଙ୍କ ସହ ଜିଲ୍ଲାପାଳଙ୍କ ସୁବ୍ୟବସ୍ଥାର ସମୀକ୍ଷା



ବ୍ରହ୍ମପୁର,୧୬।୧୨: ଶୀତ ଋତୁର ମଜା ଉଠାଇବା ନେଇ ସହରରେ ଉଦ୍ଘାଟିତ ବହୁ ମେଳା, ବଜାର ଓ ମନୋରଞ୍ଜନ କାର୍ଯ୍ୟକ୍ରମ ପରିଦର୍ଶନ ପାଇଁ ଜନ ସାଧାରଣ ମାନେ ପରିବାର ସହ ସନ୍ଧ୍ୟା ଭ୍ରମଣ କରୁଥିବା ବେଳେ, ଚଳଚଞ୍ଚଳ ରହିଛି ବ୍ରହ୍ମପୁର ସହର ଏହି ଅବସରରେ ଆସନ୍ତା ୧୭.୧୨.୨୦୨୫ ତାରିଖ ଦିନ ମାନ୍ୟବର ଓଡିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ବ୍ରହ୍ମପୁର ଗସ୍ତ କାର୍ଯ୍ୟକ୍ରମ ସୁନିଶ୍ଚିତ ହୋଇଛି ଏହି ଗସ୍ତ କାର୍ଯ୍ୟକ୍ରମକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ଗଞ୍ଜାମ ଜିଲ୍ଲା ଜିଲ୍ଲାପାଳ ଭି କୀର୍ତ୍ତି ଭାସନ୍, ବ୍ରହ୍ମପୁର ଏସପି ସର୍ବନା ବିବେକ ଏମ ଏବଂ ମହାନଗର ନିଗମ କମିଶନର ପ୍ରଥମେଶ ଅରବିନ୍ଦ ରାଜେଶିର୍କେଙ୍କ ସହ ଏକ ତଦାରଖ କରି ମୁଖ୍ୟମନ୍ତ୍ରୀ କାର୍ଯ୍ୟକ୍ରମ ଆରମ୍ଭ ଠାରୁ ଶେଷ ପର୍ଯ୍ୟନ୍ତ କିଭଳି ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରାଯାଇ ପାରିବ ଏବଂ ସେହି ସମୟରେ ଯେପରି କୌଣସି ଟ୍ରାଫିକ ସମସ୍ୟା ନରହିବ ସେନେଇ ନୂତନ ସମୀକ୍ଷା କରିଥିଲେ ପରେ ଏକ ଅସ୍ଥାୟୀ ଟ୍ରାଫିକ ନିର୍ଦ୍ଦେଶ ବଳି ଜାରି କରାଯାଇଥିବା ସୂଚନା ମିଳିଛି, ସୂଚନା ପ୍ରକାରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମ ୧୭ ତାରିଖ ପୂର୍ବାହ୍ନ ୧୦ ଘଟିକା ସମୟ ଠାରୁ ଅପରାହ୍ନ ୨ ଘଟିକା ପର୍ଯ୍ୟନ୍ତ ରହିଥିବା ବେଳେ, ଏହାକୁ ଦୃଷ୍ଟିରେ ରଖି ଟ୍ରାଫିକ ବ୍ୟବସ୍ଥା ପାଇଁ ନିର୍ଦ୍ଦେଶ କ୍ରମେ ସହର ମଧ୍ୟ ପ୍ରବେଶ କରିଥିବା ରାସ୍ତା ଯଥା ହଳଦିଆପଦର ଆଡୁ କୌଣସି ଭାରିଯାନ ଅନ୍ଧପସର ଛକ ଆଡକୁ ଆସିପାରିବେ ନାହିଁ, ସେହିପରି ସହରର ମଧ୍ୟ ଭାଗ ଗିରିଜା ଛକ ଆଡୁ କୌଣସି ଗାଡି ରାମଲିଙ୍ଗେଶ୍ୱର ପାର୍କ ଆଡକୁ ନଯାଇ କର୍ପୋରେସନ ରୋଡ ଦେଇ ଯିବାକୁ ନିର୍ଦ୍ଦେଶ ରହିଛି ଅନ୍ୟପଟେ ଜ୍ୟୋତି ପେଟ୍ରୋଲ ପମ୍ପ ଆଡୁ ଆସୁଥିବା କୌଣସି ଯାନ ରାମଲିଙ୍ଗେଶ୍ୱର ଟ୍ୟାଙ୍କ ଆଡକୁ ଯାଇ ପାରିବେ ନାହିଁ, ଗାନ୍ଧୀନଗର ଆଡୁ ଆସୁଥିବା କୌଣସି ଯାନ ରାମଲିଙ୍ଗେଶ୍ୱର ଟ୍ୟାଙ୍କ ଆଡକୁ ଯାଇ ପାରିବେ ନାହିଁ, ସେମାନଙ୍କୁ ଜ୍ୟୋତି ପେଟ୍ରୋଲ ପମ୍ପ ଆଗରୁ ମହାତ୍ମା ଗାନ୍ଧି ଷ୍ଟାଡିୟମ ଆଡକୁ ଉପର ରାସ୍ତାରେ ଛଡାଯିବ ବୋଲି ନିର୍ଦ୍ଦେଶ ଦିଆଯାଇଛି ସେହିପରି ଧର୍ମନଗର, ମାଁ ବୁଢୀ ଠାକୁରାଣୀ ମନ୍ଦିର, ଡାଇମଣ୍ଡ ଟ୍ୟାଙ୍କ ରୋଡ, ଭେଙ୍କଟେଶ୍ୱର ମନ୍ଦିର, ପାକଲବାରି ସାହି, ବଡ ବଜାର ଆଡୁ ବିଇଏମସି ଅଫିସ ପାର୍ଶ୍ୱ ଦେଇ ହନୁମାନ ବଜାର ଆଡୁ କାମ୍ପ ସାହି ଓ ହନୁମାନ ମୂର୍ତ୍ତି ଦେଇ କୌଣସି ଯାନବାହାନ ରାମଲିଙ୍ଗେଶ୍ୱର ଟ୍ୟାଙ୍କ ଆଡକୁ ଆସିପାରିବେ ନାହିଁ ବୋଲି କଡା ନିର୍ଦ୍ଦେଶ ଦିଆଯାଇଛି ପରିଶେଷରେ ସହରର ପ୍ରସ୍ଥାନ କରିବା ବା ମାଲ୍ ବୋଝେଇ ଟ୍ରକ ଗୁଡ଼ିକର ଯିବା ଆସିବା ରାସ୍ତା ଯଥା ହରିଡାଖଣ୍ଡି ଆଡୁ ଆସୁଥିବା ଗାଡି ଗୁଡିକ ଆସ୍କା ରୋଡ ଦେଇ ସହର ଭିତରକୁ ପ୍ରବେଶ କରିପାରିବେ କିମ୍ବା ମେ ୁ ଛକ ଠାରୁ ସହର ଭିତରକୁ ପ୍ରବେଶ କରିପାରିବେ, କିନ୍ତୁ ଆମ୍ବ ବଜାର ଆଡକୁ ଯାଇ ପାରିବେ ନାହିଁ ବୋଲି ନିର୍ଦ୍ଦେଶ ରହିଥିବା ଏକ ପ୍ରେସ ବିଜ୍ଞପ୍ତି ଜାରି କରାଯାଇଛି ତେବେ ଏହି ଗସ୍ତ ସମୟରେ ମୁଖ୍ୟମନ୍ତ୍ରୀଙ୍କ ବହୁ ପ୍ରକଳ୍ପର ଉଦ୍ଘାଟନ ସହ କିଛି ସମ୍ପୂର୍ଣ୍ଣ ନିର୍ମାଣ କାର୍ଯ୍ୟର ଶୁଭ ଉଦ୍ଘାଟନ ହୋଇପାରେ ବୋଲି ସମ୍ୟକ୍ ସୂଚନା ମିଳିଛି ।

# ପାରାଦୀପରେ ବାପି ସର୍ଖେଲଙ୍କ ଦାମବାବୁଙ୍କ ଜୟନ୍ତୀ ପାଳନ ସଇତାନର ବେଦ ପାଠ ସଦୃଶ

ପାରାଦୀପ୧୬।୧୨ - ଗତ ସାଧାରଣ ନିର୍ବାଚନ ପରେ ଦୁଇଫାଳ ହୋଇଥିବା ପାରାଦୀପ ନଗର ବିଜେଡି ଯୋଡ଼ି ହେବା ପରିବର୍ତ୍ତେ ଦୁର୍ ବଢ଼ି ଚାଲିଥିବା ଦେଖିବାକୁ ମିଳୁଛି ଗୋଟିଏ ପଟେ ପାରାଦୀପ ନଗର ବିଜେଡି ସଭାପତି ତଥା ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳଙ୍କ ଦୃଢ଼ ନେତୃତ୍ୱ ପଛରେ ପୌର ପରିଷଦର ସିଂହ ଭାଗ ପାରିଷଦଙ୍କ ସମେତ ଦଳୀୟ ନେତା ଓ କର୍ମୀ ମାନେ ଯୋଡ଼ି ହୋଇ ରହିଥିବା ବେଳେ ଅପର ପଟେ ହାତଗଣତି କିଛି କର୍ମୀଙ୍କ ସହିତ ବିଜେପିରୁ ବହିଷ୍କୃତ ଦୁଇ ତିନି ଜଣ ଅଛନ୍ତି ।

ସୂଚନା ଥାଉକି, ପୌରାଧ୍ୟକ୍ଷ ଶ୍ରୀ ବିଶ୍ୱାଳଙ୍କ ଦ୍ୱାରା ସମୁଦ୍ର ବେଳାଭୂମିରେ ବିଜୁ ମିନାର ସ୍ଥାପନ ସହିତ ବେଳାଭୂମିର ସୌନ୍ଦର୍ଯ୍ୟୀକରଣ,ପୌରାଞ୍ଚଳରେ ଉତ୍କଳ ଗୌରବ ମଧୁସୂଦନ ଦାସ ଓ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସ୍ଥାପିତ ହେବା ସମ୍ଭବ ହୋଇ ପାରିଛି। ସେହିପରି ପୌରାଧ୍ୟକ୍ଷ ଙ୍କ ଅନୁରୋଧ କ୍ରମେ ପାରାଦୀପ ବନ୍ଦରର ପ୍ରବେଶ ପଥ ଅଠରବାଙ୍କୀ ସ୍ଥିତ ବିଜୁ ପାର୍କର ନବୀକରଣ କାର୍ଯ୍ୟ ବନ୍ଦର କର୍ତ୍ତୃପକ୍ଷଙ୍କ ଦ୍ୱାରା ଜାରି ରହିଛି ତେବେ ରାଜନୀତିରେ ନିଜର ଅସ୍ଥି ଜାହିର କରିବା ପାଇଁ ଧସେଇ ପଶିଥିବା ଜାତୀୟ କଂଗ୍ରେସରେ ଏକାଧିକ ଥର ପ୍ରାର୍ଥୀ ହୋଇ ମାଟି କାମୁଡିବା ପରେ ନିଜର ଅପରାଧିକ,ଅସାମାଜିକ କାର୍ଯ୍ୟ ପାଇଁ ବିଜେଡି ଓ ବିଜେପି ରେ ସାମିଲ ହେବାକୁ ଶତ ଚେଷ୍ଟା କରି ବିଫଳ ହୋଇଥିଲେ ସର୍କେଲ। ସେହିଭଳି ଗତ ପୌର ନିବାଚନରେ ଜାତୀୟ କଂଗ୍ରେସର ଦୟନୀୟ ସ୍ଥିତିକୁ ଦେଖି ବିଜେଡି ଓ ବିଜେପିରେ ଲାଗି ରହିଥିବା ଗୋଷ୍ଠି କନ୍ଦଳରୁ ମୁନାଫା ଉଠାଇବା ଲକ୍ଷ୍ୟରେ ଆମ ପାରାଦୀପ ଆମ ପ୍ରଗତି ନାମକ ଗଢିଥିବା ନୂତନ ସଂଗଠନ ପକ୍ଷରୁ ବିଜେଡି ଓ ବିଜେପିର ଅସନ୍ତୁଷ୍ଟ ମାନଙ୍କୁ ପାରିଷଦ ପ୍ରାର୍ଥୀ କରି, ପୌର ନିର୍ବାଚନରେ ସର୍ବାଧିକ ୯ ଜଣ ପାରିଷଦ ଆମ ପାରାଦୀପ ଆମ ପ୍ରଗତି ବ୍ୟାନରରେ ପାରିଷଦ ବିଜୟୀ ହୋଇଥିଲେ ହେଁ ବିଜୟୀ ହେବାର ମାସ କେଇଟା ନ ପୁରୁଣୁ ମାତ୍ର ଦୁଇ ତିନି ଜଣଙ୍କୁ ଛାଡି ଅନ୍ୟ ପାରିଷଦ ମାନେ ବାପି ସାର୍ଖେଲଙ୍କ ହାତ ଛାଡ଼ି ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳଙ୍କ ସହିତ ହାତ ମିଳାଇଥିବା ଦେଖିବାକୁ ମିଳୁଛି ।ନିଜର କଳା କର୍ମ ପାଇଁ କଂଗ୍ରେସ ନେତା ତାଲିକାରୁ ବାଦ୍ ପଡିବା ଫଳରେ ରାଜନୀତିରେ ନିଜର ଅସ୍ଥି ରକ୍ଷା କରିବା ପାଇଁ ବିଜେଡି ଓ ବିଜେପି ଦଳରେ ସାମିଲ ହେବା ପାଇଁ ସତଚେଷ୍ଟା କରି ନିରାଶ ହେବା ପରେ ବିଜେଡିର ନିର୍ଦ୍ଦିଷ୍ଟ ଏକ କୋଟରି ଗୋଷ୍ଠୀ ଙ୍କୁ ମୋଟା ଅଙ୍କରେ ବଶୀଭୂତ କରି ନିଜ ର ଅପରାଧିକ ରେକର୍ଡ ଯୋଗୁ ଧର୍ମପତ୍ନୀଙ୍କ ଜରିଆରେ ନାକ କୁ ବୁଲେଇ ଛୁଇବା ଭଳି ବିଜେଡି ନେତା ଭାବେ ନିଜର ଅସ୍ଥି ଜାହିର କରିବା ପାଇଁ ପ୍ରାଣ ମୂର୍ଚ୍ଛା ଉଦ୍ୟମ କରୁଛନ୍ତି ତେବେ ବିରାଡ଼ି କପାଳକୁ ସିକା ଛିଡ଼ିବା ଭଳି ଗତ ସାଧାରଣ ନିର୍ବାଚନରେ ବିଜେଡି ହାତରୁ ବିଜେପି କ୍ଷମତା ଛଡେଇ ନେବା ଫଳରେ ବାପି ସାର୍ଖେଲଙ୍କ ଅକଲ ଗୁଡୁମ୍ ହୋଇ ଯାଇଛି ବିଜେଡି ମାଟି କାମୁଡିବା ପରେ ରାଜ୍ୟରେ କ୍ଷମତାସୀନ ବିଜେପି ଦଳରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ରାଜ୍ୟ ସଭାପତି ମନ ମୋହନ ସାମଲଙ୍କ ଭିତରେ ଲାଗି ରହିଥିବା ଶୀତଳ ଯୁଦ୍ଧ ଭିତରେ ବିଜେପିରେ ଧସେଇ ପଶିବା ପାଇଁ ବିଜେପିର ରାଜ୍ୟ ସଭାପତି ମନମୋହନ ସାମଲଙ୍କ ସହିତ ଭିତିରି ଯୋଗସୂତ୍ର ଜାରି ରଖିଥିବା ଜାଣିବା ପରେ ପାରାଦୀପ ବିଧାୟକ ତଥା ରାଜ୍ୟ ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ ମଧ୍ୟ ବାପି ସାର୍ଖେଲଙ୍କ ବାଟ ଓଗାଳିବାରେ ବେଶ୍ ତତ୍ପର ହୋଇ ପଡ଼ିଥିବା ଏକ ନିର୍ଭର ଯୋଗ୍ୟ ସୂତ୍ରରୁ ସୂଚନା ମିଳିଛି ।

ଚାରିଆଡୁ ହତାଶ ହେବା ପରେ ରାଜନୀତିରେ ତିଷ୍ଠି ରହିବା ପାଇଁ ଶେଷରେ ପାରାଦୀପ ନଗର ବିଜେଡିରେ ଅସ୍ଥି ଜାହିର କରିବା ପାଇଁ ଦଳର ନଗର ସଭାପତି ତଥା ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳଙ୍କୁ ବିଭିନ୍ନ କ୍ଷେତ୍ରରେ ବିରୋଧ କରି ନିଜକୁ ପାରାଦୀପ ବିଜେଡି ନେତା ଭାବେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିବା କୌଶଳ ଆପଣେଇଛନ୍ତି ଡାକ୍ତର ଦାମୋଦର ରାଉତଙ୍କ ଜନ୍ମ ଦିନ ପାଳନ କରିବା ଆଳରେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ରଙ୍ଗ ବୋଳିବାକୁ ନେଇ ବିଭିନ୍ନ ମହଲରେ ଆଲୋଚନା ହେଉଛି । ଅତୀତରେ ବିଜୁ ବାବୁଙ୍କ ଆଦର୍ଶ ଓ ଦାମ ବାବୁଙ୍କ ନେତୃକୁ ସମ୍ପୂର୍ଣ୍ଣ ବିରୋଧ, ଅପମାନିତ ଓ ନିନ୍ଦିତ କରି ଆସିଥିବା ବାପି ସର୍ଖେଲ ସାଂପ୍ରତିକ ରାଜନୈତିକ ଦୃଶ୍ୟପଟରେ ବହୁ ରୁପି ଏଣ୍ଡୁଅ ରଙ୍ଗ ପରିବର୍ତ୍ତନ କଲା ଭଳି ବିଜେଡିରେ ନିଜର ରାଜନୈତିକ ଅସ୍ଥି ବଞ୍ଚେଇ ରଖିବା ପାଇଁ ଜଳାନ୍ତକ ରୋଗୀଙ୍କ ଭୂମିକା ନିଭାଉ ଥିବା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେବାରେ ଲାଗିଛି ।

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104, Email : odishamanthan@gmail.com
● Editor : Sarat Raut
ସଂପାଦକ: ଶରତ ରାଉତ